ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବାଲେଶ୍ୱର ■ ଶନିବାର ୨୪ ଜୁନ୍ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 24 JUNE 2023
Vol.No. 35 ■ No. 165■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

# ପାଟନାରେ ମୋଦିଙ୍କ ବିରୋଧରେ ମହାମେଳି

## ୨୦୨୪ ନିର୍ବାଚନରେ ଆମେ ସମସ୍ତେ ଏକାଠି ଲଢ଼ିବୁ: ବିରୋଧୀ ମେଣ୍ଟ



ପାଟନା,୨୩/୦୬ : ବିଜେପି ସରକାରକୁ ହଟାଇବା ପାଇଁ ଏକାଠି ହୋଇଛନ୍ତି ଦେଶର ୧୫ଟି ବିରୋଧୀ ଦଳ । ସବୁ ଦଳର ଲକ୍ଷ୍ୟ ହେଉଛି କିପରି ୨୦୨୪ରେ ନରେନ୍ଦ୍ର ମୋଦୀଙ୍କୁ ହରାଇବେ । ଆଉ ବଡ଼ କଥା ହେଉଛି, ମୋଦୀ ସରକାରକୁ ହଟାଇବା ପାଇଁ ବିରୋଧୀ ଏକାଠି ନିର୍ବାଚନ ଲଢ଼ିବାକୁ ସହମତ ହୋଇଥିବା କୁହାଯାଉଛି । ବୈଠକର ନେତୃତ୍ୱ ନେଇଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କହିଛନ୍ତି । ବର୍ତ୍ତମାନର ସରକାର ଇତିହାସ ବଦଳାଉଛନ୍ତି । ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କୁ ଇତିହାସ ପୃଷ୍ଠାରୁ ହଟାଇ ଦେବାକୁ ଉଦ୍ୟମ ହେଉଛି । ସେହିପରି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଏହା ବିଚାରଧାରାର ଲଢ଼େଇ ଆମ ଭିତରେ ଅଳ୍ପ-ବହୁତ ମତଭେଦ ଥାଇପାରେ, କିନ୍ତୁ ଆମକୁ ଏକାଠି ହୋଇ ଲଢ଼ିବାକୁ ପଡ଼ିବ । କାରଣ ବାରମ୍ବାର ଦେଶର ସମ୍ବିଧାନ ଉପରେ ଆକ୍ରମଣ କରାଯାଉଛି । ମିଳିତ ପ୍ରେସ ବିବୃତିରେ ମମତା ବାନାର୍ଜୀ, କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି । ମମତା କହିଛନ୍ତି, କେନ୍ଦ୍ର ବିରୋଧରେ ଯିଏ ସ୍ୱର ଉଠାଉଛି, ତାଙ୍କ ପଛରେ ସିବିଆଇ ଓ ଇଡି ଲଗାଇ ଦିଆଯାଉଛି । ବିଜେପି ଯେତେ କଳା ଆଇନ୍ ଆଣିବ, ଆମେ ତାକୁ ଏକାଠି ହୋଇ ପ୍ରତିବାଦ କରିବୁ । ସେପଟେ ପ୍ରେସ କନଫରେନ୍ସରେ ସାମିଲ୍ ହୋଇନାହାନ୍ତି ଆମ୍ ଆଦମୀ ପାର୍ଟିର ନେତା । ବିରୋଧୀ ନେତାଙ୍କ ବୈଠକ ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ସିଧା ପାଟନା ମୁଖ୍ୟମନ୍ତ୍ରୀ ବାସଭବନ ଅଭିମୁଖେ ବାହାରିଯାଇଥିଲେ । କୁହାଯାଉଛି ଯେ ଏହା ପୂର୍ବରୁ ବୈଠକରେ କେଜ୍ରିୱାଲ ଦିଲ୍ଲୀରେ ଅଧ୍ୟାଦେଶ ଉପରେ ସମସ୍ତଙ୍କ ସହାୟତା ଲୋଡ଼ିଥିଲେ । ଏହା ଉପରେ ଉଦ୍ଧବ ଠାକରେଙ୍କ ସମେତ କିଛି ନେତା ସମର୍ଥନ ଦେବାକୁ ଅପିଲ କରିଥିଲେ । କିନ୍ତୁ ନ୍ୟାସନାଲ୍ କନଫରେନ୍ସ ନେତା ଉମର ଅବଦୁଲ୍ଲା, କେଜ୍ରିୱାଲଙ୍କୁ ସମର୍ଥନ ଦେଇନଥିଲେ । ସେପଟେ ବିରୋଧୀଙ୍କ ଏହି ବୈଠକକୁ ନେଇ କଟାକ୍ଷ କରିଛି ବିଜେପି । ପାଟନାରେ ହୋଇଥିବା ବିରୋଧୀ ଦଳ ▶▶ପୃଷ୍ଠା ୭

# ସରକାରୀ ବାବୁଙ୍କ ଅମାପ ସମ୍ପତ୍ତି: ପେଟି ପେଟି ଟଙ୍କା ଦେଖି ତାଟକା ଭିଜିଲାନ୍ସ ଟିମ୍





ଭୁବନେଶ୍ୱର , ୨୩/୦୬ (ନି.ପ୍ର): ଭିଜିଲାନ୍ସ ପଞ୍ଝାରେ କୋଟିପତି ସରକାରୀ ବାବୁ। ନବରଙ୍ଗପୁରର ଅତିରିକ୍ତ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ରାଉତଙ୍କ ସରକାରୀ ବାସଭବନରେ ରେଡ୍ ବେଳେ ତାଙ୍କର ଅମାପ ସମ୍ପତ୍ତି ଏବଂ ପେଟି ପେଟି ଟଙ୍କା ଦେଖି ଭିଜିଲାନ୍ସ ଟିମ୍ ବି ତାଜୁବ । ଶୁକ୍ରବାର ସକାଳୁ ସକାଳୁ ଭିଜିଲାନ୍ସ ଟିମ୍ ନବରଙ୍ଗପୁର ଅତିରିକ୍ତ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ରାଉତଙ୍କ ରାଜଧାନୀର କାନନ ବିହାରସ୍ଥିତ ବାସଭବନରେ ଚଢ଼ଉ କରିବାକୁ ପହଞ୍ଚିଥିଲା । ତେବେ ପ୍ରଶାନ୍ତ କୁମାର ରାଉତଙ୍କ ପଡୋଶୀଙ୍କ ଛାତ ଉପରୁ ମିଳିଥିଲା ବିଡି ବିଡା ଟଙ୍କା । ଭିଜିଲାନ୍ସ ଟିମ୍ ଛାତ ଉପରୁ ବିଡ଼ାବିଡ଼ା ୫ଶହ ଟଙ୍କିଆ ଭର୍ତ୍ତି ୬ଟି ପ୍ୟାକେଟ୍ ଜବତ କରିଥିଲେ । ଜବତ ଅର୍ଥର ପରିମାଣ ୨ କୋଟି ୨୫ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। ଏହି ଟଙ୍କା ନବରଙ୍ଗପୁର ଅତିରିକ୍ତ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ରାଉତଙ୍କର ବୋଲି କୁହାଯାଉଛି। ଭିଜିଲାନ୍ସ ଟିମ୍ ଆସିଥିବା ଜାଣି ସେ ଘରେ ନଥିଲେ, କିନ୍ତୁ ପରିବାର ଲୋକଙ୍କୁ ▶▶ପୃଷ୍ଠା ୭

# ଲିଙ୍ଗରାଜ ମନ୍ଦିରରୁ ୪ ସେବାୟତ ଗିରଫ : ଭକ୍ତଙ୍କୁ ଦୁର୍ବ୍ୟବହାର ସହ ମାଗୁଥିଲେ ଟଙ୍କା ଓ ଅଳଙ୍କାର



ଭୁବନେଶ୍ୱର, ୨୩/୦୬ (ନି.ପ୍ର): ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରରୁ ୪ ସେବାୟତ ଗିରଫ ହୋଇଛନ୍ତି । ଏ ନେଇ ଡିସିପି ପ୍ରିତିକ ସିଂ ସୂଚନା ଦେଇଛନ୍ତି । ଗିରଫ ସେବାୟତମାନେ ହେଲେ ମନମୋହନ ମହାପାତ୍ର, ବୀର ବେହେରା, କୃପାସିନ୍ଧୁ ମହାପାତ୍ର ଓ ପ୍ରକାଶ ବଟୁ । ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଭକ୍ତମାନଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ଅଭିଯୋଗ ହୋଇଥିଲା । ଏହି ସେବାୟତମାନଙ୍କ ହାବୁଡରେ ପଡୁଥିବା ଭକ୍ତମାନଙ୍କଠାରୁ ଟଙ୍କା ଓ ଅଳଙ୍କାର ଆଦାୟ କରୁଥିଲେ । ପୂର୍ବରୁ ଏମାନଙ୍କ ବିରୋଧରେ ଅନେକ ମାମଲା ରହିଛି ।

# ଗୁଣ୍ଡିଚା ମନ୍ଦିରରୁ ବାହାରିଲା ପ୍ରଥମ ଆଡପ ଅବଢା: ୫୦ ହଜାର ଭକ୍ତଙ୍କ ପାଇଁ ବ୍ୟବସ୍ଥା

ପୁରୀ , ୨୩/୦୬ (ନି.ପ୍ର): ବାହାରିଲା ଆଡପ ଅବଢା । ପୁରୀ ଗୁଣ୍ଡିଚା ମନ୍ଦିରରୁ ଆଡପ ଅବଢା ବାହାରିଲା । ସକାଳ ଧୂପ ପରେ ଆଡପ ଅବଢା ବାହାରିଛି । ପ୍ରଥମ ଆଡପ ଅବଢ଼ା ପାଇଲେ ଭକ୍ତ । ୫୦ ହଜାର ଭକ୍ତଙ୍କ ପାଇଁ ଆଜି ସୁଆର ମହାସୁଆର ନିଯୋଗ ପକ୍ଷରୁ ଆଡ଼ପ ଅବଢ଼ା ବ୍ୟବସ୍ଥା କରାଯାଇଛି । ଭକ୍ତମାନେ ଯେଭଳି ସୁବିଧାରେ ମହାପ୍ରସାଦ ସେବନ କରିପାରିବେ ସେନେଇ ଗୁଣ୍ଡିଚା ମନ୍ଦିର ଭିତରେ ମଧ ବିଶେଷ ବ୍ୟବସ୍ଥା କରାଯାଇଛି । ସେହିପରି ଅବଢ଼ା ଦର ଯେଭଳି ଚଢ଼ା ନହେବ ସେ ଦିଗରେ ନିଯୋଗ ବେଶ୍ ଗୁରୁତ୍ୱ ଦେଇଛି । ଆଡ଼ପ ମଣ୍ଡପରେ ଦର୍ଶନ ଦେଉଛନ୍ତି ଶ୍ରୀଜିଉ । ଜନ୍ମବେଦୀରେ ଚାଲିଛି ଲୀଳାଖେଳା । ଆଡ଼ପ ମଣ୍ଡପରେ ମହାପ୍ରଭୁ ଦର୍ଶନ ଦେଉଛନ୍ତି । ଅନ୍ୟପଟେ ଶୁକ୍ରବାର ମହାପ୍ରଭୁଙ୍କ ବନକଲାଗି ନୀତି । ଦ୍ୱିତୀୟ ଭୋଗ ମଣ୍ଡପ ପରେ ଏହି ଗୁପ୍ତ ନୀତି ଅନୁଷ୍ଠିତ ହେବ । କଳା, ଧଳା, ନାଲି, ହଳଦିଆ, ହରିତାଳ ପ୍ରିୟଙ୍ଗୁ, କସ୍ତୁରୀରେ ଶ୍ରୀମୁଖକୁ ଶୃଙ୍ଗାର କରାଯିବ । ଆଉ ସେଥି ପାଇଁ ସନ୍ଧ୍ୟାରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଆଡ଼ପ ମଣ୍ଡପରେ ଦର୍ଶନର ବିଶେଷ ମହତ୍ତ୍ୱ ରହିଛି । ଅଧିକ ଭକ୍ତଙ୍କ ସମାଗମ ହେବା ଆଶଙ୍କା ଥିବାରୁ ପ୍ରଶାସନ ବ୍ୟାପକ ପ୍ରସ୍ତୁତି କରିଛି । ଦର୍ଶନ ଓ ମହାପ୍ରସାଦ ପାଇବା ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି ।

# ଭଦ୍ରକ ଜିଲ୍ଲାର ପୂର୍ବତନ ସମାଜ ମଙ୍ଗଳ ଅଧିକାରୀ ଗିରଫ

ଭୁବନେଶ୍ୱର, ୨୩/୦୬ (ନି.ପ୍ର): ଆୟ ବହିର୍ଭୂତ ସଂପତି ଠୁଳ ଅଭିଯୋଗରେ ଭଦ୍ରକ ଜିଲ୍ଲାର ପୂର୍ବତନ ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରାଙ୍କୁ ଶୁକ୍ରବାର ଦିନ ଭିଜିଲାନ୍ସ ଗିରଫ କରିଛି। ସେ ତାଙ୍କ ଆୟ ଠାରୁ ୧୪୫% ଅଧିକ ସଂପତି ଠୁଳ କରିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଭୁବନେଶ୍ୱରରେ ଜୟନ୍ତୀ ବେହେରାଙ୍କର ବାଲେଶ୍ୱରରେ ୩ ଟି ବହୁତଳ କୋଠା, ଭୁବନେଶ୍ୱରରେ ୨ ଟି ଫ୍ଲାଟ୍ , ୮ଟି ପ୍ଲଟ , ନଗଦ ୨ ଲକ୍ଷ ୭୯ ହଜାର ଟଙ୍କା ସହିତ ୧ କୋଟି ୬୧ ଲକ୍ଷ ଟଙ୍କାର ବ୍ୟାଙ୍କ, ପୋଷ୍ଟାଲ ଓ ବୀମା ଜମା ଠାବ କରାଯାଇଛି। ତାଙ୍କର ଗୋଟିଏ ୪ ଚକିଆ ଯାନ ଓ ୨ଟି ଦୁଇ ଚକିଆ ଯାନ ରହିଛି। ତାଙ୍କ ଠାରୁ ୨କେଜି ୧୧୨ ଗ୍ରାମ ରୁପା ଅଳଙ୍କାର ସହିତ ୭ ଲକ୍ଷ ୩୯ ହଜାର ଟଙ୍କାର ସୁନା ଅଳଙ୍କାର ଓ ଅନ୍ୟାନ୍ୟ ଘରୋଇ ଉପକରଣ ପାଇଛି ଭିଜିଲାନ୍ସ।

# ଯୁଗଳ କିଶୋର ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ ସାହିତ୍ୟ ସମ୍ମାନ

ଭୁବନେଶ୍ୱର, ୨୩/୦୬ (ନି.ପ୍ର): କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ବାଲ ଏବଂ ଯୁବ ପୁରସ୍କାର - ୨୦୨୩ ଘୋଷଣା କରାଯାଇଛି। ଓଡିଶାରୁ ଓଡ଼ିଆ ଭାଷାରେ ବାଲ ପୁରସ୍କାର ପାଇଁ ଡ.ଯୁଗଳ କିଶୋର ଷଡ଼ଙ୍ଗୀଙ୍କ ନାମ ଘୋଷଣା କରାଯାଇଛି । କ୍ଷୁଦ୍ର ଗଳ୍ପ ବିଭାଗରେ 'ଜେଜେଙ୍କ ଗପ ଗଣ୍ଠିଲି' ପୁସ୍ତକ ପାଇଁ ଡ. ଷଡ଼ଙ୍ଗୀ ପାଇବେ ଏହି ସମ୍ମାନ । ମୋଟ ୨୨ ଟି ଭାଷାରେ ଏହି ପୁରସ୍କାର ଘୋଷଣା କରାଯାଇଥିବା ବେଳେ ଚଳିତ ବର୍ଷ କଶ୍ମିରୀ ଭାଷା ପାଇଁ କୌଣସି ପୁରସ୍କାର ଘୋଷଣା କରାଯାଇନାହିଁ। ସେହିପରି ମଣିପୁର ଭାଷା ପାଇଁ ପରବର୍ତୀ ସମୟରେ ପୁରସ୍କାର ଘୋଷଣା କରାଯିବ ।

# ଭବାନୀପାଟଣା ଜନସଭାରେ ନବୀନ ସରକାର ଉପରେ ବର୍ଷିଲେ ନଡ୍ଡା

➩ଓଡ଼ିଶାରେ ଶାସନ କିଏ ଚଳାଉଛି ?
➩୫୦-୫୦ ପିସିରେ ଚାଲିଛି ଓଡ଼ିଶା ସରକାର
➩ ଓଡ଼ିଶାରେ ସରକାର ଗଠନ କରିବ ବିଜେପି



ଭବାନୀପାଟଣା/ଭୁବନେଶ୍ୱର, ୨୩/୦୬ (ନି.ପ୍ର): ଓଡ଼ିଶାରେ ଦୀର୍ଘ ୨୩ବର୍ଷ ଧରି ଚାଲିଛି ଭ୍ରଷ୍ଟାଚାରୀ ସରକାର। କେନ୍ଦ୍ର ସରକାର ଓଡିଶାକୁ କୋଟି କୋଟି ଟଙ୍କା ସହାୟତା ଯୋଗାଇ ଦେଉଛନ୍ତି ଅଥଚ ତାହାକୁ ରାଜ୍ୟ ସରକାର ବାଟମାରଣା କରିବା ସହ ଖର୍ଚ୍ଚ ନକରି ଓଡ଼ିଶାକୁ ଗରୀବ କରି ଚାଲିଛନ୍ତି। ଓଡ଼ିଶାରେ ଶାସନ କିଏ ଚଳାଉଛି ? ଅଫିସର ନା ନେତା ? କାହା ଇଙ୍ଗିତରେ ଓଡ଼ିଶାର ଶାସନ ଚାଲିଛି ? ବିରୋଧୀଙ୍କ କଥା ଛାଡନ୍ତୁ ଏଠି ଶାସକ ବିଜେଡିର ବିଧାୟକ ଓ ସାଂସଦମାନଙ୍କ କଥା ମଧ କେହି ଶୁଣନ୍ତି ନାହିଁ। ଅଫିସରମାନେ ଓଡ଼ିଶାରେ ରାଜ୍ କରୁଛନ୍ତି। ଶାସକ ଦଳର ନେତା, ମନ୍ତ୍ରୀ ଓ ବିଧାୟକ ୟେସ୍ ୟେସ୍ କହି ସମସ୍ତ କଥାକୁ ସମର୍ଥନ କରୁଛନ୍ତି। ରାଜ୍ୟ ଶାସନ ବ୍ୟବସ୍ଥା ଏବେ ଆଉଟ ସୋସିଂରେ ଚାଲିଛି। ନବୀନ ପଟ୍ଟନାୟକ କିମ୍ବା ନିର୍ବାଚିତ ଦଳୀୟ ନେତା ସରକାର ଚଳାଉ ନାହାନ୍ତି। ଜନତା ଭୋଟ କାହାକୁ ଦେଇଛନ୍ତି, ଅଥଚ ସରକାର ଆଉ କିଏ ଚଳାଉଛି ! ମୁଖ୍ୟମନ୍ତ୍ରୀ ନିଜ ଦାୟିତ୍ୱ ନିର୍ବାହ କରିବାରେ ଅସମର୍ଥ ହେତୁ ଜଣେ ଅଧିକାରୀଙ୍କୁ ଠିକାରେ ରଖି ସରକାର ଚଳାଉଛନ୍ତି। ଏଭଳି ସରକାର ଦରକାର ନାହିଁ ବୋଲି ଭବାନିପାଟଣା ମହା ଜନସମ୍ପର୍କ ଅଭିଯାନ ସମାବେଶରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ଅତ୍ୟନ୍ତ କଠୋରଭାବେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଆଜି ପୂର୍ବାହ୍ନରେ ପ୍ରଥମେ ଶ୍ରୀ ନଡ୍ଡା ଭବାନିପାଟଣାର ଅଧିଷ୍ଠାତ୍ରୀ ଦେବୀ ମାଣିକେଶ୍ୱରୀଙ୍କ ▶▶ପୃଷ୍ଠା ୭

# ସୁରକ୍ଷା କର୍ମୀଙ୍କ ଗୁଳିରେ ୪ ଆତଙ୍କବାଦୀ ସଫା



ନୂଆଦିଲ୍ଲୀ,୨୩/୦୬ : ଭାରତକୁ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିବା ୪ ଆତଙ୍କବାଦୀ ଆଜି ସକାଳେ ସେନା ଗୁଳିରେ ଟଳି ପଡ଼ିଛନ୍ତି। ଏପରି ଘଟଣା ଜମ୍ମୁକଶ୍ମୀରର ମଚିଲ୍ ସେକ୍ଟରରେ ଘଟିଛି। କଶ୍ମୀର ଜୋନ୍ ପୁଲିସ୍ ଅଧିକାରୀଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଆତଙ୍କବାଦୀମାନେ ଏଲଓସି ପାର କରି ଭାରତରେ ପ୍ରବେଶ କରିବାକୁ ଚେଷ୍ଟା ଚଳାଉଥିବା ସୂଚନା ମିଳିଥିଲା। ସେମାନେ ପାକିସ୍ତାନ ଅଧିକୃତ କଶ୍ମୀର ଦେଇ ସୀମା ଅତିକ୍ରମ କରି ଭାରତରେ ▶▶ପୃଷ୍ଠା ୭

# ଦୁଇଟି ପର୍ଯ୍ୟାୟରେ ନନ୍ଦନକାନନର ହେବ ରୂପାନ୍ତର

ଭୁବନେଶ୍ୱର, ୨୩/୦୬ (ନି.ପ୍ର): ନନ୍ଦନକାନନର ହେବ ରୂପାନ୍ତର। ୫-ଟି ଉପକ୍ରମରେ ଏହାକୁ ଏକ ବିଶ୍ୱସ୍ତରୀୟ ପ୍ରାଣୀ ଉଦ୍ୟାନ ଭାବେ ଏହାର ରୂପାନ୍ତର କରାଯିବ। ଚୂଡଙ୍ଗ ଜଙ୍ଗଲ ଅଂଚଳକୁ ଏଥିରେ ସାମିଲ କରାଯିବ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ରାଜ୍ୟ ବନ ବିଭାଗ ପକ୍ଷରୁ ନନ୍ଦନକାନନର ରୂପାନ୍ତର ପାଇଁ ଏକ ଉପସ୍ଥାପନା ରଖାଯାଇଥିଲା। ଏଥିରେ ନନ୍ଦନକାନନର କାୟାରେ ପରିବର୍ତନ ପାଇଁ ଏକ ବିସ୍ତୃତ ଓ ଭବିଷ୍ୟମୁଖୀ ପ୍ରସ୍ତାବ ରଖାଯାଇଛି । ଏ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେବା ସହିତ ନନ୍ଦନକାନନରେ ପ୍ଲାଷ୍ଟିକର ବ୍ୟବହାର ସଂପୂର୍ଣ୍ଣ ନିଷେଧ କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାମ ସଂପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ । ▶▶ପୃଷ୍ଠା ୭

# ଆସାମରେ ଭୟଙ୍କର ବନ୍ୟା: ୫ ଲକ୍ଷ ଲୋକ ପ୍ରଭାବିତ



ଆସାମ, ୨୩/୦୬ : ଅବିଶ୍ରାନ୍ତ ବର୍ଷା ଯୋଗୁ ଆସାମରେ ସୃଷ୍ଟି ହୋଇଥିବା ଭୟଙ୍କର ବନ୍ୟା ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ଏଥିରେ ବର୍ତ୍ତମାନ ସୁଦ୍ଧା ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ବ୍ରହ୍ମପୁତ୍ର ସମେତ ରାଜ୍ୟର ଏକାଧିକ ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବନ୍ୟା ସ୍ଥିତି ଭୟଙ୍କର ରୂପ ଧାରଣ କରିଥିବା ବେଳେ ଲୋକଙ୍କୁ ଆଶ୍ୱସ୍ତ ମିଳିବାର କୌଣସି ସମ୍ଭାବନା ନାହିଁ। କାରଣ ଭାରତୀୟ ପାଣିପାଗ ବିଭାଗ ରାଜ୍ୟରେ ଆଗାମୀ କିଛି ଦିନ ବର୍ଷାର ପ୍ରକୋପ ଜାରି ରହିବ ବୋଲି ସୂଚନା ଦେଇଛି। ଏଥିଯୋଗୁ ନଦୀଗୁଡ଼ିକର ଜଳସ୍ତର ଆହୁରି ବଢ଼ିବ। ସରକାରୀ ତଥ୍ୟ ଅନୁସାରେ, ବନ୍ୟା ଯୋଗୁ ଉଡାଲଗୁରି ଜିଲ୍ଲାର ତାମୁଲପୁରରେ ଜଣଙ୍କର ମୃତ୍ୟୁ ହୋଇଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ବନ୍ୟା ଯୋଗୁ ମୋଟ ୪.୯୫ ଲକ୍ଷ ପ୍ରଭାବିତ ହୋଇଥିଲେ। ଏବେ ଆଉ କିଛି ସ୍ଥାନରେ ବନ୍ୟା ଜଳ ମଧ ପ୍ରବେଶ କରିବା ଆରମ୍ଭ କଲାଣି। ବ୍ରହ୍ମପୁତ୍ର ନଦୀର ଜଳସ୍ତର ନେମାତିଘାଟ(ଜୋରହାଟ) ଓ ଧୁବ୍ରୀ ନିକଟରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସେହିପରି ପୁଥିମାରୀ, ପାଗଲାଗିୟା ଓ ମାନାସ ଭଳି ନଦୀର ଜଳସ୍ତର ମଧ ନାଲି ଗାର ଉପରେ ରହିଛି। ଲୋକଙ୍କ ଘରେ ପାଣି ପଶିଯିବାରୁ ସେମାନେ ସୁରକ୍ଷିତ ସ୍ଥାନକୁ ଯିବାକୁ ବାଧ ହୋଇଛନ୍ତି। ▶▶ପୃଷ୍ଠା ୭

# ମୁଖ୍ୟମନ୍ତ୍ରୀ ପୁଷ୍ଟି ଯୋଜନା କେନ୍ଦ୍ର ସରକାରଙ୍କ ପୋଷଣ ଅଭିଯାନର ଅଂଶବିଶେଷ: ବିଜେପି

ଭୁବନେଶ୍ୱର, ୨୩/୦୬ (ନି.ପ୍ର): ରାଜ୍ୟ ସରକାର ଓଡ଼ିଶାରେ ପୁଷ୍ଟି ଓ ସ୍ୱାସ୍ଥ୍ୟରେ ଉନ୍ନତି ପାଇ ଗତକାଲି "ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା"(ଏମଏସପିଓ୍ୱାଇ)କୁ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି । ଏହା ଘୋଷଣା ସର୍ବସ୍ୱ ରାଜ୍ୟ ସରକାରର ଆଉ ଏକ ଘୋଷଣା ବୋଲି ଜଣାପଡୁଛି । ରାଜ୍ୟ ସରକାର କେବଳ ଏହାର ନାଁ ବଦଳେଇ ଆଉ ଥରେ ଘୋଷଣା କରୁଛନ୍ତି । ତେବେ ପର ତିଅଣରେ ଅତିଥି ସତ୍କାର କରନ୍ତୁ ପଛେ ଯୋଜନାର ସଫଳ ରୂପାୟନ କରନ୍ତୁ । ଦୀର୍ଘ ୨୩ବର୍ଷ ସରକାରରେ ରହିବା ପରେ ଏବେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗୁଛି । ଯେଉଁ ସରକାର ମାଆମାନଙ୍କ ପାଇଁ ଉନ୍ନତି କାର୍ଯ୍ୟ କହି କେବଳ କୁମ୍ଭୀର କାନ୍ଦଣା କାନ୍ଦନ୍ତି ସେହି ସରକାରରେ ହେଉଥିବା ଯୋଜନାର ସୁଫଳ ଲୋକମାନଙ୍କୁ କେବେ ମିଳିବ, ତାହା ସମୟ କହିବ । ଏହି ଯୋଜନା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ଏକ ଅଂଶ । କେନ୍ଦ୍ର ସରକାର ଶିଶୁ ଓ ମହିଳାଙ୍କ ସ୍ୱାସ୍ଥ୍ୟର ବିକାଶ ପାଇଁ ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ), ପୋଷଣ ଅଭିଯାନ, ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ ପରି ଯୋଜନା କରିଛନ୍ତି ବୋଲି ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି ।

ଆଜି ରାଜ୍ୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାରମ୍ବାର ଶିଶୁଙ୍କୁ ପୃଷ୍ଟିକର ଖାଦ୍ୟ, ମାଆମାନଙ୍କର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଥରେ ନୁହେଁ ବାରମ୍ବାର ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପରେ ମୁଖ୍ୟମନ୍ତ୍ରୀଙ୍କର ଏବେ ଚେତା ପଶିଲା । ନେଡି ଗୁଡ କହୁଣୀକୁ ବୋହିବା, ସବୁଆଡୁ ସମାଲୋଚନାର ଶୀକାର ହେବା ପରେ ମୁଖ୍ୟମନ୍ତ୍ରୀ ଅନ୍ୟ କିଛି ବାଟ ନପାଇ ଗତକାଲି କ୍ୟାବିନେଟ୍‌ରେ ଏହି ଯୋଜନାକୁ ଅନୁମୋଦନ କରିଛନ୍ତି । ସବୁ ଯୋଜନା ଭଳି ମୁଖ୍ୟମନ୍ତ୍ରୀ ଏହି ଯୋଜନାର ରୂପରେଖ ସମ୍ପୂର୍ଣ୍ଣ ହେବ କି ନାହିଁ, ଏହା ସନ୍ଦେହଜନକ । ଏହାର ସୁଫଳ କେବେ ମିଳିବ, ଏହା ପ୍ରଶ୍ନବାଚୀ । ଯେତେବେଳେ ନିର୍ବାଚନ ପାଖେଇ ଆସୁଛି, ସେହି ସମୟରେ ଭୋଟ ବ୍ୟାଙ୍କ ପାଇଁ ଏପରି ମିଛ ଛଳନା କରୁଛନ୍ତି । ବିଭିନ୍ନ ଯୋଜନା କରି କେବଳ ନାଁକୁ ମାତ୍ର ପ୍ରହସନ କରୁଛନ୍ତି କିନ୍ତୁ ବାସ୍ତବରେ କାର୍ଯ୍ୟକାରିତା ଶୂନ । ବିଭିନ୍ନ ଗଣମାଧ୍ୟମ ଓ ସର୍ଭେ ସଂସ୍ଥା ତଥା ଏନଏଫଏଚଏସ ୫ ଅନୁଯାୟୀ ଓଡ଼ିଶାର ୧୯ପ୍ରତିଶତ ଶିଶୁ ଜନ୍ମବେଳେ କମ ଓଜନ ରହିଛି । ୩୧ପ୍ରତିଶତ ପୃଷ୍ଟିହୀନ ଯୋଗୁଁ ଷ୍ଟଂଟେଡ ଉଚ୍ଚତାର ଶୀକାର ହେଉଛନ୍ତି । ୧୮ପ୍ରତିଶତ ୱେଷ୍ଟେଡର ଶୀକାର ହେଉଛନ୍ତି । ୬ପ୍ରତିଶତ ଗୁରୁତର ଭାବରେ ୱେଷ୍ଟେଡ ଓ ୬୪ପ୍ରତିଶତ ଶିଶୁ ରକ୍ତହୀନତାରେ ପୀଡିତ । ସେହିପରି ୬ମାସରୁ ୫୯ମାସର ୬୪.୨ପ୍ରତିଶତ ଶିଶୁ ଓ ୬୧.୮ପ୍ରତିଶତ ଗର୍ଭବତୀ ମହିଳା ରକ୍ତହୀନତାରେ ପୀଡିତ ଅଛନ୍ତି । ଓଡିଶାରେ ୨୧ପ୍ରତିଶତ ବାଳିକା ମଧ୍ୟ ନିର୍ଦ୍ଧାରିତ ଓଜନ ଅନୁସାରେ କମ ଓଜନର ରହିଛନ୍ତି । ଚିନ୍ତାର ବିଷୟ ୨୦୧୫-୧୬ରେ ୧୫ ରୁ ୧୯ବର୍ଷ ବୟସ ବର୍ଗର ବାଳିକାଙ୍କ ରକ୍ତହୀନତାର ଶିକାର ୫୧ପ୍ରତିଶତ ଥିବାବେଳେ ୨୦୨୦-୨୧ରେ ଏହାର ୬୪ପ୍ରତିଶତକୁ ବୃଦ୍ଧି ପାଇଛି ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି । ରାୟଗଡା, ନବରଙ୍ଗପୁର ଏବଂ ମାଲକାନଗିରିରେ ଅଧିକାଂଶ ଶିଶୁ ଷ୍ଟଂଟେଡ ଓ ୱେଷ୍ଟେଡର ଶୀକାର । ବହୁଳ ରକ୍ତହୀନତା ଓ କମ ଓଜନ ଯୋଗୁଁ ଓଡ଼ିଶାରେ ପ୍ରସୂତି ଓ ଶିଶୁ ମୃତ୍ୟୁ ମଧ୍ୟ ଚିନ୍ତାଜନକ । ମାତୃ ମୃତ୍ୟୁ ହାର ୧୧୯, ନବଜାତକ ମୃତ୍ୟୁ ହାର ୨୭, ଶିଶୁ ମୃତ୍ୟୁହାର ୩୬.୩, ୫ବର୍ଷରୁ କମ ଶିଶୁ ମୃତ୍ୟୁହାର ୪୧ସହ ଓଡ଼ିଶା ଦେଶରେ ପଛୁଆ ରାଜ୍ୟମାନଙ୍କ ମଧ୍ୟରୁ ଅନ୍ୟତମ । ୨୦୧୬-୧୭ ରୁ ୨୦୨୧-୨୨ରେ ୯୨,୯୨୪ ଜଣ ପାଂଚ ବର୍ଷରୁ କମ ଶିଶୁ ମୃତ୍ୟୁବରଣ କରିଛନ୍ତି, ୨୦୨୧-୨୨ରେ ଖାଲି ୧୪,୨୨୮ଶିଶୁମୃତ୍ୟୁ ହୋଇଛି । ଆମର ଭବିଷ୍ୟତ ସନ୍ତାନ ଏବଂ ମାମାନେ ଯାହା ଆଶା କରୁଛୁ ତାହା ଠାରୁ ଯେଉଁ ଉନ୍ନତି ହୋଇଛି ତାହା ଏପର୍ଯ୍ୟନ୍ତ ବହୁତ ଦୂରରେ ଅଛି ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ।

ନିକଟରେ ଭାରତ ସରକାରଙ୍କ ଖାଦ୍ୟ ସୁରକ୍ଷା ସୂଚନାଙ୍କ ରିପୋର୍ଟରେ ପ୍ରକାଶିତ ହୋଇଛି ଯେ, ଓଡିଶା ୧୦୦ରୁ ୨୯ମାର୍କ ସ୍କୋର କରି ୧୫ନଂ ସ୍ଥାନ ରଖିଛି, ଯାହାକି ଚିନ୍ତାର ବିଷୟ । ତେଣୁ ରାଜ୍ୟ ସରକାର ଘୋଷଣା ସର୍ବସ୍ୱ ନହୋଇ କେନ୍ଦ୍ର ସରକାରଙ୍କ ସହଯୋଗରେ ଶିଶୁ ଓ ମହିଳାଙ୍କୁ ପୋଷଣଯୁକ୍ତ ଖାଦ୍ୟ ପ୍ରଦାନ ଓ ସ୍ୱାସ୍ଥ୍ୟ ସମସ୍ୟାକୁ ହ୍ରାସ କରିବା ପାଇଁ ହେଉଥିବା ଯୋଜନାକୁ ସଠିକ କ୍ରିୟାନ୍ୱୟନା ଦାୟିତ୍ୱ ନେବା ଆବଶ୍ୟକ । ତତ୍‌ସହିତ ରାଜ୍ୟ ସରକାର ରାଜନୀତି ନକରି ଯୋଜନାର ସଠିକ କ୍ରିୟାନ୍ୱୟନ କରନ୍ତୁ । ମିଶନଶକ୍ତିର ଘୋଷଣା ପରି ଏହି ଯୋଜନାରେ ବ୍ୟୟବରାଦ କରିଥିବା ଅର୍ଥକୁ ଭୋଟ ବ୍ୟାଙ୍କର ଆକାର ନଦିଅନ୍ତୁ । ଆଜି ଜନ୍ମ ହେଉଥିବା ଶିଶୁଙ୍କୁ ନେଇ ଦେଶ ଅମୃତ ମହୋତ୍ସବ ପାଳନ କରୁଥିବ । ଶିଶୁଟି ଦେଶ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବା ସମୟରେ ସେ ୨୫ବର୍ଷର ଯୁବକ ହୋଇଥିବ । ସେହି ପିଲାର ଦୃଢ଼ ଇଚ୍ଛାଶକ୍ତି ବଳରେ ଓଡ଼ିଶା ପରିବର୍ତ୍ତନର ବଡ ଭରସା ହେବ ତେଣୁ ବର୍ତ୍ତମାନରୁ ସେମାନଙ୍କର ସ୍ୱାସ୍ଥ୍ୟ ଓ ଶରୀରରେ ଯତ୍ନନେବାକୁ ହେବ ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମହିଳାମୋର୍ଚ୍ଚର ଗଣମାଧ୍ୟମ ସଂଯୋଜିକା ସୁଚରିତା ଜେନାମଣି ଉପସ୍ଥିତ ଥିଲେ ।

# ଚଳଚଂଚଳ ଶରଧାବାଲି : ଜଗା ଦର୍ଶନରେ ଭକ୍ତଙ୍କ ଗହଳି

ପୁରୀ, ୨୩/୦୬ (ନି.ପ୍ର): ଭକ୍ତ ପ୍ରିୟ ଭଗବାନ । ଚଳଚଂଚଳ ହୋଇଉଠିଛି ଶରଧାବାଲି । ବଡ଼ଠାକୁର ତାଳଧ୍ୱଜ ରଥରେ ବିରାଜମାନ କରୁଥିବା ବେଳେ ଦର୍ପଦଳନ ରଥରେ ଦେବୀ ମା ସୁଭଦ୍ରା ଓ ନନ୍ଦିଘୋଷ ରଥରେ ଶ୍ରୀଜଗନ୍ନାଥ ବିରାଜମାନ କରି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ତିନିରଥ ସୁସଜ୍ଜିତ ଥିବାବେଳେ ସୁସଜ୍ଜିତ ଶ୍ରୀଗୁଣ୍ଡିଚା ମନ୍ଦିର ସଜେଇ ହୋଇ ମହାପ୍ରଭୁଙ୍କ ଚାହିଁ ରହିଛି । ତିନି ରଥରେ ଶ୍ରୀବିଗ୍ରହମାନଙ୍କର ଦୈନନ୍ଦିନ ନୀତିକାନ୍ତି ସମ୍ପନ୍ନ ହୋଇଛି । ସେବାୟତମାନେ ଶ୍ରୀବିଗ୍ରହଙ୍କୁ ସକାଳୁ ରଥ ଉପରେ ମଙ୍ଗଳଆଳତି ସହ ତଡ଼ପଲାଗି, ଅବକାଶ ପୂଜା ଓ ବେଶ କରିଥିଲେ । ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଉଥିଲା ଶରଧାବାଲି । ମହାପ୍ରଭୁଙ୍କ ରଥ ପାଖରେ ଭକ୍ତମାନେ ଦୀପ ଲଗାଇ ଦୁଇ ହାତ ଯୋଡ଼ି ପ୍ରଣିପାତ କରୁଥବା ଦେଖିବାକୁ ମିଳିଥିଲା । ଭକ୍ତମାନେ ରଥ ସମ୍ମୁଖରେ ଦିବ୍ୟ ଦର୍ଶନ ପାଇ ବହୁତ ଖୁସି ଅନୁଭବ କରୁଥିବା ଦେଖିବାକୁ ମିଳିଥିଲା । ଆଖି ଛଳ ଛଳ କରି ଭକ୍ତ ଭଜନ ଗାଉଛି ତ କିଏ ମହାପ୍ରଭୁଙ୍କ ଜଣାଣ କରୁଛି । ଆଜି ଗୋଟି ପହଣ୍ଡିରେ ଚତୁର୍ଦ୍ଧାମୂର୍ତି ଆଡ଼ପ ମଣ୍ଡପକୁ ବିଜେ କରିବେ । ମେଡ଼ିକାଲ ଛକରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଲାଗିଛି ହଜାର ହଜାର ଭକ୍ତଙ୍କ ଗହଳି । ଶ୍ରୀବିଗ୍ରହଙ୍କୁ ଦର୍ଶନ ପାଇଁ ରଥ ଚାରିପାଖରେ ବି ଭକ୍ତଙ୍କ ଗହଳି ଲାଗିରହିଛି । ଭକ୍ତମାନେ ରଥାରୁଢ ଚତୁର୍ଦ୍ଧାମୂର୍ତିଙ୍କୁ ମନଖୋଲା ଦର୍ଶନ କରୁଛନ୍ତି । ଭାବବିନୋଦିଆ କାଳିଆ ଠାକୁରଙ୍କ ଭାବରେ ବୁଡ଼ି ଭାବବିହ୍ୱଳ ହୋଇଛନ୍ତି ଭକ୍ତ । ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଦର୍ଶନ ସହ ଆଖିରେ ଆଖି ମିଶାଇବା ପାଇଁ ଭକ୍ତଙ୍କ ମଧ୍ୟରେ ବ୍ୟାକୁଳତା ଦେଖିବାକୁ ମିଳିଥିଲା । ଶରଧାବାଲି ଚାରିପଟେ ବିଭିନ୍ନ ପ୍ରକାର ଷ୍ଟଲ ସହ ଦୀପ ଦୋକାନ, ଖେଳଣା ଦୋକାନ ଓ ଖାଦ୍ୟ ପସରା ପଡ଼ିଥିବା ଦେଖିବାକୁ ମିଳିଥିଲା । ମେଡ଼ିକାଲ ଛକରୁ ପୋଲିସ ଠିଆ ହୋଇ ଗାଡ଼ିମଟର ଚଳାଚଳରେ କଟକଣା କରିଛି । ପୋଲିସ ପକ୍ଷରୁ ରଥାରୁଢ ଚତୁର୍ଦ୍ଧାମୂର୍ତିଙ୍କ ଚାରିପଟେ ବ୍ୟାରିକେଡ଼ କରାଯାଇ ଶୃଙ୍ଖଳିତ ଭାବରେ ଭକ୍ତମାନଙ୍କୁ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ।

# ଗ୍ରାମ୍ୟ ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୨୩/୦୬ (ନି.ପ୍ର): ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂହ ବିଭାଗ ଅଧିନରେ ଥିବା ସମସ୍ତ ଯୋଜନାର ସମୀକ୍ଷା କରିଛନ୍ତି । ଲୋକସେବା ଭବନସ୍ଥ ଗ୍ରାମ୍ୟ ଉନ୍ନୟନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ଅଧ୍ୟକ୍ଷତା କରି କହିଲେ ଯେ ବିଭିନ୍ନ ପ୍ରକଳ୍ପ ବ୍ୟୟ ପାଇଁ ଅନୁଦାନ ଦିଆ ଯାଇଥିବା ଅର୍ଥ ଧାର୍ଯ୍ୟ ସମୟ ମଧ୍ୟରେ ଖର୍ଚ୍ଚ ହେବା ଜରୁରୀ । କେତେକ ଡିଭିଜନରେ ପ୍ରକଳ୍ପ ପାଇଁ ଦିଆଯାଇ ଥିବା ଅର୍ଥ ବିନିଯୋଗ ସନ୍ତୋଷଜନକ ହୋଇନଥିବାରୁ ଶ୍ରୀ ସିଂହ ଅଧିକାରୀମାନଙ୍କୁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ବଜେଟ ଅନୁଦାନ ଓ ବିଲ ପଇଠ ଆଦି ସମସ୍ୟା ଯଦି କାହାର ଥାଏ ଏହାର ସମାଧାନପୂର୍ବକ ପରବର୍ତ୍ତୀ ମାସିକ ବୈଠକ ପୂର୍ବରୁ ସମସ୍ତ ଡିଭିଜନ ଅନୁନ୍ୟ ୫ କୋଟି ଟଙ୍କା ପ୍ରକଳ୍ପ ନିମନ୍ତେ ବ୍ୟୟ କରି ରିପୋର୍ଟ ପ୍ରଦାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ବିଜୁ ସେତୁ ଯୋଜନା ଅଧିନରେ ପ୍ରକଳ୍ପଗୁଡିକ ପାଇଁ ଉପୁଜୁ ଥିବା ସମସ୍ୟା ଯଥା ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଓ ଆନ୍ତଃରାଜ୍ୟ ସମସ୍ୟାଗୁଡିକୁ ତୁରନ୍ତ ସମାଧାନପୂର୍ବକ ଅଂଚଳ ସର୍ଭେ କରାଯାଇ ଟେଣ୍ଡର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ସଚିବ ଶ୍ରୀ ସିଂହ କ୍ଷେତ୍ରାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଭୁ-ଅଧିଗ୍ରହଣ ଓ ଜଙ୍ଗଲ ଜମି ସମସ୍ୟା ସମାଧାନ ନିମିତ୍ତ ଆସନ୍ତା ଜୁଲାଇ ୧୫ ତାରିଖରେ ଏକ ବୈଠକ ଆହ୍ୱାନ କରିବାକୁ ଶ୍ରୀ ସିଂହ ବିଭାଗୀୟ ଅଧିକାରିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଜୁ ସେତୁ ଯୋଜନା ଅଧିନରେ ୨୦୨୩ -୨୪ ଆର୍ଥିକ ବର୍ଷରେ ଅନୁନ୍ୟ ୨୦୦ ଟି ପ୍ରକଳ୍ପର ସର୍ଭେ କାର୍ଯ୍ୟ ଓ ଜି.ଏ.ଡି ମଞ୍ଜୁରି ଆସନ୍ତା ଜୁଲାଇ ଶେଷ ସୁଦ୍ଧା ସମ୍ପୁର୍ଣ୍ଣ ହେବା ଦରକାର । ଏଥିପାଇଁ ବିଭାଗୀୟ ଅଧିକାରୀମାନେ ଜୁଲାଇ ୧୦ ତାରିଖ ସୁଦ୍ଧା ରିପୋର୍ଟ ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି । ଯେଉଁ ପ୍ରକଳ୍ପଗୁଡିକର ଟେଣ୍ଡର କାର୍ଯ୍ୟ ସରିଛି ସେଗୁଡିକରେ ଜମି ଅଧିଗ୍ରହଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ସହିତ ମନ୍ଥର ଗତିରେ ଚାଲୁଥିବା ଏବଂ ସ୍ଥଗିତ ଥିବା ପ୍ରକଳ୍ପଗୁଡିକର କାର୍ଯ୍ୟ ଉପରେ ଧ୍ୟାନ ଦେବାକୁ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟଯନ୍ତ୍ରୀମାନେ ଏଥିପ୍ରତି ଯତ୍ନବାନ ହେବା ସହ ଆଗାମୀ ବୈଠକରେ ଏହାକୁ ସୁନିର୍ଶ୍ଚିତ କରାଇବେ । ଚଳିତ ଆର୍ଥିକ ବର୍ଷରେ ବିଜୁ ସେତୁ ଯୋଜନା ଅଧିନରେ ୩୬୦ ଗୋଟି ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ଓ ପ୍ରଶାସନିକ ଅନୁମୋଦନ ଜୁଲାଇ ମାସ ଶେଷ ସୁଦ୍ଧା ସାରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ଆର.ଆଇ.ଡି.ଏଫ ସ୍କିମ ଅଧିନରେ ଚାଲୁଥିବା ପ୍ରକଳ୍ପଗୁଡିକର ସମୀକ୍ଷା କରାଯିବା ସହ ସମ୍ପୁର୍ଣ୍ଣ ହେଉଥିବା ପ୍ରକଳ୍ପଗୁଡିକର ପ୍ରକଳ୍ପ ସମାପ୍ତି ରିପୋର୍ଟ ପ୍ରଦାନ କରିବାକୁ ଡିଭିଜନାଲ ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ରାସ୍ତା, ସେତୁ ଓ କୋଠାବାଡି ନିର୍ମାଣ କାମ ତ୍ୱରାନ୍ୱିତ ପ୍ରକ୍ରିୟାରେ ସମ୍ପୁର୍ଣ୍ଣ ହେବା ବିଭାଗର ଗୁରୁଦାୟିତ୍ୱ ।

## ରାଜ୍ୟସ୍ତରୀୟ ସାମାଜିକ ସେବା ଶିବିରରେ ଯୁବ ରେଡକ୍ରସ୍‌ର ଅବଦାନ

ମାଲକାନଗିରି, ୨୩/୦୬ (ନି.ପ୍ର): ପୁରୀର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ମାଲକାନଗିରି ମହାବିଦ୍ୟାଳୟ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ରାମଚନ୍ଦ୍ର ଚାଟୀ, ପିଙ୍କୁ ଖରା ଏବଂ ଜିଲ୍ଲା ଯୁବ ରେଡକ୍ରସର ଆବାହକ ତଥା ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ଡଃ. ରଞ୍ଜନ କୁମାର ସ୍ୱାଇଁ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଭୀଷଣ ରୌଦ୍ରତାପ ମଧ୍ୟରେ ଆୟୋଜିତ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ଯୋଗଦେଇ ଭକ୍ତଙ୍କୁ ଜଳ ବିତରଣ, ଜଳ ସିଞ୍ଚନ, ବଡ଼ଦାଣ୍ଡ ସଫେଇ କାର୍ଯ୍ୟ ତଥା ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗେଇବା ଭଳି ମାନବ ଧର୍ମ କାର୍ଯ୍ୟ ସମ୍ପାଦନ କରିଥିଲେ। ଭାରତୀୟ ରେଡକ୍ରସ୍ ସମାଜ ଓଡ଼ିଶା ଶାଖାର ଅବୈତନିକ ସଚିବ ଡ଼ଃ. ବିଭୂତି ଭୂଷଣ ପଟ୍ଟନାୟକ ଉପରୋକ୍ତ ସ୍ୱେଚ୍ଛାସେବୀ ଏବଂ ଆବାହକଙ୍କୁ ଏକ ସମ୍ମିଳନୀରେ ଉଚ୍ଚ ପ୍ରଶଂସା ସହିତ ମାନପତ୍ର ପ୍ରଦାନ କରିଥିଲେ। ପୁରୀରୁ ପ୍ରତ୍ୟାବର୍ତନ ପରେ ମହାବିଦ୍ୟାଳୟରେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ରେ ଅଧ୍ୟାପକ, ଅଧ୍ୟାପିକା ତଥା ଅଣଶିକ୍ଷକଙ୍କ ଉପସ୍ଥିତି ରେ ସ୍ୱେଚ୍ଛାସେବୀ ଓ ଆବାହକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଏବଂ ପ୍ରାକ୍ତନ ଅଧ୍ୟକ୍ଷ ଅଶୋକ କୁମାର ଷଡଙ୍ଗୀଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

# କିନ୍ନରଙ୍କ ପାଇଁ 'ସ୍ୱୀକୃତି' ଯୋଜନାରେ ଅଧିକ ସୁବିଧା, ଛାତ୍ରାବାସ ଓ ଆର୍ଥିକ କାର୍ଯ୍ୟକଳାପ ପାଇଁ ସରକାରୀ ସହାୟତା

ଭୁବନେଶ୍ୱର, ୨୩/୦୬ (ନି.ପ୍ର): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ କିନ୍ନରମାନଙ୍କ ନିରାପଦ ଭବିଷ୍ୟତ ଓ ଆର୍ଥିକ ନିର୍ଭରତା ନିମନ୍ତେ 'ସ୍ୱୀକୃତି' ଯୋଜନାରେ ସରକାର ବିଶେଷ ସୁବିଧା ମଞ୍ଜୁର କରିଛନ୍ତି । ସେମାନଙ୍କ ଶିକ୍ଷାଗତ ଅଭିବୃଦ୍ଧି ଏବଂ ଆର୍ଥିକ କାର୍ଯ୍ୟକଳାପ ନିମନ୍ତେ ସରକାରୀ ସହାୟତାର ବ୍ୟବସ୍ଥା କରାଯାଇଛି । କିନ୍ନରମାନଙ୍କ ପାଠପଢ଼ା ପାଇଁ ସରକାରଙ୍କ ପକ୍ଷରୁ ପ୍ରାକ୍-ମାଟ୍ରିକ୍ ଓ ମାଟ୍ରିକ୍ ପରବର୍ତ୍ତୀ ଶିକ୍ଷାବୃତ୍ତି ପରିମାଣ ମାସିକ ସର୍ବନିମ୍ନ ଏକ ହଜାର ଟଙ୍କାରୁ ଆରମ୍ଭ ହୋଇ ତିନି ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯାଉଛି । ସେମାନଙ୍କ ପାଇଁ ଛାତ୍ରାବାସ ସୁବିଧା ନିମନ୍ତେ ସେମାନେ ପଢୁଥିବା ଶିକ୍ଷାନୁଷ୍ଠାନ ଛାତ୍ରାବାସ ସୁବିଧା କରିପାରିବେ । ଛାତ୍ରାବାସରେ ରହୁଥିବା ପ୍ରତି କିନ୍ନରଙ୍କୁ ଉପକରଣ କ୍ରୟ ନିମନ୍ତେ ଏକକାଳୀନ ପାଠପଢ଼ା ଶେଷ ପର୍ଯ୍ୟନ୍ତ ୧୫ ହଜାର ଟଙ୍କା ପ୍ରଦାନ କରାଯିବ । ସଂପୃକ୍ତ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ସୁପାରିଶକୁ ଭିତ୍ତି କରି ପ୍ରତି କିନ୍ନରଙ୍କୁ ମାସିକ ତିନି ହଜାର ଟଙ୍କା ଛାତ୍ରାବାସ ଖର୍ଚ୍ଚ ଯୋଗାଇ ଦିଆଯିବ । ଅନୁରୂପ ଭାବରେ, କିନ୍ନରମାନଙ୍କ ଆର୍ଥିକ ନିର୍ଭରତା ବୃଦ୍ଧି ଉଦ୍ଦେଶ୍ୟରେ ଉଦ୍ୟୋଗ ଆରମ୍ଭ କରି ଆତ୍ମନିଯୁକ୍ତିଭିତ୍ତିକ ରୋଜଗାର ନିମନ୍ତେ ସରକାରୀ ସହାୟତା ପ୍ରଦାନ କରାଯିବ । ବ୍ୟକ୍ତିଗତ ଭାବରେ ଜଣେ ପଂଜୀକୃତ କିନ୍ନର ଉଦ୍ୟୋଗୀଙ୍କୁ ୧୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯିବ । କିନ୍ନର ଉଦ୍ୟୋଗୀମାନେ ଦଳଗତ ଭାବରେ କୌଣସି ପ୍ରକଳ୍ପ ଆରମ୍ଭ କଲେ ସେମାନଙ୍କୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯିବ । କିନ୍ନରମାନେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି କୌଣସି ଆୟକାରୀ ପ୍ରକଳ୍ପ ଆରମ୍ଭ କଲେ, ସେହି ଗୋଷ୍ଠୀଙ୍କୁ ମଧ୍ୟ ଏକକାଳୀନ ଏକ ଲକ୍ଷ ପଚିଶ ହଜାର ଟଙ୍କାର ସହାୟତା ଯୋଗାଇ ଦିଆଯିବ । ପ୍ରତି ଜିଲ୍ଲାରେ କାର୍ଯ୍ୟରତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କଠାରୁ ଏ ବାବଦରେ ବିଶଦ ସୂଚନା ଓ ତଥ୍ୟ ଉପଲବ୍ଧ ହୋଇପାରିବ । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ଯେ, କିନ୍ନରମାନଙ୍କୁ ଉତ୍ତମ ମାନବସମ୍ବଳ ଭାବରେ ବିବେଚନା କରି ସେମାନଙ୍କ ସୁରକ୍ଷା ଓ ଆର୍ଥିକ ନିରାପତ୍ତା ନିମନ୍ତେ ଅନୁକୂଳ ବାତାବରଣ ସୃଷ୍ଟି ଉଦ୍ଦେଶ୍ୟରେ ସରକାର ସେମାନଙ୍କ ଶିକ୍ଷା, ଦକ୍ଷତା ବିକାଶ ସାଙ୍ଗକୁ ଛାତ୍ରାବାସ ରହଣି ଉପରେ ଗୁରୁତ୍ୱ ଦେଇଛନ୍ତି । ସେମାନଙ୍କ ଆର୍ଥିକ କାର୍ଯ୍ୟକଳାପକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଏପରି ସହାୟତା ବିଶେଷ ପ୍ରଭାବୀ ସାବ୍ୟସ୍ତ ହେବ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

## ମଧ୍ୟାହ୍ନ ଭୋଜନ ପାଚିକା ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା, ୨୩/୦୬ (ନି.ପ୍ର): ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ୫ଦଫା ଦାବିପତ୍ର ଜିଲ୍ଲାପାଳଙ୍କ ନିକଟକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ପଠାଯାଇଛି । ଏହି ଦାବିପତ୍ର ରେ ସରକାର ପଠାଇଥିବା ଶାଢୀ ଓ ୨୮ ମାସର ବାକି ପାଇସାରେ ଅନେକ ପାଚିକା ମାନଙ୍କର ସମସ୍ୟା ପ୍ରତି ଗୁରୁତ୍ୱ ଦେବାକୁ ଦାବି କରାଯାଇଛି । ସ୍କୁଲ ବନ୍ଦ ଓ ମିଶ୍ରଣ ପରେ ବାଦ୍ ପଡିଥିବା ପାଚିକା ମାନଙ୍କୁ ତୁରନ୍ତ ନିଯୁକ୍ତି ଦେବା, ପାଚିକା ମାନଙ୍କୁ ୧୦ ମାସ ପରିବର୍ତେ ୧୨ ମାସର ଦରମା ପ୍ରଦାନ କରିବା ଆଦି ଦାବି ଗୁଡିକ ରହିଛି । ଏହିଦ ଦାବିପତ୍ର ପ୍ରଦାନ ସମୟରେ କେନ୍ଦ୍ରାପଡା ଜିଲ୍ଲା କମିଟି ସଭାପତି ସୁହାନା ବେଗମଙ୍କ ନେତୃତ୍ୱରେ ଶୋଭାଗିନୀ ପତି, ଲକ୍ଷ୍ମୀପ୍ରିୟା ରାଉତ, ଜ୍ୟୋସ୍ନାରାଣୀ ଦାସ, ଲକ୍ଷ୍ମୀ ମାହାଳି ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜୁଳି ସେବା ନାଁରେ ଶୋଷଣ କରୁଥିବା ଟାଟା ପାୱାର ସହ ଚୁକ୍ତି ବାତିଲ କରନ୍ତୁ ରାଜ୍ୟ ସରକାର: ବିଜେପି

ଭୁବନେଶ୍ୱର, ୨୩/୦୬ (ନି.ପ୍ର): ଓଡ଼ିଶାର ଏକ ନମ୍ବର ମୁଖ୍ୟମନ୍ତ୍ରୀ ବୋଲି ସର୍ବଦା ବାଃ ବାଃ ନେଉଥିବାବେଳେ ବିଜୁଳି ସମସ୍ୟା ତାଙ୍କର ଅସଲ ମୁଖାକୁ ପଦାରେ ପକାଇଛି । ଓଡ଼ିଶାରେ ସର୍ବଦା ଅଘୋଷିତ ବିଦ୍ୟୁତ କାଟ ହେଉଥିବାରୁ ସାଧାରଣ ଉପଭୋକ୍ତା ଯମ ଯନ୍ତ୍ରଣା ଅନୁଭବ କରୁଛନ୍ତି । ରାଜ୍ୟ ସରକାରଙ୍କ ମୌଳିକ ଅଧିକାର ଓଡିଶାବାସୀଙ୍କ ନିକଟରେ ବିଜୁଳି ପଂହଚାଇବା କିନ୍ତୁ ରାଜ୍ୟ ସରକାର ଏନେଇ ବିଫଳ । ଅଘୋଷିତ ବିଦ୍ୟୁତ କାଟ୍ ପାଇଁ ବାରମ୍ବାର ଭାରତୀୟ ଜନତା ପାର୍ଟି ଅବଗତ କରାଇବା ସହ ରାଜରାସ୍ତାରେ ଆନ୍ଦୋଳନ କରିବା ସତ୍ତ୍ୱେ ମଧ୍ୟ ରାଜ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି । ଗତକାଲି କ୍ୟାବିନେଟ୍‌ରେ ରାଜ୍ୟ ସରକାର କହିଛନ୍ତି, ରାଜ୍ୟର ବଳକା ବିଜୁଳି ଉତ୍ପାଦନ କରିବା ସମ୍ପୂର୍ଣ୍ଣ ମିଛ । ବିଜୁଳିର ଆବଶ୍ୟକତା ପୂରଣ ପାଇଁ ରାଜ୍ୟ ସରକାର ମଧ୍ୟପ୍ରଦେଶରୁ ଧାରରେ ବିଜୁଳି ଆଣିବେ । ଓଡ଼ିଶାବାସୀଙ୍କ ମୌଳିକ ଆବଶ୍ୟକ ପଡୁଥିବା ବିଜୁଳିକୁ ମୁଖ୍ୟମନ୍ତ୍ରୀ ଟାଟା ପାୱାରକୁ ୫୧ପ୍ରତିଶତ ସେୟାର ଦେଇଛନ୍ତି ଠିକାଦାରୀ କରିବା ପାଇଁ । ବିଜେପି ଯେବେ ଲୋକଙ୍କ ପାଇଁ ସ୍ୱର ଉଠାଉଛି ଶାସକ ଦଳର ନେତା, ମନ୍ତ୍ରୀମାନେ ଠିକାଦାରୀ ସଂସ୍ଥାର ବେତନଭୋଗୀ କର୍ମଚାରୀ ଭଳି ଉତର ଦେଉଛନ୍ତି । ବିଜୁଳି ବିଭାଗର ଖୋଦ୍ ମନ୍ତ୍ରୀ କେତେବେଳେ ମୌନବ୍ରତ ତ କେତେବେଳେ ଅଜ୍ଞାତବାସରେ ରହୁଛନ୍ତି । ତାହାଲେ ରାଜ୍ୟବାସୀ କାହା ପାଖରେ ଗୁହାରି କରିବେ ବୋଲି ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଆଜି ସାମ୍ବାଦିକ ସମ୍ମିଳନୀ କରି ଶ୍ରୀ ମହାପାତ୍ର କହିଛନ୍ତି ଯେ, ବିଜୁଳି ସମସ୍ୟା ଓଡ଼ିଶାରେ ଏବେ ବ୍ୟାପକ ସମସ୍ୟା ହେଲାଣି । କିନ୍ତୁ ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ ଶୁଣିବାରେ ବିଫଳ । ନବୀନ ବାବୁ ଶାସନ ଗାଦିରେ ବସିଛନ୍ତି କିନ୍ତୁ ଜନତାଙ୍କ ପାଖରେ ପଂହଚୁନାହାନ୍ତି । ଏନେଇ ବିଜେପି ଉଠାଉଥିବା ପ୍ରଶ୍ନକୁ ଶାସକ ଦଳର ନେତା, ମନ୍ତ୍ରୀମାନେ କହୁଛନ୍ତି ସେ କୁଆଡେ ବଛା ବଛା ଜାଗାକୁ ଯାଉଛନ୍ତି । ତାହାଲେ ଅନ୍ୟ ଜାଗାକୁ ଯାଉଛି କିଏ ? ଗଣତନ୍ତ୍ରରେ ଆମ ବିଶ୍ୱାସ କରୁ । ଗଣତନ୍ତ୍ର ଅନୁସାରେ ଆମେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିବୁ କିନ୍ତୁ ଶାସକ ଦଳର ନେତା, ମନ୍ତ୍ରୀମାନେ ଉତର କାହିଁକି ରଖୁନାହାନ୍ତି ? ଏବେ ବିଜେଡି ସ୍ୱୀକାର କରୁଛି ମୁଖ୍ୟମନ୍ତ୍ରୀଙ୍କ ପ୍ରଶ୍ନ ନକରି ଜଣେ ବେତନଭୋଗୀ କର୍ମଚାରୀଙ୍କୁ ପ୍ରଶ୍ନ ପଚାରିବାକୁ । ବିଜୁଳିରେ ୨୭୦୨୭ କୋଟି ଟଙ୍କା କଣ କଲ ବୋଲି ବିଜେପି ପ୍ରଶ୍ନ କରିଥିଲା ଓ ଉତରରେ ଶକ୍ତିମନ୍ତ୍ରୀ କହିଛନ୍ତି ଯେ, ୨୦୨୨-୨୩ ଆର୍ଥିକ ବର୍ଷରେ ଟାରିଫ ନିର୍ଦ୍ଧାରଣରେ ବଳକା ୩୫୦କୋଟି ଟଙ୍କା ବିଚାରକୁ ନିଆଯାଇ ଉପଭୋକ୍ତାଙ୍କୁ ରିହାତି ଦିଆଯାଇଛି । ମହାମାରୀ କରୋନାବେଳେ ରାଜ୍ୟ ସରକାର ୩୫୦କୋଟି ଟଙ୍କା ଅଧିକ ଉପଭୋକ୍ତାଙ୍କ ପାଖରୁ ନେଇଛନ୍ତି । ସେହିଭଳି ଆର୍ଥିକ ବର୍ଷ ୨୦୨୧-୨୨ରେ କମ୍ପାନୀମାନେ ଅଧିକ ୫୦୦କୋଟି ଟଙ୍କା ଉପଭୋକ୍ତାଙ୍କ ପାଖରୁ ଆଦାୟ କରିଛନ୍ତି । କରୋନା କାଳରେ ମାତ୍ର ୩୫୦କୋଟି ଟଙ୍କା ଉପଭୋକ୍ତାଙ୍କୁ ଫେରାଇଛନ୍ତି ୨୭ଶହ ୨୭କୋଟି ଟଙ୍କା ଫେରାଇ ନାହାନ୍ତି । ଗତ ବିଧାନସଭାରେ ବିଜୁଳିକୁ ନେଇ ରାଜ୍ୟ ସରକାର ଉତର ରଖିଛନ୍ତି ଯେ, ୧୦ବର୍ଷରେ ବିଜୁଳି ବିଭାଗର ସମ୍ପ୍ରତି ୧୮ହଜାର ୩ଶହ ୨୫କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ସେଥିରୁ କେନ୍ଦ୍ର ସରକାର ୬ହଜାର ୨ଶହ ୪୪କୋଟି ଟଙ୍କା ଦେଇଛନ୍ତି କିନ୍ତୁ ରାଜ୍ୟ ସରକାର ଟାଟା ପାୱାରକୁ ଯେତେବେଳେ କ୍ଷମତା ହସ୍ତାନ୍ତର କରିଛନ୍ତି, ୫ହଜାର ୬ଶହ ୯୩କୋଟି ଟଙ୍କା । ୧୨୬୩୨କୋଟି ଟଙ୍କା କୁଆଡେ ଗଲା ଓ କେଉଁଠି ଖର୍ଚ୍ଚ କଲେ ରାଜ୍ୟ ସରକାର ଉତର ରଖନ୍ତୁ । ଟାଟା ପାୱାର ସହ ରାଜ୍ୟ ସରକାରଙ୍କ ସମ୍ପର୍କ କଣ ? ବିଜୁଳି ବିଭାଗରେ ମେଗା କରପସନ ହୋଇ ତୃତୀୟ ମହଲାକୁ ଅର୍ଥ ଯାଇଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

# ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ମାନଙ୍କ ନେତୃତ୍ୱ ବିକାଶ ପାଇଁ ଗୁରୁତ୍ୱ ଦିଆଯିବ – ଶରତ ପଟ୍ଟନାୟକ

ଭୁବନେଶ୍ୱର , ୨୩/୦୬ (ନି.ପ୍ର): ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ବିଭାଗ ରାଜ୍ୟ ଅଧ୍ୟକ୍ଷ, ଜାତୀୟ ସଂଯୋଜକ ମାନଙ୍କ ବୈଠକ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଯୋଗଦେଇ କହିଲେ ଯେ ରାଜ୍ୟରେ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ଜନସାଧାରଣଙ୍କର ବିକାଶ ତଥା ସେମାନଙ୍କୁ କଂଗ୍ରେସ ଦଳ ପକ୍ଷରୁ ସେବା ଯୋଗାଇବା ଏବଂ ସେହି ବର୍ଗର ଲୋକମାନଙ୍କୁ କଂଗ୍ରେସ ଦଳ ମଧ୍ୟରେ ଅଧିକ କ୍ରିୟାଶିଳ କରିବାର ଆବଶ୍ୟକତା ରହିଛି । ରାଜ୍ୟରେ ଏ ବର୍ଗର ଲୋକମାନେ ୯୪%ରୁ ଅଧିକ ରହିଥିବା ବେଳେ ଏହି ବର୍ଗକୁ ଗୁରୁତ୍ୱ ଦେଇ ତାଙ୍କର ବିକାଶ ପାଇଁ ଉତମ ଓ ଦକ୍ଷ ନେତୃତ୍ୱ ନେଇ ପାରୁଥିବା ବ୍ୟକ୍ତିଙ୍କର ଆବଶ୍ୟକତା ରହିଛି । ଏଣୁ ଓଡ଼ିଶାରେ ଉପରୋକ୍ତ ବର୍ଗରୁ ଉତମ ଓ ଦକ୍ଷତା ସଂପନ୍ନ ନେତୃତ୍ୱ ସୃଷ୍ଟିକରିବା ଦିଗରେ ପ୍ରଦେଶ କଂଗ୍ରେସ ପକ୍ଷରୁ ସମସ୍ତ ଅନୁସୂଚିତ ଜାତି / ଜନଜାତି ଲୋକସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀ ଗୁଡ଼ିକରେ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ଏଥିପାଇଁ ରାଜ୍ୟରେ ଥିବା ୩ଟି ଅନୁସୂଚିତ ଜାତି ଲୋକସଭା, ୨୪ଟି ଅନୁସୂଚିତ ଜାତି ବିଧାନ ସଭା, ୫ଟି ଅନୁସୂଚିତ ଜନଜାତି ଲୋକସଭା ଓ ୩୩ ଟି ଜନଜାତି ବିଧାନସଭା ନିର୍ବାଚନ ମଣ୍ଡଳୀରେ ନେତୃତ୍ୱ ବିକାଶ ପାଇଁ ଜଣେ ଲେଖାଏ ସଂଯୋଜକ ନିଯୁକ୍ତି କରାଯିବ । ସେମାନେ ଜିଲ୍ଲା କଂଗ୍ରେସ କମିଟି, ବ୍ଲକ / ନଗର କଂଗ୍ରେସ କମିଟି ଓ ନିର୍ବାଚନ ମଣ୍ଡଳୀର ନେତୃମଣ୍ଡଳୀଙ୍କ ସହିତ ପରାମର୍ଶ କରି ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ଼ କରିବାପାଇଁ ଯତ୍ନବାନ ହେବେ ବୋଲି ପିସିସି ସଭାପତି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଥିଲେ । ଆଜିର ଏହି ବୈଠକର ସଂଯୋଜକ ତଥା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରା, ଜନଜାତି ବିଭାଗ ଅଧ୍ୟକ୍ଷ ଭୁଜବଳ ମାଝୀ, ସଂଖ୍ୟାଲଘୁ ବିଭାଗ ଜାତୀୟ ସଂଯୋଜକ ଅବୁଦୁଲ କାଲାମ, ଅନୁସୂଚିତଜାତି ବିଭାଗ ସଂଯୋଜକ ମାନସ ମଲ୍ଲିକ, ପଛୁଆବର୍ଗ ବିଭାଗ ସଂଯୋଜକ ରାଜକିଶୋର ବାରିକ ପ୍ରମୁଖ ଉପସ୍ଥିତରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ପଂଚାୟତ ସ୍ତରରେ ଜାତୀୟ ପେନସନ ପ୍ରଦାନ କରାଯାଉ : ବିଜେଡି

ଭୁବନେଶ୍ୱର, ୨୩/୦୬ (ନି.ପ୍ର): ଓଡିଶାରେ ଜାତୀୟ ପେନସନ ପାଉଥିବା ୨୦ ଲକ୍ଷ ଲୋକ ଅଛନ୍ତି ଯେଉଁଥିରୁ ୫୦% ଅର୍ଥ ଓଡିଶା ସରକାର ବହନ କରୁଛନ୍ତି । ବୃଦ୍ଧାବସ୍ଥା ଏବଂ ଭିନ୍ନକ୍ଷମ ପେନସନ ସମେତ ଜାତୀୟ ପେନସନ ପାଉଥିବା ହିତାଧିକାରୀମାନେ ସେମାନଙ୍କ ପେନସନ ଗଣ୍ଡାକ ପାଇଁ ଗ୍ରାମାଂଚଳରେ ଅବସ୍ଥିତ ବ୍ୟାଙ୍କକୁ ବହୁ ଦୂର ଯାତ୍ରା କରିବାକୁ ପଡୁଥିବାରୁ ସେମାନେ ହଇରାଣ ହେଉଥିବା କହିଛନ୍ତି ବିଜେଡି ମୁଖପାତ୍ର ଶ୍ରୀମତୀ ଶ୍ରୀମୟୀ ମିଶ୍ର । ଜାତୀୟ ପେନସନଧାରୀଙ୍କ ଦୁରାବସ୍ଥା ସଂକ୍ରାନ୍ତରେ ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଶ୍ରୀମତୀ ମିଶ୍ର କହିଛନ୍ତି ଯେ ଓଡ଼ିଶାର ୨୮ ଲକ୍ଷ ଲୋକ ମଧୁ ବାବୁ ପେନସନ ପାଉଛନ୍ତି ଯେଉଁଥିରେ ବୃଦ୍ଧବୃଦ୍ଧା ପେନସନ୍ ଏବଂ ଭିନ୍ନକ୍ଷମ ପେନସନ୍ ହିତାଧିକାରୀ ଅନ୍ତର୍ଭୁକ୍ତ ଅଛନ୍ତି ଏବଂ ଓଡ଼ିଶା ସରକାର ଗ୍ରାମ ପଂଚାୟତ ସ୍ତରରେ ସେମାନଙ୍କ ପେନସନ ପ୍ରଦାନ କରୁଛନ୍ତି । ଯାହା ଦ୍ୱାରା ସେମାନେ ସେମାନଙ୍କ ପେନସନ୍ ଗଣ୍ଡାକ ପାଇବାରେ ହଇରାଣ ହେବେ ନାହିଁ । ଓଡିଶାରେ ଉପଯୁକ୍ତ ବ୍ୟାଙ୍କିଙ୍ଗ୍ କଭରେଜ୍ ଅଭାବରୁ ବ୍ୟାଙ୍କଗୁଡିକ ହିତାଧିକାରୀଙ୍କ ନିଜ ଗ୍ରାମଠାରୁ ବହୁ ଦୂରରେ ଅବସ୍ଥିତ । କେନ୍ଦ୍ର ଦ୍ୱାରା ଓଡିଶାରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଐତିହାସିକ ଅବହେଳା ହେତୁ ଓଡିଶାର ବ୍ୟାଙ୍କିଙ୍ଗ୍ ନେଟୱାର୍କ ଅତ୍ୟନ୍ତ ଦୁର୍ବଳ ଏବଂ ୬୦% ରୁ ଅଧିକ ପଂଚାୟତରେ ଆଜି ମଧ୍ୟ କୌଣସି ବ୍ୟାଙ୍କ ସେବା ମିଳିପାରୁ ନାହିଁ । ବିଜୁ ଜନତା ଦଳ ଓଡିଶାରେ ବ୍ୟାଙ୍କିଙ୍ଗ୍ କଭରେଜ୍ ଏବଂ ନେଟୱାର୍କର ଉନ୍ନତି ପାଇଁ ଦଶନ୍ଧି ପୂର୍ବରୁ କେନ୍ଦ୍ର ସମ୍ମୁଖରେ ଦାବି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ତେବେ ଏହା ଆଶ୍ଚର୍ଯ୍ୟଜନକ ଯେ ଓଡିଶା ବିଜେପି ସାଂସଦମାନେ ଏହି ପ୍ରସଙ୍ଗରେ ନିରବ ରହିଛନ୍ତି ଏବଂ ଓଡିଶାର ବ୍ୟାଙ୍କିଙ୍ଗ୍ କଭରେଜରେ ଉନ୍ନତି ଆଣିବା ପାଇଁ ନିଜ ଦଳ ନେତୃତ୍ୱରେ ଚାଲୁଥିବା କେନ୍ଦ୍ର ଆଗରେ ସ୍ୱର ଉତ୍ତୋଳନ କରୁନାହାଁନ୍ତି । ଏହା ମଧ୍ୟ ଆଶ୍ଚର୍ଯ୍ୟଜନକ ଯେ ଓଡ଼ିଶାର ମାନ୍ୟବର କେନ୍ଦ୍ର ମନ୍ତ୍ରୀମାନେ ମଧ୍ୟ ଚୁପ୍ ରହିଛନ୍ତି ଏବଂ ରାଜ୍ୟରେ ବ୍ୟାଙ୍କିଙ୍ଗ୍ କଭରେଜ ଯୋଗୁଁ ଅସୁବିଧା ଭୋଗୁଥିବା ବୃଦ୍ଧବୃଦ୍ଧା ଏବଂ ଭିନ୍ନକ୍ଷମ ହିତାଧିକାରୀଙ୍କ ପାଇଁ ପାଟି ଫିଟାଉ ନାହାନ୍ତି ।

# ବିଶ୍ୱର ବୃହତ୍ତମ ସପିଂ ମଲ୍



ବିଶ୍ୱର ବୃହତ୍ତମ ସପିଂ ମଲ୍ଟି ଚାଇନାର ଡୋଙ୍ଗ୍‌ଗୁଆନ୍‌ରେ ଅଛି । ନାମ- 'ସାଉଥ୍ ଚାଇନା ମଲ୍' । ସତୁରି ଲକ୍ଷ ବର୍ଗ ଫୁଟ୍ ପରିମିତ ଅଞ୍ଚଳରେ ମଲ୍ଟି ଛିଡ଼ାହୋଇଛି । ମଲ୍‌ରେ ରହିଛି ମୋଟ ୨୩୫୦ଟି ଦୋକାନ-ଘର । ଆଉ ମଲ୍ ସଂପର୍କରେ ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି, ଏକଦା ଏହାର ଅନେଶତ ପ୍ରତିଶତ ସ୍ଥାନ ଖାଲି ପଡ଼ିଥିଲା । ମଲ୍ଟି ନୂଆ ନୁହେଁ । ୨୦୦୫ରେ ହୁ ଗୁଇରଙ୍ଗ୍ ନାମକ ବ୍ୟବସାୟୀ ମଲ୍ଟି ତିଆରି କରାଇଥିଲେ । ତେବେ, କେହି ଭଡ଼ା ନ ନେବାରୁ ପ୍ରାୟ ଦଶ ବର୍ଷ ଖାଲି ପଡ଼ିଥିଲା । କେବଳ ତଳ ମହଲାରେ ଅଳ୍ପ କେତୋଟି ଫାଷ୍ଟ ଫୁଡ୍ ଦୋକାନ ଥିଲା । ବିଶେଷ କେହି ଆସୁ ନ ଥିଲେ । ମଲ୍‌ରେ ଲାଗିଥିବା ଲିଫ୍ଟ, ଏସ୍କାଲେଟର ଆଦି ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇଯାଇଥିଲା । ହୁ ଜଣେ ନୁଡଲ୍ ବ୍ୟବସାୟୀ । ସେ ନିଜର ସଞ୍ଚିତ ଅର୍ଥର ଏକ ବଡ଼ ଭାଗ ମଲ୍ ?ରେ ଲଗାଇଥିଲେ । ମଲ୍ ଭିତରେ ନାନା ଅଭିନବ ବ୍ୟବସ୍ଥା କରାଇଥିଲେ । ରୋଲର କୋଷ୍ଟର ଲଗାଇଥିଲେ । ଭେନିସ୍ ଢାଞ୍ଚାରେ କୃତ୍ରିମ କେନାଲ୍ ଏବଂ ଗଣ୍ଡୋଲା ବିହାରର ବ୍ୟବସ୍ଥା କରିଥିଲେ । ବିଶିଷ୍ଟ ସିନେମା ନିର୍ମାତା ସାମ୍ ଗ୍ରିନ୍ ମଲ୍ଟି ଉପରେ 'ୟୁଟୋପିଆ ପାର୍ଟ୍ ଥ୍ରି : ଦ ୱାର୍ଲ୍ଡସ ଲାର୍ଜେଷ୍ଟ ସପିଙ୍ଗ ମଲ୍' ନାମରେ ପ୍ରାମାଣିକ ଚଳଚ୍ଚିତ୍ର ତିଆରି କରିଥିଲେ । ୨୦୧୫ ପରେ ମଲ୍ କ୍ରମଶଃ ଏକ ବଡ଼ ବ୍ୟବସାୟ ପେଣ୍ଠରେ ପରିଣତ ହୋଇଥିଲା ।

# କିସ୍‌ମିସ୍ ଖାଇଲେ ଅନେକ ଫାଇଦା, ଦୂରେଇ ଯିବ ଗୁଡ଼ାଏ ରୋଗ



କିସ୍‌ମିସ୍ ଖାଇବାକୁ କାହାକୁ ବା ଭଲ ଲାଗେନା କିସ୍‌ମିସ୍ ଖାଇବାକୁ ଯେତିକି ସ୍ୱାଦିଷ୍ଟ ତାହା ଦେହ ପାଇଁ ତା'ଠାରୁ ବି ଅଧିକ ଭଲ । କିସ୍‌ମିସ୍ ସଂପର୍କରେ ଆହୁରି ଗୁଡ଼ାଏ କଥା ଅଛି ଯାହା ହୁଏତ ଆପଣ ଜାଣନଥିବେ । ଏଥିରେ ବହୁ ସ୍ୱାସ୍ଥ୍ୟଗତ ଫାଇଦା ରହିଛି । କିସ୍‌ମିସ୍ ଖାଇବା ଦ୍ୱାରା ଉତ୍ତମ ହଜମ ହେବା ସହ କୋଷ୍ଠକାଠିନ୍ୟ ବି ଦୂର ହୋଇଥାଏ । ଥଣ୍ଡା, ଜ୍ୱର, କାଶ ଆଦି ରୋଗର ନିରାକରଣ ବି ଏଥିରେ ରହିଛି ବୋଲି ଗବେଷକମାନେ ମତ ଦେଇଛନ୍ତି ।

କେବଳ ସେତିକି ନୁହେଁ, ଏହାର ସକାରାତ୍ମକ ପ୍ରଭାବ ଆଖି, ଦାନ୍ତ, କେଶ ଓ ହାଡ଼ ଆଦିରେ ପଡ଼ିଥାଏ । ଏଥିରେ କ୍ୟାଲ୍‌ସିୟମ୍, ଆଇରନ୍, ପଟାସିୟମ୍, ଫସ୍‌ଫରସ୍ ଏବଂ ମାଗ୍ନେସିୟମ ଆଦି ରହିଛି । ଏହାବ୍ୟତୀତ ଏଥିରେ ଭିଟାମିନ ସି, ଏବଂ ବି-୬ ମଧ୍ୟ ରହିଛି ।

ରାତିରେ ୪ଟି କିମ୍ବା ୬ଟି କିସ୍‌ମିସ୍‌କୁ ପାଣିରେ ଭିଜେଇ ଦିଅନ୍ତୁ । ସକାଳୁ ଉଠି ଦାନ୍ତ ଘସିବା ପରେ ଖାଲି ପେଟରେ ସେହି ପାଣି ମିଶା କିସ୍‌ମସ୍‌କୁ ଖାଇଦିଅନ୍ତୁ ।

ଯେଉଁମାନଙ୍କର ସ୍ୱାସ୍ଥ୍ୟ ସହଜରେ ଲାଗେ ନାହିଁ ସେମାନେ କିସ୍‌ମିସ୍ ଖାଇପାରନ୍ତି । ଏହା ଶରୀରରେ ଅତିରିକ୍ତ ଚର୍ବି ନ ବନାଇ ବ୍ୟକ୍ତିକୁ ମୋଟା ହେବାରେ ସହାୟ ହୋଇଥାଏ ।

କିସମିସରେ କର୍କଟ ରୋଗକୁ ପ୍ରତିରୋଧ କରିବାର କ୍ଷମତା ରହିଛି । ଏହାଛଡ଼ା କିସ୍‌ମିସ୍ ଖାଇବା ଦ୍ୱାରା ହୃଦ୍‌ରୋଗ, ମଧୁମେହ, ନିଦ୍ରାହୀନତା, ତ୍ୱଚା, କେଶ, କିଡନୀ ଜନିତ ରୋଗ ଆଦି ମଧ୍ୟ ଦୂର ହୋଇଥାଏ । ଏହାକୁ ନିୟମିତ ଖାଇଲେ ଅନେକ ସୁଫଳ ମିଳିବ ।

# ଫଙ୍ଗଲ୍ ଇନ୍‌ଫେକ୍‌ସନ୍ ପାଇଁ ଭଲ ଲେମ୍ବୁ ମଞ୍ଜି

ଆମେ ସାଧାରଣତଃ ଲେମ୍ବୁ ଓ କମଳା ଖାଇବା ବେଳେ ଏହାର ମଞ୍ଜିକୁ ବାହାର କରି ଫିଙ୍ଗି ଦେଇଥାଉ । ହେଲେ ଆପଣ ଜାଣିଛନ୍ତି କି ଲେମ୍ବୁ ଓ କମଳା ମଞ୍ଜିରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି । ଏହି ମଞ୍ଜିକୁ ଖାଇଲେ ଆପଣ ଅନେକ ସ୍ୱାସ୍ଥ୍ୟଜନିତ ସମସ୍ୟାରୁ ମୁକ୍ତି ପାଇପାରିବେ । ତା' ହେଲେ ଆସନ୍ତୁ ଜାଣିବା ଲେମ୍ବୁ ମଞ୍ଜିରେ କ'ଣ ସବୁ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି ।

♦ ଅଧିକାଂଶ ସମୟରେ ଆପଣ ମୁଣ୍ଡ ବିନ୍ଧାକୁ ଶୀଘ୍ର ଠିକ୍ କରିବା ପାଇଁ ଏସ୍ପିରିନ୍ ଖାଇଥା'ନ୍ତି । ଲେମ୍ବୁ ମଞ୍ଜିରେ ପ୍ରଚୁର ମାତ୍ରାରେ ସେଲିସିଲିକ ଏସିଡ୍ ରହିଛି, ଯାହା ଏସ୍ପିରିନର ଏକ ଅଂଶ । ତେଣୁ ମୁଣ୍ଡ ବିନ୍ଧା ସମୟରେ ଲେମ୍ବୁ ମଞ୍ଜି ଖାଇଲେ ଉପଶମ ମିଳିଥାଏ ।

♦ ଲେମ୍ବୁ ମଞ୍ଜିରେ ଆଣ୍ଟି-ବ୍ୟାକ୍ଟେରିଆଲ୍ ଗୁଣ ରହିଛି, ଯାହା ଆପଣଙ୍କ ମୁହଁରେ ହେଉଥିବା ବ୍ରଣକୁ ଭଲ କରିବା ପାଇଁ ସାହାଯ୍ୟ କରିଥାଏ । ତେଣୁ ବ୍ରଣ ଭଲ କରିବା ପାଇଁ ଲେମ୍ବୁ ମଞ୍ଜିର ତେଲକୁ ବ୍ୟବହାର କରନ୍ତୁ । ଯଦି ନିୟମିତ ଭାବରେ ଲେମ୍ବୁ ମଞ୍ଜିକୁ ମୁହଁରେ ବ୍ୟବହାର କରିବେ, ତେବେ କିଛିଦିନ ମଧ୍ୟରେ ଆପଣଙ୍କ ବ୍ରଣ ଓ ଦାଗ ଭଲ ହୋଇଯିବ ।

♦ ଆହୁରି ମଧ୍ୟ ଲେମ୍ବୁ ମଞ୍ଜିରେ ଭିଟାମିନ୍ ସି ରହିଛି, ଯାହା ତ୍ୱଚାକୁ ସୁସ୍ଥ ରଖି ଉଜ୍ଜ୍ୱଳ କରିଥାଏ । ତ୍ୱଚାରେ ପ୍ରତିଦିନ ଲେମ୍ବୁ ମଞ୍ଜି ବ୍ୟବହାର କଲେ, ଆପଣଙ୍କ ତ୍ୱଚା ମଶ୍ଚୋରାଇଜ୍ ରହିଥାଏ ।

# ଖାଦ୍ୟ ଉପଯୋଗୀ ବାସନ

ଆମେ ବାସନରେ ଖାଦ୍ୟ ଖାଆନ୍ତି । କିନ୍ତୁ ବାସନକୁ ଖାଦ୍ୟ ଭାବେ ଖାଇବା, ଏକଥା କେବେ ଚିନ୍ତା କରିଛନ୍ତି କି? ବିଶ୍ୱାସ ହେଉନଥିଲେ ବି କଥାଟି ସତ । ବେଙ୍ଗାଲୁରୁର ଦୁଇଜଣ ମହିଳା ଶୈଳା ଗୁରୁଦତ୍ତ ଏବଂ ଲକ୍ଷ୍ମୀ ଭୀମାଚାର ଆଇବିଏମ୍ ଭଳି ପ୍ରସିଦ୍ଧ ସଫ୍ଟୱାର କଂପାନି ଚାକିରି ଛାଡ଼ି ଏଭଳି ନିଆରା ବାସନ ପ୍ରସ୍ତୁତ କରୁଛନ୍ତି । ଖାଦ୍ୟ ଖାଇବା ପରେ ଏହି ବାସନକୁ ବିବ ଆପଣ ଖାଇପାରିବେ । ସେମାନଙ୍କ କଂପାନିର ନାମ ରହିଛି ଏଡିବଲ ପ୍ରୋ । କଂପାନିକୁ ଏଫଏସଏସଏଆଇରୁ ମଞ୍ଜୁରି ବି ମିଳିଛି । ଏହା ପରିବେଶ ଅନୁକୂଳ ଖାଦ୍ୟ ଉପଯୋଗୀ ବାସନକୁସନ ପ୍ରସ୍ତୁତ କରିଥାଏ । ସେଥିମଧ୍ୟରେ କଣ୍ଟା ଚାମଚ, ଛୁରୀ, କପ୍, ପ୍ଲେଟ୍, ଗିନା ପ୍ରଭୃତି ସାମିଲ । ଏହାଛଡ଼ା ଆହୁରି ୮୦ରୁ ଅଧିକ ଉତ୍ପାଦ ପ୍ରସ୍ତୁତ କରାଯାଉଛି । ଏ ସଂପର୍କରେ ଲକ୍ଷ୍ମୀ ଏବଂ ଶୈଳା କହିଛନ୍ତି, 'ବିବାହ, ଜନ୍ମଦିନ, ବ୍ରତଘର ଭଳି ଉତ୍ସବମାନଙ୍କରେ ବହୁ ପରିମାଣରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର ହେଉଥିବାର ଦେଖି ଆମକୁ ଏଭଳି ଉତ୍ପାଦ ପ୍ରସ୍ତୁତ କରିବାର ଆଇଡିଆ ଆସିଲା । ଖାଦ୍ୟ ଉଦ୍ୟୋଗରେ ପରିବେଶ ଅନୁକୂଳ ବିକଳ୍ପ



ଆଣିବାକୁ ଆମେ ଚିନ୍ତା କଲୁ । ଆମେ ପ୍ରସ୍ତୁତ କରିଥିବା ବାସନକୁସନ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ଭଳି । ଫରକ ଏତିକି ଖାଦ୍ୟ ଖାଇବା ପରେ ଆପଣ ଏହାକୁ ବି ଖାଇପାରିବେ ।' ବାଜରା, ଡାଲି, ଚାଉଳ ଆଦିରୁ ସେମାନେ ବାସନକୁସନ ପ୍ରସ୍ତୁତ କରିଥାନ୍ତି । ଏହି ସବୁ ଶସ୍ୟ ସ୍ଥାନୀୟ ଚାଷୀମାନଙ୍କଠାରୁ ସିଧାସଳଖ କିଣାଯାଇଥାଏ । ସେହିଭଳି କୌଣସି ଉତ୍ପାଦରେ କୃତ୍ରିମ ରଙ୍ଗ ବ୍ୟବହାର ହୋଇନଥାଏ । ବାସନକୁ ପ୍ରସ୍ତୁତ କରିବା ଲାଗି ବିଟ୍, ଗାଜର, ପାଳଙ୍ଗ ଭଳି ପରିବାରୁ ବାହାର କରାଯାଇଥିବା ପ୍ରାକୃତିକ ରଙ୍ଗକୁ ସେମାନେ ବ୍ୟବହାର କରନ୍ତି । ନିଆରା ସ୍ୱାଦ ପାଇଁ ସେଥିରେ ଶିମଲା ଲଙ୍କାର ଅର୍କ, ଭାନିଲା, ଡାଲଚିନି, ଗୁଜରାତି ପ୍ରଭୃତି ମିଶାଯାଇଥାଏ । ଏହି ବାସନର ଦାମ୍ ୨ଟଙ୍କାରୁ ୧୫୫ଟଙ୍କା ଯାଏ ରହିଛି । ବିବାହ, ଜନ୍ମଦିନ ଆଦି ଉତ୍ସବ ପାଇଁ ସେମାନେ ଏହି ବାସନକୁ ଅର୍ଡର ଅନୁସାରେ ଯୋଗାଉଛନ୍ତି ।

# ମୋହନଥାଲ୍

ଗୁଜରାଟର ଏକ ଲୋକପ୍ରିୟ ରେସିପି ମୋହନଥାଲ । ବେସନ, ଗୁଆଘିଅ, ଚିନି ଏବଂ ବାଦାମରେ ତିଆରି ହୋଇଥାଏ ଏହି ମିଠେଇ । ଏହା ଦେଖିବାକୁ ବରଫି ଭଳି । କେହି କେହି ଏହାକୁ ବେସନ ବରଫି ବୋଲି କହିଥାଆନ୍ତି । ତେବେ ସ୍ୱାଦ ଏବଂ ଆକାର ବରଫିଠାରୁ ଭିନ୍ନ । ରାଜସ୍ଥାନର କେତେକ ଅଞ୍ଚଳରେ ମଧ ମୋହନ ଥାଲ ଏକ ଲୋକପ୍ରିୟ ସ୍ୱିଟ୍ ଡେଜର୍ଟ । ଭୋଜିଭାତ ଅବସରରେ ଏହି ମିଠା ପରିବେଷଣ କରାଯାଇଥାଏ । ଏଥିରେ କ୍ଷୀର ଅଧିକ ମିଶୁଥିବାରୁ ଏହାର ଅଧିକ ଦିନ ପର୍ଯ୍ୟନ୍ତ ତାଜା ଥାଏ ।

ଖାଇବାକୁ ମଧ ନରମ । ପର୍ବପର୍ବାଣୀ ଅବସରରେ





ଏହାକୁ ପ୍ରସ୍ତୁତ କରାଯାଇଥାଏ । ତେବେ ଦୀପାବଳୀରେ ଘରେ ଘରେ ତିଆରି ହୋଇଥାଏ ମୋହନଥାଲ । ରାଜାରାଜୁଡ଼ା ଅମଳରୁ ଏହି ମିଠା ଗୁଜରାଟ ସମେତ ରାଜସ୍ଥାନର ଘରେ ଘରେ ପରିଚିତ । ବେସନ ଏବଂ ଡ୍ରାଏଫ୍ରୁଟ୍‌ରେ ପ୍ରସ୍ତୁତ ହେଉଥିବା ଏହି ପାରମ୍ପାରିକ ମିଠାରୁ ସ୍ୱାଦ ମଧ୍ୟ ଖୁବ୍ ବଢ଼ିଆ । କୁହାଯାଏ ଭଗବାନ ଶ୍ରୀକୃଷ୍ଣଙ୍କର ଖୁବ୍ ପ୍ରିୟ ଥିଲା ଏହି ମିଠା । ଜନ୍ମାଷ୍ଟମୀ ଅବସରରେ ଏହାକୁ ଭୋଗ ଲଗା ଯାଉଥିବାରୁ ଏହାକୁ ମୋହନଥାଲ କୁହାଯାଏ ବୋଲି ବୟସ୍କମାନେ କୁହନ୍ତି । ଏହାକୁ ତିଆରି କରିବାର ବିଧି ସେତେ ଜଟିଳ ନୁହେଁ । ଇଚ୍ଛା ଓ ଆଗ୍ରହ ଥିଲେ ଏହାକୁ ବଡ଼ ସହଜରେ ଘରେ ତିଆରି କରିପାରିବେ । ତେବେ ଆସନ୍ତୁ ଜାଣିବା ମୋହନଥାଲ ତିଆରି କରିବା ବିଧି ।

**ପ୍ରସ୍ତୁତି :**

ମୋହନଥାଲ ପ୍ରସ୍ତୁତ କରିବା ପାଇଁ ଅତି ବେଶିରେ ୪୦ରୁ ୪୫ ମିନିଟ ସମୟ ଲାଗିବ । ଯଦି ଆପଣର ୪ ଜଣକ ପାଇଁ ମୋହନଥାଲ ପ୍ରସ୍ତୁତ କରିବାକୁ ଚାହାନ୍ତି ତେବେ ନିମ୍ନଲିଖିତ ଭାଗମାପ ଉପରେ ଦୃଷ୍ଟି ଦିଅନ୍ତୁ । ଅଧିକ କି କମ୍ ହେଲେ ସେହି ଅନୁସାରେ ଭାଗଭାପ କମ୍ ବେଶି କରିପାରିବେ । ଟିକେ ଦାନାଦାର ବେସନ (ଅତ୍ୟଧିକ ମସୃଣ ହୋଇନଥିବ) ଘିଅ ୩/୪ କପ୍ (ଅଲଗା କରି ଆଉ ଏକ ବଡ଼ ଚାମଚ ମଧ ନେବେ), କ୍ଷୀର ୩ ବଡ଼ ଚାମଚ, ଗୁଜରାତି ଗୁଣ୍ଡ ସାମାନ୍ୟ, ଜାଇଫଳ ଗୁଣ୍ଡ ଚିମୁଟାଏ, ଚିଁ ଦେଢ଼ କପ୍, କେଶନ ଚିମୁଟାଏ, ଆଲମଣ୍ଡ ୧୦ଟା, ପେସ୍ତା ୧୦ଟା । ପ୍ରଥମ ଆଲମଣ୍ଡ ଓ ପେସାକୁ ଗରମ ପାଣିରେ ପକାଇ ଚୋପା ବାହାର କରି ପତଳା ପତଳା ସ୍ଲାଇସରେ କାଟି ଅଲଗା ରଖନ୍ତୁ । ଏହାପରେ ଏକ ନନଷ୍ଟିକ ପ୍ୟାନରେ ୨ ବଡ଼ ଚାମଚ କ୍ଷୀର ଗରମ କରି ସେଥିରେ ଦେଢ଼ ବଡ଼ ଚାମଚ ଘିଅ ମିଶାଇ ଗରମ କରନ୍ତୁ । ଏଥର ଏକ ବୋଲ୍‌ରେ ବେସନ ନେଇ ସେଥିରେ କ୍ଷୀର ଏବଂ ଘିଅର ଏହି ମିଶ୍ରଣ ପକାଇ ହାତରେ ଭଲ କରି ମିଶାନ୍ତୁ । ଯେମିତି ହାତକୁ ଚିକ୍କଣ ଲାଗିବ । ଏହାପରେ ଏହି ମିଶ୍ରଣକୁ ଏକ ଚାଲୁଣି ସାହାଯ୍ୟରେ ହାତରେ ଘଷି ଘଷି ଚଲାଇ ନିଅନ୍ତୁ ଯେମିତି କେଉଁଠି ଗେଟା ରହିବ ନାହିଁ । ଏହାପରେ ଅଧ କପ ପାଣିରେ ଦେଢ଼ କପ ଚିନି ମିଶାଇ ସିରା ପ୍ରସ୍ତୁତ କରନ୍ତୁ । ଏହାପରେ ଏକ ନନଷ୍ଟିକ୍ ପ୍ୟାନରେ ୩/୪ କପ୍ ଘିଅ ଗରମ କରି ସେଥିରେ ଆଗରୁ ଛାଣି ରଖିଥିବା ବେସନ ପକାଇ ଭଲ କରି ମିଶାନ୍ତୁ । ମଧ୍ୟମ ଆଞ୍ଚରେ ବେସନକୁ ଭାଜନ୍ତୁ । ସୁଗନ୍ଧ ଆସିଲେ ଆଞ୍ଚ ପୂରା ଧିମା କରିଦିଅନ୍ତୁ । ଏପଟେ ଦେଖନ୍ତୁ ସିରା ପ୍ରସ୍ତୁତ ହେଲାଣି କି ନାହିଁ । ଅଧିକ ପତଳା କି ଅଧିକ ଗାଢ଼ ସିରା ପ୍ରସ୍ତୁତ କରିବେ ନାହିଁ । ଏଥର ବେସନରେ ଜାଇଫଳ, ଗୁଜୁରାତି ଗୁଣ୍ଡ ଭଲ କରି ମିଶାଇଲା ପରେ ଥଣ୍ଡା ହେବାକୁ ଦିଅନ୍ତୁ । ଚିନି ସିରାରେ ୨ ବଡ଼ ଚାମଚ କ୍ଷୀର ମିଶାନ୍ତୁ । ଏଥର ସେହି ସିରାକୁ ବେସନ ମିଶ୍ରଣରେ ଧୀରେ ଧୀରେ କରି ପକାଇ ଗୋଳାନ୍ତୁ । ଏହାପରେ ଏକ ଆଲୁମିନିୟମ ଟ୍ରେରେ ଟିକେ ଘିଅ କି ରିଫାଇନ ତେଲ ଲଗାଇ ମିଶ୍ରଣଟିକୁ ଢାଳନ୍ତୁ । ଏହା ଉପରେ ଆଗରୁ କାଟି ରଖିଥିବା ବାଦାମ ଏ କେଶର ସଜାନ୍ତୁ ପୂରା ଥଣ୍ଡା ହେଇଗଲା ପରେ କାଟନ୍ତୁ । ଆଉ ପରିବେଷଣ କରନ୍ତୁ ମୋହନଥାଲ ।

# ବାୟୁ ବିଶୋଧକ ଗଛ

ଏବେ ପ୍ରଦୂଷଣର ମାତ୍ରା ଏତେ ବଢ଼ିଯାଇଛି ଯେ ଶ୍ୱାସଗ୍ରହଣ କରିବା ପାଣ୍ଠିକୁ ପ୍ରଦୂଷିତ ବାୟୁ ଶରୀର ଭିତରକୁ ଯିବା ନିଶ୍ଚିତ । ବାୟୁ ପ୍ରଦୂଷଣ ରୋକିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବାବେଳେ ଘର ଭିତରେ କେତେକ ଗଛ ରଖିଲେ ବିଶୁଦ୍ଧ ବାୟୁ ପାଇପାରିବେ । ଏହି ଗଛଗୁଡ଼ିକୁ ପ୍ରାକୃତିକ ବାୟୁ ବିଶୋଧକ ବୋଲି ମଧ କୁହାଯାଏ । ଦେଖିବାକୁ ସୁନ୍ଦର ହୋଇଥିବାରୁ ଏହା ଦ୍ୱାରା ଘରର ସାଜସଜ୍ଜା ହୋଇପାରିବ । ଏପରି ଜଣାଅଜଣା ସାତଟି ଗଛ ସମ୍ପର୍କରେ ଜାଣନ୍ତୁ ...



ସେକ୍‌ପ୍ଲାଣ୍ଟ ଏହାକୁ ମଜାରେ ଶାଶୁଙ୍କ ଜିଭ ବା 'ମଦର ଇନ୍-ଲଜ୍ ଟଙ୍ଗ' କୁହାଯାଏ । ଏହି ଗଛ ବାୟୁରେ ଥିବା ମାରାତ୍ମକ ଫର୍ମାଲଡିହାଇଡ୍ ଅବଶୋଷଣ କରିପାରେ । ବେଶୀ ଖରା ମଧ ଏହି ଗଛକୁ ଦରକାର ହୁଏନି । ରାତିରେ ଏହା ଅଙ୍ଗାରକାମ୍ଳ ଗ୍ରହଣ କରି ଅମ୍ଳଜାନ ଛାଡ଼ିଥାଏ ।

ଘିକୁଆଁରୀ: ଔଷଧୀୟ ଗୁଣରେ ପରିପୂର୍ଣ୍ଣ ଏହି ଗଛ ପ୍ରାୟ ଅନେକଙ୍କ ଘରେ ଥାଏ । ଏହାର ମଧ ବାୟୁ ବିଶୋଧନକାରୀ ଗୁଣ ରହିଛି । ଘି କୁଆଁରୀଗଛ ବାୟୁରୁ ଫର୍ମାଲଡିହାଇଡ ଏବଂ ବେଞ୍ଜିନ୍ ପରି ରାସାୟନିକ ଅବଶୋଷ କରିପାରେନଟେତ ରୋଷେଇ ଘର ଝରକା ପାଖରେ ରଖିପାରିବେ ।ସ୍ପାଇଡର ପ୍ଲାଣ୍ଟ ଖୁବ୍ ଭଲ ବିକଳ୍ପ । ଏହାକୁ ଅଧିକ ଯତ୍ନ ନେବା ଆବଶ୍ୟକ ହୁଏନାହିଁ କିନ୍ତୁ ଏହି ଗଛ ବାୟୁରୁ ଜାଇଲିନ୍ ବେଞ୍ଜିନ୍, ଫର୍ମାଇଡିହାଇଡ ଏବଂ କାର୍ବନ ମନୋକସାଇଡ୍ ପରି ବିଷାକ୍ତ ତତ୍ତ୍ୱ ଶୋଷିନେଇପାରେ । ରବର ଗଛ ଘର ଭିତରେ କିମ୍ବା କାର୍ଯ୍ୟାଳୟର ବନ୍ଦ ଘରେ। ବିଶୁଦ୍ଧ ବାୟୁ



ଚାହୁଁଥିଲେ ଏହି ଗଛ ଲଗାଇବା ଉଚିତ । ଏହା ଅଳ୍ପ ଖରାରେ ବି ଭଲ ଭାବେ ବଢ଼ିପାରେ । କାଠ ତିଆରି ଆସବାବପତ୍ରରୁ ବାହାରୁଥିବା କ୍ଷତିକାରକ



ଫର୍ମାଲଡିହାଇଡ୍ ଶୋଷିନେଇ ଏହା ଘର ଭିତରେ ପରିବେଶ ବିଶୁଦ୍ଧ ରଖିଥାଏ । ଏହି ଗଛକୁ କାଠ ତିଆରି ସୋପୀ କିମ୍ବା ଖଟ ପାଖରେ ରଖିଲେ ଭଲ । ପାମ ଟ୍ରି ଦେଖିବାକୁ ସୁନ୍ଦର ହୋଇଥିବା ସହ ଏହା ବାୟୁ ବିଶୋଧନ କରିବାରେ ସକ୍ଷମ । ଘରର ପରିବେଶ ବିଶୁଦ୍ଧ କରିବା ଲାଗି ଡ୍ରାଫଡେଟ୍ ପାମ, ବାମ୍ବୁ ପାମ୍, ଏରିକା ପାମ, ଲେଡି ପାମ କିମ୍ବା ପାର୍ଲର ପାମ ଆଦି ଲଗାଇପାରିବେ ।

ତୁଳସୀ ଗଛଙ୍କ ପ୍ରତ୍ୟେକ ହିନ୍ଦୁ ପରିବାରରେ ପୂଜା କରିବା ଲାଗି ତୁଳସୀ ଗଛ ରହିଥାଏ । ଦେବବୃକ୍ଷ ଭାବେ ପରିଚିତ ତୁଳସୀ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ଏହା ୨୪ଘଣ୍ଟା ମଧ୍ୟରେ ୨୦ଘଣ୍ଟା ଅମ୍ଳଜାନ ଛାଡ଼ିଥାଏ ଏବଂ କାର୍ବନମନୋକସାଇଡ୍ କାର୍ବନ ଡାଇଅକ୍ସାଇଡ୍ ତଥା ସଲଫର ଡାଇଅକସାଇଡ ଅବଶୋଷଣ କରି ପରିବେଶ ପ୍ରଦୁଷଣମୁକ୍ତ ରଖେ । ତେଣୁ ଘରେ ଏକାଧିକ ତୁଳସୀଗଛ ଲଗାଇବା ଭଲ । ଫାଇକସ୍ ବେୟ୍‌ଜାମିନା; ଫର୍ମାଲଡିହାଇଡ୍, ବେଞ୍ଜିନ୍ ଏବଂ ଟ୍ରିକ୍ଲୋରୋ ଏଥ୍‌ଲିନ ପରି ଦୂଷିତ ତତ୍ତ୍ୱ ଅବଶୋଷଣ କରି ଏହି ଗଛ ଶୁଦ୍ଧ ପରିବେଶ ଦେଇଥାଏ । ତେବେ ଏହି ଗଛ ପର୍ଯ୍ୟାପ୍ତ ପାଣି, ଖରା ଏବଂ ଯତ୍ନ ଆବଶ୍ୟକ କରେ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୪ ଜୁନ୍ ୨୦୨୩, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଉତ୍ତର ପିଢ଼ିର ଦାୟିତ୍ୱ...

ଅନେକଙ୍କର ମନେ ଥିବ ସେଇ ବହୁ କଥିତ କାହାଣୀଟି ଯେଉଁଥିରେ ଜଣେ ସଭ୍ୟ ଶିକ୍ଷିତ ଧନୀ ବ୍ୟକ୍ତି ତାଙ୍କର ବୁଢ଼ା ବାପା ମା'ଙ୍କୁ ବଗିଚାରେ ଚାକର ରହିବା ପାଇଁ ଥିବା କୋଠରିରେ ରଖି ଅଲଗା ବାସନରେ ଖାଇବାକୁ ଦେଉଥିବା ବେଳେ ଦିନେ ସେହି ବ୍ୟକ୍ତିଙ୍କ ଛୋଟ ପୁଅଟି ତା'ର ମା'କୁ ସେହି ବାସନକୁ ସାଇତି ରଖିବା ପାଇଁ କହିବା ଏବଂ ପିଲାଟିର ବାପା ମା' ତାକୁ କାହିଁକି ପଚାରିବା ବେଳେ ସେ ଉତ୍ତର ଦେବା- ଯେ ସମୟ ଆସିଲେ ସେ କିପରି ସେମାନଙ୍କୁ ସେଇ ଅଲଗା ଘରେ ରଖିବ ଏବଂ ସେଇ ଅଲଗା ବାସନରେ ହିଁ ଖାଇବାକୁ ଦେବ କହିବା- କଥା। କାହାଣୀର ଶେଷ ହୋଇଛି ପିଲାଟିର ବାପା ମା' ନିଜର ଭୁଲ୍ ବୁଝିବାରେ ଏବଂ ନୀତିଶିକ୍ଷାଟିଏ ମିଳିଛି- ତୁମେ ଯେମିତି କାମ କରିବ, ସେମିତି ଫଳ ପାଇବ। ତେବେ ଏଇଟା କେବଳ କାହାଣୀରେ ସମ୍ଭବପର ଯେ ଏହାର ଚରିତ୍ରମାନେ ନିଜ ଭୁଲ୍‌ରୁ କିଛି ଶିକ୍ଷା କରିଥାନ୍ତି ; ବାସ୍ତବ ଜୀବନରେ ଏହାର ଉଦାହରଣ ବିରଳରୁ ବିରଳତମ କହିଲେ ଅତ୍ୟୁକ୍ତି ହେବନାହିଁ । କହିବାର ତାତ୍ପର୍ଯ୍ୟ, ଆଧୁନିକ ଯୁଗରେ ବୟସାଧକ୍ୟ ବା ବାର୍ଦ୍ଧକ୍ୟ ଏକ ଆହ୍ୱାନମୂଳକ ଅନୁଭୂତି ହୋଇପାରେ- କେବଳ ଯେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ, ତା' ନୁହେଁ ; ବରଂ ସହକାରୀ ସାମାଜିକ ଅବହେଳା ଦୃଷ୍ଟିରୁ । ଏଇ ଅବହେଳାର ଏକ ଭୟାବହ ଅଭିବ୍ୟକ୍ତି ହେଉଛି ସମଗ୍ର ବିଶ୍ୱରେ ବୟସ୍କମାନଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନରେ ବୃଦ୍ଧି ଘଟି ଚାଲିବା- ତାହା ଶାରୀରିକ ହେଉ ବା ମାନସିକ, ଯୌନଗତ ହେଉ ବା ଭାବଗତ । ନିକଟରେ ହେଲ୍ପ ଏଜ୍ ଇଣ୍ଡିଆ ଦ୍ୱାରା ପ୍ରକାଶିତ ମହିଳା ଏବଂ ବୟଃବୃଦ୍ଧି : ଅଦୃଶ୍ୟ ନା ସଶକ୍ତ ? ରିପୋର୍ଟ ବୟସାଧକ ଲୋକମାନଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନର ଏହି ଲିଙ୍ଗଗତ ଦିଗ ଉପରେ ଆଲୋକପାତ କରିଛି । ଦେଶର ୨୦ଟି ରାଜ୍ୟ ଏବଂ ୨ଟି କେନ୍ଦ୍ରଶାସିତ ଅଞ୍ଚଳର ୭,୯୧୧ ବୟସ୍କ ମହିଳା ପ୍ରତିକ୍ରିୟା ପ୍ରକାଶକାରୀଙ୍କଠାରୁ ତଥ୍ୟ ସଂଗ୍ରହ କରିଥିବା ଏହି ଅଧ୍ୟୟନ ଦର୍ଶାଇଛି ଯେ ଯଦିଓ ୧୬ ପ୍ରତିଶତ ମହିଳା ସେମାନଙ୍କ ପରିବାରର ସଦସ୍ୟ ଏବଂ ସମ୍ପର୍କୀୟମାନଙ୍କ ହାତରେ କଷ୍ଟ ଭୋଗୁଛନ୍ତି, ଅଧିକାଂଶ କ୍ଷେତ୍ରରେ କିନ୍ତୁ ଏହିସବୁ ଅତ୍ୟନ୍ତ ଦୁର୍ବିସହ ହେବା ଭଳି ବ୍ୟବହାର ସମ୍ପର୍କରେ ସେମାନେ କୌଣସିଠାରେ ଅଭିଯୋଗ ମଧ୍ୟ କରି ନଥିଲେ । ଏହାର କାରଣ ଭାବରେ ଯାହା ସାମ୍ନାକୁ ଆସିଥିଲା, ତାହା ହେଉଛି- ଅଭିଯୋଗ କଲେ ହୁଏତ ସେମାନେ ଅଧିକ ଦୁଃଖ କଷ୍ଟ ଭୋଗିବାର ଭୟ, ନଚେତ୍ ସେମାନଙ୍କ ମଧ୍ୟରେ ଏଭଳି ଅଭିଯୋଗ ସମାଧାନ କରିବାର ବ୍ୟବସ୍ଥା ରହିଥିବା ସମ୍ପର୍କରେ ସଚେତନତାର ଅଭାବ । ଏହି ଅଧ୍ୟୟନ ଆହୁରି କେତେକ ଉଲ୍ଲେଖନୀୟ ଅବସ୍ଥା ଉପରେ ମଧ୍ୟ ଆଲୋକପାତ କରିଛି । ପୀଡ଼ିତାମାନଙ୍କ ମଧ୍ୟରୁ ଏକ ଅସମାନୁପାତିକ ହାର ଥିଲା ଗ୍ରାମୀଣ ଅଞ୍ଚଳଗୁଡ଼ିକରୁ ; ସେମାନଙ୍କ ମଧ୍ୟରୁ ୨୫ ପ୍ରତିଶତ ଥିଲେ ଅଶୀତିପର ବୃଦ୍ଧା; ୫୪ ପ୍ରତିଶତ ଥିଲେ ଅଶିକ୍ଷିତା; ଏବଂ ସେମାନଙ୍କର ମୋଟ ସଂଖ୍ୟା ମଧ୍ୟରୁ ଅଧାରୁ ଅଧିକ ଥିଲେ ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ । ଏହି ତଥ୍ୟ ଦର୍ଶାଉଛି ଯେ ଭାରତ, ଏହାର ବୟଃବୃଦ୍ଧ ଜନସଂଖ୍ୟା ସତ୍ତ୍ୱେ ବୟସାଧକ୍ୟ ଲୋକମାନଙ୍କର ଅଧିକାରର ଖୋଲାଖୋଲି ଉଲ୍ଲଙ୍ଘନ ପ୍ରତି ସମ୍ବେଦନଶୀଳ ହୋଇନାହିଁ । ଯୌଥ ପରିବାର ବ୍ୟବସ୍ଥାର ବିଲୋପ, ଜୀବନ ବଞ୍ଚିବାର ସମୟରେ ବୃଦ୍ଧି, ସର୍ବନିମ୍ନ ସାମାଜିକ ସୁରକ୍ଷା ବ୍ୟବସ୍ଥା ସହିତ ପାରମ୍ପରିକ ସହାୟତା ପ୍ରଦାନକାରୀ ବ୍ୟବସ୍ଥାର ଅବକ୍ଷୟ ବୟସାଧକ୍ୟ ଲୋକମାନଙ୍କର ଉପେକ୍ଷାକରଣକୁ ବୃଦ୍ଧି କରିବାରେ ସହାୟକ ହୋଇଛି । ଏହା ଅବଶ୍ୟ ସତ୍ୟ ଯେ ସାମ୍ପ୍ରତିକ ସମୟରେ ଜରାଶ୍ରମଗୁଡ଼ିକ ଛତୁ ଫୁଟିଲା ଭଳି ଗଢ଼ି ଉଠୁଛନ୍ତି, କିନ୍ତୁ ଏସବୁରୁ ଅଧିକାଂଶ ବ୍ୟକ୍ତିଗତ ଯତ୍ନ ପ୍ରଦାନକାରୀ ବ୍ୟବସ୍ଥାରେ ଅବକ୍ଷୟ ଘଟିବା ଭଳି ବଜାରରୁ ଫାଇଦା ଉଠାଇବାର ଲକ୍ଷଣମାନ ପ୍ରକାଶ କରିଥାନ୍ତି । ପରିଣତିରେ ଏସବୁ ବ୍ୟବସ୍ଥାଗୁଡ଼ିକରେ ପ୍ରଦାନ କରାଯାଉଥିବା ସେବା ଯତ୍ନଗୁଡ଼ିକର ଗୁଣାତ୍ମକ ମାନର ଉପଲବ୍ଧିରେ ଅସମାନତା ରହୁଛି । ତେଣୁ ବାର୍ଦ୍ଧକ୍ୟାବସ୍ଥାର ଯତ୍ନ ପାଇଁ ରହିଥିବା ନୀତିଗୁଡ଼ିକର ତୁରନ୍ତ ଜରୁରୀକାଳୀନ ଭିତ୍ତିରେ ଏକ ବ୍ୟାପକ ଏବଂ ସୂକ୍ଷ୍ମ ପୁନର୍ମୂଲ୍ୟାୟନ କରାଯିବାର ଆବଶ୍ୟକତା ରହିଛି । ଆଇନଗତ ସୁରକ୍ଷା ସମୂହ, ଯଥା ପିତାମାତା ଏବଂ ବରିଷ୍ଠ ନାଗରିକମାନଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ, ୨୦୦୭, ଏବଂ ସଚେତନତା ସୃଷ୍ଟିକାରୀ କାର୍ଯ୍ୟକ୍ରମଗୁଡ଼ିକୁ ସାମ୍ପ୍ରତିକ ସମୟ ଅପେକ୍ଷା ଅଧିକ ଦୃଢ଼ ଏବଂ ସମ୍ପ୍ରସାରଣଶୀଳ କରାଯିବା ଉଚିତ । ସଙ୍ଗେ ସଙ୍ଗେ ବୟସ୍କ ଲୋକମାନଙ୍କୁ ସେମାନଙ୍କ ଦୁଃଖ ଯନ୍ତ୍ରଣା ଭୁଲାଇବା ପାଇଁ ବା ନିଃସଙ୍ଗତାକୁ ଦୂରେଇ ଦେବାରେ ସହାୟତା ଯୋଗାଇ ଦେବାକୁ ପରାମର୍ଶ ସେବାଗୁଡ଼ିକ ପ୍ରଦାନ କରାଯିବା ଉଚିତ। କେତେକ ସହରରେ ବୟସ୍କ ଲୋକମାନଙ୍କୁ ସୁରକ୍ଷା ଓ ଆଇନଗତ ସହାୟତା ଯୋଗାଇ ଦେବାକୁ ପୁଲିସ ବାହିନୀ ତତ୍ପରତା ପ୍ରଦର୍ଶନ କରୁଛନ୍ତି, ଯାହା ମଝିରେ ମଝିରେ ସମ୍ବାଦପତ୍ରମାନଙ୍କରେ ପ୍ରକାଶ ପାଉଛି । କହିବା ବାହୁଲ୍ୟ, ଏଭଳି ମହତ କାର୍ଯ୍ୟ କରୁଥିବା ଲୋକ ବା ବ୍ୟବସ୍ଥାମାନଙ୍କର ଯେତେ ପ୍ରଶଂସା କରାଗଲେ ବି ତାହା କମ୍ ହେବ । କିନ୍ତୁ ଘରୋଇ ପରିବେଶରେ ବୟସ୍କ ବ୍ୟକ୍ତିମାନଙ୍କ ପ୍ରତି, ବିଶେଷକରି ବୟସ୍କ ମହିଳାଙ୍କ ପ୍ରତି ଦୁବ୍ୟବହାର ପ୍ରଦର୍ଶନ ଅତ୍ୟନ୍ତ ଜଟିଳ ଏବଂ ଦୀର୍ଘକାଳିକ। ଭବିଷ୍ୟତର ପିଢ଼ି ବୟଃବୃଦ୍ଧମାନଙ୍କୁ ସେମାନଙ୍କର ହକ୍ ପ୍ରଦାନରୁ ବଞ୍ଚିତ କରିବାର ପରମ୍ପରାକୁ ଉତ୍ତରାଧିକାର ସୂତ୍ରରେ ପାଇବାକୁ ଚାହାନ୍ତି କି ?

## ଗ୍ଲାମର ଦୁନିଆ ଓ ଯୁବପିଢ଼ି



ପ୍ରଣତି ଆଚାର୍ଯ୍ୟ ମିଶ୍ର

ସୌନ୍ଦର୍ଯ୍ୟ ମାନବୀୟ ବୃତ୍ତିର ଅପୁର୍ବ ଅନୁଭବ । ଇଶ୍ୱରଙ୍କ ସୃଷ୍ଟିରେ ସବୁଠାରୁ ସୁନ୍ଦର ଓ ବୁଦ୍ଧିମାନ ମଣିଷ। ତାର ସୁନ୍ଦର ଚେହେରା ଇଶ୍ୱରଙ୍କ ଅନନ୍ୟ ଦାନ । ସୁନ୍ଦର ବସ୍ତୁଟି ସମସ୍ତଙ୍କ ଆଖିକୁ ଆକର୍ଷିତ କରିଥାଏ । ଚିତାକର୍ଷକ ଆଲୋକ ସଜ୍ଜା, କ୍ୟାମେରାର ଲେନ୍ସ, ଏବଂ ମଂଚ ଉପରେ ଜଣେ ସୁନ୍ଦର ସଂଚାଳକ। ଯିଏ ନିଜ କଥାର ଯାଦୁରେ ବସିଭୂତ କରିପାରେ। ତାର ପ୍ରତିଟି କଥାରେ ତାଳିରେ ମସଗୁଲ ହେଲାପରି ସୁନ୍ଦର ପରିବେଶ ଓ ଦର୍ଶକ। ଆପଣ ଏବେ ବୁଝିପାରୁଥିବେ ଏହା ଗ୍ଲାମର ଦୁନିଆର ଏକ ଷ୍ଟେଜ୍ ପ୍ରୋଗ୍ରାମ। ଏହା ଏପରି ଏକ ଦୁନିଆ ଯେଉଁଠିକି ଯୁବପିଢ଼ି କଥା କଣ କହିବା କିଶୋର କିଶୋରୀ ସମସ୍ତେ ଯିବାକୁ ଚାହାଁନ୍ତି। ସମସ୍ତଙ୍କୁ ଏହାର ନିଷା ଲାଗିଛି। ଆଉ ଥରେ ଏ ଭିତରେ ପସିଲେ ଚକ୍ରବିହ୍ୱ ପରି ଭିତରକୁ ଯାଇହୁଏ। କିନ୍ତୁ ବାହାରକୁ ଆସିହୁଏ ନାହିଁ। ଏହି ଦୁନିଆ ଇନ୍ଦ୍ରଧନୁର ରଙ୍ଗ ପରି ସୁନ୍ଦର ଓ ଆକର୍ଷଣୀୟ। ସମ୍ମୋହନ କରି ସମସ୍ତଙ୍କୁ ବସିଭୂତ କରିଦିଏ । ଯୁବପିଢ଼ିଙ୍କୁ ଏକ ସୁନ୍ଦର ସ୍ୱପ୍ନ ଦେଖାଇ ନିଜ ଆଡକୁ ଆକୃଷ୍ଟ କରେ। ସେମାନେ ଭାବନ୍ତି ମୋର ବି ଏମିତି ନାଆଁ ହୁଅନ୍ତା ମୋର ଗାଡି, ବଙ୍ଗଳା, ଟଙ୍କା ପଇସା ଓ ମୋତେ ଦେଖିବାକୁ ହଜାର ହଜାର ଦର୍ଶକ ଏକତ୍ର ହୁଅନ୍ତେ। ମୋ ଅଟୋଗ୍ରାଫ ପାଇଁ ସମସ୍ତେ ଭିଡ ଜମାନ୍ତେ। ନିଜ ସ୍ୱପ୍ନକୁ ଖୁବ୍ ଶୀଘ୍ର ପାଇବା ଆଶାରେ ଏହି ଦୁନିଆ ରେ ପାଦରଖେ ସେ। ନିଜର ସୌନ୍ଦର୍ଯ୍ୟକୁ ନେଇ ଆଜିର ଯୁବପିଢ଼ି ଭିନ୍ନ ଭିନ୍ନ ଢଙ୍ଗରେ ଆକର୍ଷିତ କରନ୍ତି ଅନ୍ୟକୁ। କିନ୍ତୁ ଆଖିକୁ ଭଲ ଦେଖାଯାଉଥିବା ସୌନ୍ଦର୍ଯ୍ୟ ସଂଙ୍କର୍ଣ ଓ କ୍ଷଣସ୍ଥାୟୀ।ପ୍ରକୃତ ସୌନ୍ଦର୍ଯ୍ୟ ବହିଷ୍ଚକ୍ଷୁରେ ଦିଶେନାହିଁ ।ଏହି ସୁନ୍ଦରତା ପଛରେ ମଧ ଅନେକ କାହାଣୀ ଲୁଚିଥିବା ଜଣାପଡେ। ଯାହା ପାଖକୁ ସୁନ୍ଦର ଆଲୋକ, କ୍ୟାମେରା ଲେନ୍ସ ଓ ଦର୍ଶକଙ୍କ ତାଳି ଯାଇପାରେନି। ସଂଗୀତର ତାଳେ ତାଳେ ରାମ୍ପରେ ଚାଲୁଥିବା ସୁନ୍ଦର ମଡେଲମାନଙ୍କ ଜୀବନ ପ୍ରକୃତରେ ଏକ ଭିନ୍ନ କାହାଣୀ କହିଥାଏ । ଏହି ସୌନ୍ଦର୍ଯ୍ୟ ପଛରେ ଆଉ ଏକ ଚେହେରା ଅଛି, ଯାହା ଜୀବନର ଅନ୍ୟ ପାର୍ଶ୍ୱରେ ଥିବା ଅନ୍ଧକାରକୁ ସୂଚିତ କରେ । ଗ୍ଲାମର ଦୁନିଆ ହେଉଛି ଏମିତି ଏକ ଦୁନିଆ ଯେଉଁଥିରେ ଟଙ୍କା, ଖ୍ୟାତି ସବୁକିଛି ଅଛି କିନ୍ତୁ ଶାନ୍ତି ନାହିଁ ।

ଗ୍ଲାମର ଜଗତରେ ନିଜ ନାମ କରିବା ଆମେ ଭାବିବା ପରି ସହଜ ନୁହେଁ । ଏଥିପାଇଁ ଅନେକ କିଛି ତ୍ୟାଗ କରିବାକୁ ହୁଏ। ଏଠି ଆନେକ ଶୋଷଣ ର ଶୀକାର ହୁଅନ୍ତି ବୋଲି ନଜରକୁ ଆସେ।

ଏହି ଶୋଷଣର ଶିକାର ହୋଇଥିବା ବ୍ୟକ୍ତିଙ୍କ ପାଇଁ ଏହା ଏକ ନକଲି ଜୀବନ ବଞ୍ଚିବା ପରି। ଟଙ୍କା ପାଇଁ, ଅନେକ ଥର ସେମାନେ କିଛି ଭୁଲ ପଥରେ ଯାଇ ନିଜ ଜୀବନର ଲକ୍ଷ୍ୟରୁ ବିଚ୍ୟୁତ ହୁଅନ୍ତି । ବେଳେବେଳେ ବାଧ୍ୟତାମୂଳକ ଏବଂ ବେଳେବେଳେ ସ୍ୱଇଚ୍ଛାରେ । ଟଙ୍କାର ଲୋଭ ସେମାନଙ୍କୁ ବିପଥଗାମୀ କରାଏ। ଦୂରରୁ ବହୁତ ଭଲ ଦେଖାଯାଉଥିବା ଏହି ଗ୍ଲାମରସ୍ ଦୁନିଆରେ ନିଜ ନାମ ଅର୍ଜନ କରିବାର ଇଚ୍ଛା ଯୁବପିଢ଼ିଙ୍କୁ ଏଠାକୁ ଟାଣିଥାଏ। କିଛି ଲୋକ ବହୁ ଅର୍ଥ ଏବଂ ଖ୍ୟାତି ଅର୍ଜନ କରିବାକୁ ବାଧ ହୋଇ ଏହି କ୍ଷେତ୍ରରେ ସେମାନଙ୍କର ଭବିଷ୍ୟତ ଖୋଜନ୍ତି । ଏହି ଦୁନିଆରେ, ବଡ ଛୋଟ ସମସ୍ତେ ପ୍ରାୟତଃ ଶୋଷଣର ଶିକାର ହୁଅନ୍ତି। ଆଶ୍ଚର୍ଯ୍ୟଜନକ କଥା ହେଉଛି କେବଳ ମହିଳା ନୁହଁନ୍ତି ପୁରୁଷ ମାନେ ମଧ ଏଭଳି ଶୋଷଣର ସମ୍ମୁଖୀନ ହେଉଛନ୍ତି। ଶରୀର ବଦଳରେ ଟଙ୍କା: - ମଡେଲମାନେ ସେମାନଙ୍କର ପତଳା ଶରୀରର ଯାଦୁ ବିସ୍ତାର କରନ୍ତି, ଏହି ଦୁନିଆକୁ ଆସିବା ପରେ, କେହି କେହି ଏପରି କାର୍ଯ୍ୟ କରନ୍ତି, ଯାହା ସେମାନଙ୍କ ଜୀବନକୁ ବିଭ୍ରାନ୍ତି ପଥରେ ନେଇଥାଏ ।

ବହୁ ପରିମାଣର ଅର୍ଥ ପାଇଁ, ଏହି ମଡେଲଗୁଡିକ ନିଜ ଶରୀର ସହିତ କାରବାର କରିବାକୁ ମଧ ଦ୍ୱିଧା କରନ୍ତି ନାହିଁ। ଅନିଚ୍ଛାକୃତ ଭୁଲ ସଂଶୋଧନ ହେବା ସଂଭାବନା ଥାଏ। କିନ୍ତୁ ଇଚ୍ଛାକୃତ ଭୁଲ ଯୋଜନାବଦ୍ଧ ଭାବେ ହୋଇଥାଏ। ସେଠାରେ ସୁଧାରିବା କଥା ପ୍ରଶ୍ନ ଉଠୁଛି କେଉଠୁ? ସୈତାନର ବେଦପାଠ ପରି ଜାଣିଶୁଣି ଭୁଲ ବାଟ ଆପଣାଇବା ଅଭିସନ୍ଧିମୂଳକ। ପରିଶେଷରେ, ଆମେ କହିପାରିବା ଯେ ଏହି ଦୁନିଆରେ ଯାହା ସବୁ ଦେଖାଯାଏ ତାହା ସତ୍ୟ ନୁହେଁ । ଗ୍ଲାମର ଦୁନିଆରେ ହସୁଥିବା ଚେହେରା ପଛରେ ଲୁଚି ରହିଥିବା ତିକ୍ତ ସତ୍ୟ ସେମାନଙ୍କ ଜୀବନର ଏକ ଭିନ୍ନ କାହାଣୀ କହିଥାଏ। ସଫଳତା ପାଇବା ଅତ୍ୟନ୍ତ ଭଲ କିନ୍ତୁ ଏଥିପାଇଁ ସେପରି କିଛି ଚୁକ୍ତି କରାଯିବା ଉଚିତ୍ ନୁହେଁ, ଯାହା ପରବର୍ତ୍ତୀ ସମୟରେ ଆମ ଜୀବନରେ ଏକ ଖରାପ ଦାଗ ହେଇ ରହିଯିବ।

ନୟାଗଡ଼

ମୋ: ୯୪୩୭୬୪୨୯୪୭

## ଜୀବନ ଯାତ୍ରା ପଥେ ରଥଯାତ୍ରା

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



କେବଳ ପୁରୀର ରଥଯାତ୍ରା, ଓଡ଼ିଶାର ବିଭିନ୍ନ କୋଣରେ ଛୋଟବଡ଼ ରଥଯାତ୍ରା, ଭାରତ ବା ପୃଥିବୀର ବିଭିନ୍ନ ଦେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ଏବେତ ପୃଥିବୀର ଚାରିଆଡ଼େ ରଥଯାତ୍ରା ଆରମ୍ଭ ହୋଇଗଲାଣି । ରଥଯାତ୍ରାରେ ବହୁ ଜନ ସମାଗମ ହୁଏ । ଝାଞ୍ଜ, କରତାଳ, ଘଣ୍ଟା, ମୃଦଙ୍ଗ ପ୍ରଭୃତି ନାନା ରକମର ବାଦ୍ୟ ବାଜି ଉଠେ । ସୁସଜ୍ଜିତ ହାତୀ ମଧ୍ୟ ଶୋଭାଯାତ୍ରାରେ ଚାଲିଥାନ୍ତି । ବିଭିନ୍ନ ଗାଁରୁ କୀର୍ତ୍ତନଦଳ ନାନା ଭଙ୍ଗୀରେ କୀର୍ତ୍ତନ କରି ଆଗରେ ଆଗରେ ଯାଇଥାନ୍ତି । ବହୁ ଦୂର ଦୂରାନ୍ତରୁ ବହୁ ଟଙ୍କା ପଇସା ଖର୍ଚ୍ଚ କରି ଆସିଥାନ୍ତି ତୀର୍ଥଯାତ୍ରୀମାନେ । ସେମାନେ ରଥ ଉପରେ ସ୍ଥାପିତ ହୋଇଥିବା ବିଗ୍ରହକୁ ଦର୍ଶନ କରନ୍ତି । ଏହି ଦର୍ଶନରୁ ସେମାନେ ଆନନ୍ଦ ପାଆନ୍ତି । ବିଶ୍ୱର ବିଭିନ୍ନ ଧର୍ମ ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ୍ୟ ଦୂରତ୍ୱରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି। ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହାମାନ୍ତ୍ରିକ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ୍ୟ ପ୍ରାପ୍ତ ହୁଅନ୍ତି। ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ। ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତା'ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ। ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚେଇ ଦିଅନ୍ତି ଯେ ଜନ୍ମ, ଜୀବନ କି ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ। ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ। ତେଣୁ, ତାକୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ ସେ ମୁକ୍ତି ପାଇଥାଏ। ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ। ବ୍ରହ୍ମଙ୍କ ଏକ ପ୍ରତୀକାତ୍ମକ ଚରିତ୍ର ହେଉଛନ୍ତି ଏ ବିଗ୍ରହ। ଚୋଳଗଙ୍ଗ ଦେବଙ୍କ ସମୟରେ ଶ୍ରୀ ମନ୍ଦିର ଶିଳାଲେଖାରେ ଖୋଦିତ ଏକ ଶ୍ଳୋକରୁ ଏହି ପ୍ରମାଣ ମିଳେ ତାହା ହେଉଛି - 'ପାଦୌ ଯସ୍ୟ ଧରାନ୍ତରୀକ୍ଷ ମଖିଳଂ ନାଭିସ୍ତୁ ସର୍ବାଦିଶଃ, ଶ୍ରୋତ୍ରେ ନେତ୍ରଯୁଗଂ ରବୀନ୍ଦୁ ଯୁଗଳଂ ମୂର୍ଦ୍ଧାପିଚ ଦ୍ୟୈରସୌ। ପ୍ରାସାଦଂ ପୁରୁଷୋତ୍ତମସ୍ୟ ନୃପତେଃ କୋନାମ କର୍ତ୍ତୁଂକ୍ଷମ, ତସ୍ୟୈତ୍ୟାଦ୍ୟ ନୃପୈ ରୁପେକ୍ଷିତ ମୟଂ ଚକ୍ରେଥ ଗଙ୍ଗେଶ୍ୱରଃ।।'

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧାତ୍ମିକ ଚେତନା ଭିତରେ ତାଙ୍କ ଦାରୁ ଉପାସନାକୁ ସ୍ୱୀକାର କରନ୍ତି। ଇସ୍‌ଲାମ ଧର୍ମଗ୍ରନ୍ଥ କୋରାନ୍ ମତରେ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିବା ଏ ବିଶ୍ୱ ଏକ ବୃକ୍ଷ ଯାହାର ଅଗ୍ରଭାଗ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏହି ବୃକ୍ଷରେ ଆହ୍ଲା ବିରାଜମାନ କରିଥାନ୍ତି। ଖ୍ରୀଷ୍ଟିୟାନ ଧର୍ମର ଦି ବୁକ୍ସ ଅଫ୍ ଖ୍ରୀଷ୍ଟିୟାନିଟିରେ ଜ୍ଞାନତରୁ ବିଷୟରେ ବର୍ଣ୍ଣିତ। ସେହିପରି ବୌଦ୍ଧମାନଙ୍କ ବୋଧିଦ୍ରୁମ ଓ ଜୈନମାନଙ୍କର କଳ୍ପପାଦପ ଉପାସନାରେ ଏହି ବୃକ୍ଷ ବା ଦାରୁ ଉପାସନା ହିଁ ପରିଲକ୍ଷିତ ହୋଇଥାଏ। ଜନଜାତି ଆଦିବାସୀ ସଂସ୍କୃତିରେ ବୃକ୍ଷ ପୂଜାର ପରମ୍ପରାର ବହୁ ପ୍ରାଚୀନ। ତେଣୁ ବୈଦିକ ସଂସ୍କୃତିରେ ଦାରୁ ଉପାସନା ଏକ ବହୁ ପ୍ରଚଳିତ ପଦ୍ଧତି। ଶ୍ରୀପୁରୁଷୋତ୍ତମ ମହାପ୍ରଭୁ ଶ୍ରୀଜଗନ୍ନାଥ କୌଣସି ଜଣକର ନୁହଁନ୍ତି ସେ ହେଉଛନ୍ତି ଗଣର ଦେବତା। ବର୍ଷକରେ ଗୋଟିଏ ଦିନ ପାଇଁ ବଡ଼ଦାଣ୍ଡର ଜନସମୁଦ୍ର ଆଧାତ୍ମିକ ଶ୍ରଦ୍ଧାଳୁଙ୍କୁ ପାବନ କୃପା ପ୍ରଦର୍ଶନ ପାଇଁ ସେ ହେଉଛନ୍ତି ପତିତପାବନ।

ଯେତେ ମତ ସେତେ ପଥ। ବହୁ ମତ, ବହୁ ପନ୍ଥ, ବହୁ ସମ୍ପ୍ରଦାୟ। ସମସ୍ତେ ସେଇ ଏକ ସତ୍ୟକୁ ଆଧାର କରି ଶ୍ରୀକ୍ଷେତ୍ର ପୁରୀକୁ ଯେଉଁ ସମ୍ପ୍ରଦାୟର ହୁଅନ୍ତୁ ବା ଆଚାର୍ଯ୍ୟ, ସାଧକ, ଯୋଗୀ ବା ଭକ୍ତ ନିଜ ସାଧନା କ୍ଷେତ୍ର ବା ମତ ପ୍ରଚାରର କେନ୍ଦ୍ର ରୂପରେ ଗ୍ରହଣ କରିଛନ୍ତି। ମତ ଅନେକ କିନ୍ତୁ ଲକ୍ଷ୍ୟ ଏକ। ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ଆଉ ଶ୍ରୀଜଗନ୍ନାଥ ତତ୍ତ୍ୱକୁ ନିଜ ଆତ୍ମ ଅନୁଚିନ୍ତନରେ ମାର୍ଗଦର୍ଶନ। ଶ୍ରୀଜଗନ୍ନାଥ ହେଉଛି ଭକ୍ତି ଦେବତା - ଭକ୍ତିର ପ୍ରତୀକ। ପରମ ଜ୍ଞାନ, ଭକ୍ତିର ସମନ୍ୱୟ ହେଉଛି ଭକ୍ତିର ଯୋଗ। ଆଉ ଏହି ସମନ୍ୱୟ ଯୋଗ ହେଉଛି ଶ୍ରୀଜଗନ୍ନାଥ ତତ୍ତ୍ୱ। ଶ୍ରୀମଦ୍ ଭାଗବତ ଗୀତାରେ କୁହାଯାଇଛି - 'ଅନେକ ବାହୂଦରବକ୍ତ୍ରନେତ୍ରଂ ପଶ୍ୟାମି ତ୍ୱାଂ ସର୍ବତୋଽନନ୍ତରୂପମ। ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦିଂ ପଶ୍ୟାମି ବିଶ୍ୱେଶ୍ୱର ବିଶ୍ୱରୂପ।।' ଅନେକ ବାହୁ, ଉଦର, ବଦନ ଓ ନେତ୍ର ବିଶିଷ୍ଟ ଅନନ୍ତରୂପ ତୁମକୁ ସର୍ବଦିଗରେ ମୁଁ ଦର୍ଶନ କରୁଛି। କିନ୍ତୁ ହେ ବିଶ୍ୱେଶ୍ୱର, ହେ ବିଶ୍ୱରୂପ, ମୁଁ ତୁମର ଆଦି, ଅନ୍ତ କିମ୍ବା ମଧ୍ୟ କିଛି ଦେଖିପାରୁନାହିଁ। ଦେହ ମଧ୍ୟରେ ଦେହୀ ଶ୍ରୀଜଗନ୍ନାଥ ନିତ୍ୟ ବିରାଜିତ। ସେ ଆତ୍ମା ରୂପରେ ରହିଛନ୍ତି। ବର୍ହିଜଗତରେ ଯେପରି ତାଙ୍କର ଇଚ୍ଛାରେ ସବୁକିଛି ଚାଲିଛି, ସେହିପରି ଦେହ ମଧ୍ୟରେ ସେ ହିଁ ଶ୍ୱାସପ୍ରଶ୍ୱାସର କାରଣ। ତାଙ୍କ ବିନା ଏହି ଦେହ ଦେବାଳୟ ଶ୍ରୀହୀନ, ଜଡ଼, ମୃତ୍ୟୁ। ବିଶ୍ୱର ବିଭିନ୍ନ ଧର୍ମ ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ୍ୟ ଦୂରତ୍ୱରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି।

ମନେ ରଖିବା ଉଚିତ ଯେ ଜୀବନ ଯାତ୍ରା ପଥରେ ସମସ୍ତ ପ୍ରକାରର ବିଳାସ-ବାସନା, ନୃତ-ଗୀତ, ଆମୋଦ-ପ୍ରମୋଦ ଏସବୁ ହେଉଛି ରଥଯାତ୍ରାର ଶୋଭାଯାତ୍ରା ଭଳି । ଜୀବନ ହେଉଛି ଏକ ରଥଯାତ୍ରା । ଏହି କଥା ମନରେ ରଖି ମନୁଷ୍ୟ ନିଜର ସମସ୍ତ କର୍ମର ବିଚାର କରିବା ଉଚିତ । ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ୍ତ ଏବଂ କାଳର ପ୍ରତି ପାଦରେ ଭଗବାନଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍‌କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ। କେବଳ ଧନୀ ବା ବିତ୍ତଶାଳୀ ନୁହଁନ୍ତି ଜଣେ ନିର୍ଧନଟି ବି ନିଜ ମୁଖରେ ସନ୍ତୋଷପୂର୍ଣ୍ଣକ ହୃଦୟ ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ମିଷ୍ଟ ବାଣୀ ଦ୍ୱାରା ଜଣକୁ ସନ୍ତୋଷ ପ୍ରଦାନ କରିପାରିବ। ପାଣି ମୁନ୍ଦାଏ ହେଉ ବା ଅସହାୟ ମୁହୂର୍ତ୍ତରେ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କରୁଣାର ହାତ ବଢ଼ାଇବା ଦ୍ୱାରା ଜଣେ ଜୀବନ ରଥର ଶ୍ରେଷ୍ଠ ସାରଥୀ ଭାବେ ନିଜ ଜୀବନକୁ ଦିବ୍ୟପଥରେ ଅଗ୍ରଗାମୀ କରିପାରିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ। ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ । ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ ।

ସହ-ପ୍ରତିରଦ୍ଧିକ,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭




## ଆବେଦନ ମୋର ଶୁଣି

ଶିବ ପ୍ରସାଦ ବାହିନୀପତି



ମହାବାହୁ ତୁମେ ଜଗତ ଠାକୁର
ଜନାର୍ଦ୍ଦନ ଆର୍ତ୍ତତ୍ରାଣ
କିମ୍ପାଇଁ ମଉନ ମୋ' ପାଇଁ ଆପଣ
ଶୁଭୁନି କି ନିବେଦନ ?

ଲାଗୁଛି କି ଭୀତ କାଳେ ମାଗି ନେବ
ରତ୍ନ ଭଣ୍ଡାରରୁ ଧନ ?
ଆହେ ପ୍ରଭୁ ମୋର କିବା ଦରକାର
ମାଗେ ଚରଣେ ଶରଣ ।

ଶରଣାଗତର ତୁମେ ତ ଠାକୁର
ଦୀନ ଦୁଃଖୀ ଭଗବାନ
ଦୁଃଖରେ ପଡ଼ିଛି ମିନତି କରୁଛି
ରଖନ୍ତୁ ଚକାନୟନ ।

ଦାସଟିଏ ହୋଇ ରହିଥିବି ମୁହିଁ
ଜୀବ ଥିବ ଯେତେଦିନ
ସେବୁଥିବି ପଦ ତହିଁରେ ଆନନ୍ଦ
ଆବେଦନ ମୋର ଶୁଣ ।

ଭାଟପଡ଼ା, ନିରାକାରପୁର,
କଣାସ, ପୁରୀ
ମୋ: ୮୯୧୭୪୮୦୫୩୬

## ପିତା

ଧ୍ରୁବ ଚରଣ ବେହେରା



ପୁଣ୍ୟ ଶାଳଗ୍ରାମ ସେ ଅଟନ୍ତି ମୋର
ମୋ ଅଗ୍ର ପୁଜ୍ୟ ଇଶ୍ୱର
ଶବ୍ଦ ନୁହେଁ ଲାଗେ ପରଂବ୍ରହ୍ମ ନାମ
ଚଳନ୍ତି ଦେବ ସାଗର ।

ବଟ ବୃକ୍ଷ ସମ ଦେଇଥାନ୍ତି ଦାନେ
ଶୀତଳ ସ୍ନେହର ଛାଇ
ଅମାପ ଯାହାର ତ୍ୟାଗ ବଳିଦାନ
ବାପା ନାମ ପରା ସେହି ।

ସହିଯିବେ ନିଜେ ପର୍ବତର ଦୁଃଖ
ହସି ହସି କାହା ପାଇଁ
ଖରା ବର୍ଷା ଶୀତ ଏକାକରି ଥାନ୍ତି
କଳନା ଯାହାର ନାହିଁ ।

ଚାରି ପ୍ରାଣୀ ଲାଗି ସମୟ ସହିତ
କରୁଥାନ୍ତି ନିତି ରଣ
ବଡ ବିପଦରୁ ତାରଣ ମିଳଇ
ନେଲେ ସେ ମଧୁର ନାମ ।

ତାଙ୍କ କାନ୍ଧ ଲାଗେ ତୁଳା ସମତୁଲ
ଚାଲିଥିଲି ହାତ ଧରି
ଦଶରଥ ସମ ଅଟନ୍ତି ଧାର୍ମିକ
କିଏ ହେବ ତାଙ୍କ ସରି ।

ବିଶାଳ ହୃଦୟ ନେଇ ବଞ୍ଚିଥାନ୍ତି
ପ୍ରତିଦାନେ ଛାଡି ଆଶା
ବାପା ଥିଲେ ଘରେ ବିପଦ ଏଡଇ
ସେ ଆମ ଶେଷ ଭରସା ।

ପିତା ସ୍ୱର୍ଗ ପିତା ଅଟନ୍ତି ଯେ ଗୁରୁ
ପିତା ମୋ ପରମ ତପ
ବାପା ବୋଲି ଥରେ ମୁଖୁ ଶବ୍ଦ ସ୍ଫୁରେ
କଟେ କୋଟି ମହା ପାପ ।

ସେ ଶବ୍ଦର ସଂଜ୍ଞା ଅଟଇ ଅସୀମ
ଅମାପ ତା ପରିସୀମା
ଲକ୍ଷେ ଶାଳଗ୍ରାମ ହେବ ନାହିଁ ସରି
ଏମିତି ତା'ର ମହିମା ।

ବାପା ବୋଲି ଥରେ ଡାକିଦେଲେ
ଲାଗେ
ଅମୂଲ୍ୟ ସେ ପରିଭାଷା
ସତ୍ୟର ଅଟନ୍ତି ପୂର୍ଣ୍ଣ ମହୋଷଧି
ସଂପର୍କର ଦିବ୍ୟ ନିଶା ।

ଚାଲିଗଲ ଛାଡି ଅଜଣା ରାଇଜେ
ଖୋଜିଲେ ପାଉଛୁ କାହିଁ
ତୁମ ବିନା ଲାଗେ ସଂସାର ଅନ୍ଧାର
ଶୂନ୍ୟ ସ୍ଥାନ ଦେଲ କହି ।

ତୁମ ପରି ପିତା ମିଳୁ ସବୁ ଯୁଗେ
ଯୋଗୀ ତ୍ୟାଗୀ ମହାଭୋଗୀ
ସେବା ସମର୍ପଣେ ସଦା ତୁମେ ପୂଜ୍ୟ
ହେ ପିତା ପ୍ରାଣ ବୈରାଗୀ ।

ମୁଁ ତମ ଠିକଣା ଜନ୍ମର ପାଉଣା
ଦେଇ ପାରିଲିନି ଗଣି
ଛାଡି ଗଲ ଚାଲି ଅଜଣା ରାଇଜେ
କରିଗଲ ମୋତେ ଋଣି ।

ଅଶ୍ରୁଭରା ମୋର ଘେନ ଶ୍ରଦ୍ଧାଞ୍ଜଳି
ପିତୃ ଦିବସର ତୋଳି
ତୁମ ଚରଣରେ କରୁଅଛି ପୂଜା
ଏହି ମୋ ଭକ୍ତିର ଅଳି ।

ଭାରତୀୟ ସାମରିକ ସେବା ।
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

## ଆସ ମଉସୁମୀ ଆସ

ପ୍ରଭାତ କୁମାର ନାୟକ



ଆସ ମଉସୁମୀ ମେଘ ପାଲିଙ୍କିରେ
ଶୀତଳ ସମୀର ସାଥେ,
ଚଞ୍ଚଳା ଚପଳା ବିଜୁଳି ଅଲୋକେ
ଓଢଣୀ ଦେଇ ଗୋ ମାଥେ ।
ତୁମରି ପରଶେ ଧରଣୀ ଓଠରେ
ଫୁଟୁ ମୃଦୁମନ୍ଦ ହସ,
ନାଚୁ ଚଷା ପୁଅ ମଳିନ ମନ ତା'
ପୋଛି ଦେଇ ସବୁ କ୍ଲେଶ ।
ପୂରି ଉଠୁ ନଦୀ ଶୁଖିଲା ବକ୍ଷ ତା'
ଝରୁ ଝରଣାର ଜଳ,
ପଲ୍ଲବୀତ ହେଉ ନବ ଘନ ବନ
ନଦୀ ବହୁ କଳକଳ ।
ଶୁଭୁ କେଁ କେଁ ବେଙ୍ଗୁଲି ସଙ୍ଗୀତ
ବାଉଁଶ ମାରୁ ତା' ଗଜା ,
ପବନ ବଜାଉ ସାହାନାଇ ତୁରୀ
ତେଲିଙ୍ଗି ବାଇଦ ବାଜା ।
ହସୁ ପୁରପଲ୍ଲୀ ନଗରାଦି ଗ୍ରାମ
ହସୁ ବନ ତରୁ ଲତା,
ଭରି ଯାଉ ମୋର ମାନସୀ ମନରେ
ପ୍ରୀତି ଘନ ମାଦକତା ।
ଈର୍ଷା କରିବନି ମଉସୁମୀ ତୁମେ
ପ୍ରିୟା ରୂପ କାନ୍ତି ଦେଖି,
ମୋ କଥା ଗୁପତେ କହିବ ତା'
କାନେ
ମଣ୍ଡି ତୁମ ଧୀର ରଖି ।
ଟୋପା ଟୋପା ନୀର ନରମେ
ଛୁଇଁବ
ପ୍ରିୟାର କୋମଳ ଅଙ୍ଗେ,
ପୀରତି ଆମର ନାଲି ଦିଶିବ ଗୋ
ତା' ପାଦ ଅଳତା ରଙ୍ଗେ ।
ଧୋଇ ଦେବ ତା'ର ହଳଦୀ ତନୁକୁ
ତୁମରି ଶୀତଳ ଜଳେ,
ଖୋଲିଦେବ ଗଭା ପାଦର ପାଉଁଜି
ଭିଜାଇବ ତାଳେ ତାଳେ ।
ତା'ତନୁ ସୁଗନ୍ଧ ତୁମ ସାଥେ ନେଇ
ଆସିବ ଝରକା ଡେଇଁ,
ମହକି ଉଠିବ ହୃଦୟ ପ୍ରଣୟେ
ହଜି ଯାଉଥିବି ମୁହିଁ ।
ଶୁଷ୍କ ତନୁ ମନ ଭିଜିଯିବା ପାଇଁ
ଚାହିଁ ରହିଛନ୍ତି ପଥେ,
ଆସ ମଉସୁମୀ ମେଘ ପାଲିଙ୍କିରେ
ଶୀତଳ ସମୀର ସାଥେ ।

ଚେନ୍ନାଇ, ତାମିଲନାଡୁ
ମୋ : ୮୧୨୨୮୦୩୨୪୬





# ଫୁଲଝରି







କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୯୨)

## ଲବକୁଶଙ୍କ ଜନ୍ମ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଲକ୍ଷ୍ମଣ ମାତା ସୀତାଙ୍କୁ ବାଲ୍ମୀକିଙ୍କ ଆଶ୍ରମ ନିକଟରେ ଛାଡ଼ି ଆସିଲେ। ଲକ୍ଷ୍ମଣଙ୍କ କଥା ଶୁଣି ସୀତାଙ୍କ ଚେତା ବୁଡ଼ି ଯାଇଥିଲା। ଚେତା ପାଇ ସେ ଉଠିଲେ ଓ କ୍ରନ୍ଦନ କରିବାକୁ ଲାଗିଲେ। ଭାରତର ସମସ୍ତ ନାରୀଙ୍କ ପରି ସେମଧ୍ୟ ନିଜ ଭାଗ୍ୟକୁ ଦୋଷ ଦେବାକୁ ଲାଗିଲେ। ମିନା ଅପା ରାମାୟଣ କଥା ଆରମ୍ଭ କଲେ।

ସେଇ ସମୟରେ ବାଲ୍ମିକୀ ଋଷିଙ୍କର କିଛି ଶିଷ୍ୟ ସେଇବାଟେ ଯାଉଥିଲେ ଓ ଜଣେ ଦେବୀ ପ୍ରତିମା ପରି ନାରୀଙ୍କୁ ରୋଦନ କରୁଥିବାର ଦେଖିଲେ। ସେମାନେ ସଂଗେ ସଂଗେ ଏକଥାକୁ ବାଲ୍ମୀକିଙ୍କୁ ଜଣାଇଲେ। ବାଲ୍ମୀକି ମୁନି ଧ୍ୟାନ ବଳରେ ସବୁକଥା ଜାଣିପାରିଲେ ଓ ସଂଗେ ସଂଗେ ସେ ସୀତାଙ୍କ ପାଖରେ ପହଂଚିଲେ।

ସୀତାଙ୍କୁ ସେ ନିଜର ପରିଚୟ ଦେଲା ପରେ ସୀତା ତାଙ୍କୁ ଯଥାମାନ୍ୟ ହେଲେ। ଏହା ବିଧି ନିର୍ଦ୍ଦିଷ୍ଟ। ତେଣୁ ହେ ସୀତା, ଦୁଃଖ ନ କରି ମୋ ସାଙ୍ଗରେ ମୋ ଆଶ୍ରମକୁ ଆସ। ତୁମେ ମୋ କନ୍ୟା ସମ। ତେଣୁ ବିନା ଦ୍ୱିଧାରେ ଏଇ ଆଶ୍ରମରେ ରୁହ। ବାଲ୍ମିକୀ ମୁନିଙ୍କ ସମ୍ବୋଧନରେ ସୀତା ଧୈର୍ଯ୍ୟ ଧରିଲେ ଓ ତାଙ୍କ ସାଙ୍ଗରେ ତାଙ୍କ ଆଶ୍ରମରେ ପ୍ରବେଶ କଲେ।

ସୀତା ଗର୍ଭବତୀ ଥିଲେ। ଆଶ୍ରମରେ ଋଷ୍ୟ- କନ୍ୟା ଓ ଅନ୍ୟମାନେ ତାଙ୍କର ଉପଯୁକ୍ତ ଯତ୍ନ ନେଉଥିଲେ।

ଯଥା ସମୟରେ ସୀତା ଦୁଇଟି ସୁନ୍ଦର ସନ୍ତାନଙ୍କୁ ଜନ୍ମ ଦେଲେ। ବାଲ୍ମୀକି ମୁନି ବଡ଼ ପୁତ୍ରର ନାମ କୁଶ ରଖିଲେ ଓ ସାନର ଲବ। ସଂସାରରେ ସେମାନେ ଲବକୁଶ ନାମରେ ପରିଚିତ।



ଲବକୁଶ ବାଲ୍ମୀକିଙ୍କ ଆଶ୍ରମରେ ବଡ଼ ହେବାକୁ ଲାଗିଲେ। ଠିକ୍ ସମୟରେ ବାଲ୍ମୀକି ମୁନି ସେମାନଙ୍କୁ ଅସ୍ତ୍ରଶସ୍ତ୍ର ଶିକ୍ଷା ଦେଲେ। ସେମାନେ ଅତି ଶୀଘ୍ର ବିଭିନ୍ନ ଅସ୍ତ୍ରଶସ୍ତ୍ର ଚାଳନାରେ ପାରଙ୍ଗମ ହୋଇ ଉଠିଲେ। ସେମାନେ ପ୍ରଭୁ ଶ୍ରୀରାମ ଓ ମାତା ସୀତାଙ୍କ ପୁତ୍ର। ତେଣୁ ତାଙ୍କ ପାଇଁ ସବୁ ଶିକ୍ଷା ସହଜ ଥିଲା।

ସୀତାଙ୍କୁ ନିର୍ବାସିତ କରି ରାମ ବହୁତ ଦୁଃଖୀ ହୋଇଥିଲେ। ମାତ୍ର କାଳର କରାଳ ସ୍ରୋତରେ ଘଟଣା ସବୁ ଘଟୁଥିଲେ। ମଣିଷ ଜନ୍ମରେ ଥିବା ଶ୍ରୀବିଷ୍ଣୁ ମଧ୍ୟ କାଳର ଗତିକୁ ବଦଳାଇବାକୁ ଅକ୍ଷମ ଥିଲେ। ସୀତାଙ୍କର ଏକ ସ୍ୱର୍ଣ୍ଣ ମୂର୍ତ୍ତି କରି ଶ୍ରୀରାମ ନିଜ କକ୍ଷରେ ସ୍ଥାପନ କରିଥିଲେ ଓ ସୁବର୍ଣ୍ଣ ସୀତାଙ୍କୁ ଦେଖି ସେ ମନକୁ ବୁଝାଉଥିଲେ।

ପୁରାଣ ଯୁଗରେ ରାଜାମାନେ ଅଶ୍ୱମେଧ ଯଜ୍ଞ କରୁଥିଲେ। ଅଶ୍ୱମେଧ ଯଜ୍ଞ ଠିକ୍ ଭାବରେ ସରିଲା। ପରେ ଯଜ୍ଞ କରୁଥିବା ରାଜାଙ୍କୁ ଅନ୍ୟ ଦେଶର ରାଜାମାନେ ସମ୍ମାନ ଦେଉଥିଲେ ଓ ତାଙ୍କ ଅଧୀନରେ ଅଛନ୍ତି ବୋଲି ସ୍ୱୀକାର କରୁଥିଲେ।

ଶ୍ରୀରାମଙ୍କୁ ଅଶ୍ୱମେଧ ଯଜ୍ଞ କରିବାକୁ ତାଙ୍କ ମନ୍ତ୍ରୀମାନେ ଅନୁରୋଧ କରିଥିଲେ ଓ ସେ ଏଥିରେ ରାଜି ହୋଇଥିଲେ।

ଅଶ୍ୱମେଧ ଯଜ୍ଞର ବ୍ୟବସ୍ଥା ଅନୁସାରେ ଯଜ୍ଞ ଅଶ୍ୱ ବିଭିନ୍ନ ଦେଶକୁ ବୁଲି ଯାଉଥିଲା। ଯଦି ସେ ଦେଶର ରାଜା ଅଶ୍ୱକୁ ବାନ୍ଧୁ ନଥିଲା ବା ତା ଗତିପଥରେ ପ୍ରତିବନ୍ଧକ ସୃଷ୍ଟି ନକରୁଥିଲା, ଅଶ୍ୱ ପଠାଇଥିବା ରାଜାଙ୍କ ବଶ୍ୟତା ସ୍ୱୀକାର କଲେ ବୋଲି ଜଣା ପଡୁଥିଲା।

ଶ୍ରୀରାମଙ୍କ ଯଜ୍ଞ ଅଶ୍ୱ ବିଭିନ୍ନ ଦେଶରେ ବୁଲି ବୁଲି ଶେଷକୁ ଆସି ବାଲ୍ମୀକିଙ୍କ ଆଶ୍ରମ ନିକଟରେ ପହଂଚିଥିଲେ। ଅଶ୍ୱ ସଂଗରେ ଥିଲେ ଶ୍ରୀରାମଙ୍କ ସୈନ୍ୟ ଓ କନିଷ୍ଠ ଭ୍ରାତା ଶତ୍ରୁଘ୍ନ। ସେମାନେ ପ୍ରାୟ ସବୁ ଦେଶରେ ବୁଲି ସାରିଥିଲେ। ଏବେ ଅଯୋଧ୍ୟାକୁ ଫେରି ଅଶ୍ୱମେଧ ଯଜ୍ଞର ଶେଷ କାର୍ଯ୍ୟ ସମାପ୍ତ କରିବା କଥା। ଅଶ୍ୱମେଧ ଯଜ୍ଞ କଲେ ଦେଶ ଓ ରାଜାଙ୍କର ଉନ୍ନତି ହୁଏ ବୋଲି ସେ ସମୟରେ ପ୍ରଚଳିତ କଥା ଥିଲଶ।

ଯଜ୍ଞ ଅଶ୍ୱ ବାଲ୍ମୀକି ମୁନିଙ୍କ ଆଶ୍ରମ ନିକଟରେ ବୁଲୁଥିଲା। ଏଇ ସମୟରେ ଲବ କୁଶ ତାଙ୍କ ଆଶ୍ରମ ନିକଟରେ ଏତେ ସୁନ୍ଦର ଅଶ୍ୱଟିଏ ଦେଖି ତା ପାଖକୁ ଗଲେ ଓ ତା ସହିତ ଖେଳିବା ଆରମ୍ଭ କଲେ। ଲବକୁଶ ରାଜପୁତ୍ର ଥିଲେ, ତେଣୁ ଅଶ୍ୱ ପ୍ରତି ଆକର୍ଷିତ ହେବା ବେଶ୍ ସ୍ୱାଭାବିକ ଥିଲା।

ଲବକୁଶ ଅଶ୍ୱଟିକୁ ଧରିନେଲେ ଓ ଗୋଟେ ବୃକ୍ଷରେ ବାନ୍ଧି ପକାଇଲେ। ସେମାନ କଣ ଜାଣିଥିଲେ ଏହା ମହାରାଜା ଶ୍ରୀରାମଙ୍କ ଯଜ୍ଞ ଅଶ୍ୱ ବୋଲି।

ଦୁଇଟି ବାଳକଙ୍କ ଏତାଦୃଶ୍ୟ କାର୍ଯ୍ୟ ଦେଖି ଶ୍ରୀରାମଙ୍କ ସୈନ୍ୟ ଆଶ୍ଚର୍ଯ୍ୟ ହୋଇଗଲେ ଓ ସେମାନେ ବାଳକ ଦି ଜଣଙ୍କୁ ଯଜ୍ଞ ଅଶ୍ୱକୁ ଛାଡ଼ି ଦେବାକୁ କହିଥିଲେ। ଲବକୁଶ ଡରିବାର ପିଲା ନଥିଲେ। ସେମାନେ ଅଶ୍ୱକୁ ଛାଡ଼ିବାକୁ ସିଧା ମନା କରିଦେଲେ।

ମିନା ଅପା ରାମାୟଣ କଥା ଏଇଠି ରଖିଲେ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧



ନଗେନ୍ଦ୍ର ନାଥ ପଟ୍ଟନାୟକ

## ବଡିମା ଭାଙ୍ଗିଲା, କଳି ତୁଟିଲା

ସ୍କୁଲ ଛୁଟି ହେଲା ପରେ ମୁନା ଘରକୁ ଲେଉଟି ଆସିଲା। କୋଟ୍ ଆଉ ଶାର୍ଟକୁ ଦେହରୁ ଉତାରି ଦେଇ ଘରେ ଥିବା ହେଙ୍ଗରରେ ଟାଙ୍ଗିଦେଲା। କୋଟ୍ ରାଗରେ ରଡନିଆଁ ହୋଇ ଶାର୍ଟ ଆଡକୁ ବୁଲିପଡି ଅନେଇଲା। ତମ୍‌ତମ୍? ହୋଇ କହିଲା –ଏଁ ! ତୋର ଏତେ ବହପ, ମୋ ପାଖେ ଟଙ୍ଗା ହୋଇଚୁ, ଆରେ ଯା -ଯା. . . ଭାଗ୍ ଏଠୁ, ବେଗି ଦୂରେଇଯା ମୋ ପାଖରୁ। ନଇଲେ ତତେ ମୋଡିମକଚି ଓ ଭାଙ୍ଗିଭୁଙ୍ଗି ଫିଙ୍ଗିଦେବି। ଶାର୍ଟ କଟ୍‌ମଟ୍ କରି କୋଟ୍ ଆଡକୁ ଅନେଇ କହିଲା - ମୁଁ ନିଜ ମରଜିରେ ତୋ ପାଖେ ଟଙ୍ଗା ହୋଇନି .... ମୁନା ଭାଇ ମତେ ଏଇଠି ଟାଙ୍ଗିଦେଇଚି।

ମୁନା ଭାଇ ପାଖେ ପାଖେ ମୁଁ ସଦାବେଳେ ରହିଥାଏ, ଠିକ ଯେମିତି ଛାଇଟେ ପରି। କେବେ ବି ମୁଁ ମୁନା ଭାଇର କରଛଡା ହୁଏନାଇଁ।

ଆରେ ମୋ ବାଧ ବାଧକତାରେ ମୁନାଭାଇ ଏମିତି କରେ। ମୁନାଭାଇ ଅଛି ବୋଲି ମୁଁ ତତେ କିଛି କହିପାରେ ନାଇଁ। ଏଇଲେ ପଳେଇ ଯା, ମୋ ସାଙ୍ଗରେ ତୁ କଣ ଝଗଡା କରିବୁ ? ମୁଁ କାଇଁ ଏଠୁ ପଳେଇ ଯିବି ?

ମତେ ତ ମୁନାଭାଇ ଏଇ ଜାଗାଟି ଦେଇଚି। ତୁଟା ସଦାବେଳେ କଳିକଜିଆ କରି ଓହ୍ଲେଇଯାଉ, ସେଥିପାଇଁ ମାର୍ଚ୍ଚମାସରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ସର୍ବଦା କଏଦୀଟିଏ ଭଳି ଜେଲ୍‌ର ଚାରିକାନ୍ଥ ଭିତରେ ବାନ୍ଧିହୋଇ ରହିଥାଉ।

ଆଲମାରିର ଅନ୍ଧାରୁଆ କୋଣରେ ବନ୍ଦୀହୋଇ ରହୁ।

ହଇରେ ତୋର ଏତେ ସାହସ, ମୋ ପଛରେ ପଡିଚୁ। ଖବରଦାର କହୁଚି ମୋ ସାଙ୍ଗରେ ଲାଗେନା, କଳିକଜିଆ କରନା, ଶାଳା କୋଉଠିକାର, ଚୁପ୍‌ରହ। ତୋ ଆଖିକି କଣ ଦିଶୁନି ମୁଁ କେଡେ ହୃଷ୍ଟପୁଷ୍ଟ, ମୋଟାସୋଟା ବୋଲି। ମୁଁ ଶୀତକୁ ଲାତ୍‌ମାରି ଖେଦିଦିଏ . . . . . ତୁ ଗୋଟେ କାଉଁରିଆ କାଠିପରି, ସରୁଆ ଓ ଧଡ୍‌ଧଡିଆ। ତୋତେ ଭଙ୍ଗାଭଙ୍ଗି, ମୋଡାମୋଡି କରି ରଖିଦେବି।

ମୁଁ ରୋଜ୍ ସିନାନ କରେ, ତୁ ବରଷକରେ ମୋଟେ ଥରେ କି ଦୁଇଥର ସିନାନ କରିଥାଉ- ନରମିଯାଇ ଶାର୍ଟ କହିଲା। ଆରେ ଯା ଯା ଖୁବ୍ ଭଡଭଡ ହେଉଚୁ ଭାରି ଗାଧୁଆବାଲାଟା ତ . . . . . ଆଛା ହଁ ତୋର ଗୋଟେ ପକେଟ, ସେଇଟା ପୁଣି ଖାଲି ରହିଥାଏ। ତୁ କଣ କେବେ ଆଇସ୍‌କ୍ରିମ ଚାଖିଚୁ, ଭାରି ସୁଆଦିଆ। ମୁନାଭାଇ ଦିନେ ମୋ ଉପରେ ଆଇସ୍‌କ୍ରିମ ଖଣ୍ଡ ପକେଇ ଦେଇଥିଲା, ଆହା, ଆଇସ୍‌କ୍ରିମଟା କି ସ୍ୱାଦିଷ୍ଟ –ଶାର୍ଟ ବି ଫୁଟାଣି ଦେଖାଇ କହିଲା। ଆରେ ଯା-ଯା ଭାରି ବଡିମା ଦେଖାଉଚୁ, ଜାଣିଚୁ ନା ମୋ ପାଖରେ ପାଂଚ ପାଂଚଟା ପକେଟ। ଏ ଭିତରୁ କୋଉଥିରେ କାଜୁ, କିସ୍‌ମିସ୍ ଓ ବାଦାମ ରହେ ତ ଆଉ କୋଉଥିରେ ଚକୋଲଟ୍ ଭର୍ତିହୋଇ ରହିଥାଏ। ତୁ ଏଗୁଡିକର ସୁଆଦ କଣ ଜାଣିଚୁ ନା ? ଏମିତି କଥା କଟାକଟି, ଯୁକ୍ତିତର୍କ ଚାଲିଥିଲା ଦୁହିଁଙ୍କ ଭିତରେ, ଅନେକ ସମୟ ଧରି।

ଏପରିକି ଦୁହେଁ ପରସ୍ପର ଭୀଷଣ କଳିକଜିଆ କରିବାରେ ଲାଗିପଡିଲେ। ସେତିକିବେଳେ ମୁନା କୁଆଡେ ଥିଲା କେଜାଣି ପବନ ବେଗରେ ଛୁଟିଆସିଲା ସେମାନଙ୍କ ପାଖକୁ। କଣ ଭାବିଲା କେଜାଣି ମୁହଁ ଶୁଖାଇ କହିଲା –ମାମା, କାଲିଠୁ ମୁଁ ଆଉ ସେ କୋର୍ଟ ପିନ୍ଧିବି ନାଇଁ, ମୁଁ ସୁଇଟର ପିନ୍ଧିବି। ଏ କଥା କାନେଇ କୋଟ୍ ଘାବରେଇ ଗଲା। ତାଜୁବ ହୋଇ ସମ୍ବୋଧନ କରି କହିଲା –ଭଉଣୀ ଶାର୍ଟ, ମୋ ଆଡେ ଟିକେ ସହାୟତାର ହାତ ବଢାଅ। ଏବେ ମୁଁ ଆଲମାରିର ଅନ୍ଧାରୁଆ କୋଣରେ ବନ୍ଦୀହୋଇ ରହିବାକୁ ଚାହୁଁନାଇଁ। ମୁଁ ତମ ସାଙ୍ଗରେ ଅ । ଉ କଳିତକରାଳ କରିବାକୁ ଇଛା କରୁନି।

ମ ୁ ଁ





ସେକଥା ଜାଣେ। ଆମେ ଗୋଟେ ପରିବାରର ସଦସ୍ୟ। ଗୋଟେ ପରିବାର, ସମାଜ ଓ ଦେଶର ଲୋକେ ପରସ୍ପର ଲଢେଇ, ଝଗଡା କଲେ ଦେଶ ଉନ୍ନତି କରିବ ନାଇଁ। ତୋ ସାଙ୍ଗରେ ରହିବାପାଇଁ ମୋର ଭାରି ଇଛା ... ତୋ ପଛରେ ଛପିରହି ଧୂଳି ମଇଳା ଓ ଶୀତ ପ୍ରକୋପରୁ ରକ୍ଷା କରେ। ଦୁହେଁଯାକ ପରସ୍ପର ଭିତରେ ଆଳାପ କରୁଥିବା ବେଳେ ମାମା ଆସି କହିଲେ - ନାଇଁ ପୁଅ ମୁନା, ଏଇଲେ ନୁହଁ, ଏବେଠୁ ତୋତେ କିଛିଦିନ କୋଟ୍ ପିନ୍ଧିକରି ସ୍କୁଲ ଯିବାକୁ ହେବ। ତୋ ଶାର୍ଟ ଖଣ୍ଡିକ ଏଠିକି ଆଣେ। ସେଟାକୁ ମୁଁ ଧୁଆସଫା କରିଦେଉଛି . . . . . ଏ କଥା ଶୁଣିବା ମାତ୍ରେ ଶାର୍ଟ ଆଉ କୋଟ୍ ଦୁହେଁ କୁରୁଳି ଉଠିଲେ। ମୁନା ଯେତେବେଳେ ଶାର୍ଟ ଖଣ୍ଡିକ ହେଙ୍ଗରରୁ କାଢି ମା ପାଖକୁ ନେଇ ଯାଉଥିଲା ଦୁହେଁ ଖୁସିରେ ଉଲ୍ଲସିଉଠି ଟା –ଟା କଲେ।

+ଓସ୍କାର ସିଟି, ପ୍ଲଟ ନଂ-୪୫୪, ଲେନ ନଂ-୯
ଲକ୍ଷ୍ମୀସାଗର କେନାଲ ରୋଡ, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

## ଗାଆଁରେ ରଥ ଧନ୍ୟ ଗାଆଁ ପଥ

ନିରଞ୍ଜନ ସାହୁ

ବଡ଼ଦାଣ୍ଡେ ଗଡ଼େ ବଡ଼ବଡ଼ ରଥ
ଗାଆଁ ଦାଣ୍ଡେ କୁନି ରଥ
ବଡ଼ଦାଣ୍ଡେ ବଡ଼ ଲୋକଙ୍କ ଗହଳି
ପିଲାଙ୍କ ଭିଡ଼େ ଗାଁ ପଥ ।

ଶ୍ରୀକ୍ଷେତ୍ରରେ ବଡ଼ ଦେଉଳ ରହିଛି
ଗୁଣ୍ଡିଚା ମନ୍ଦିର ଥାଏ
ଗାଆଁରେ ଠାକୁର ଘର ଠାରୁ ରଥ
କୋଠଘର ଯାଏ ଯାଏ ।

ପୁରୀ ଧାମେ ଗଜପତି ମହାରାଜା
କରିଥାନ୍ତି ଛେରା ସେବା
ଗାଆଁ ରଥେ ଆମ ସାଙ୍ଗ ସେବା କରେ
କେଉଁ ପଟାନ୍ତର ଦେବା ।

ଶ୍ରୀକ୍ଷେତ୍ରେ ମାଉସୀ ମାଆ ମନ୍ଦିରରେ
ପୋଡ଼ପିଠା ଭୋଗ ଲାଗେ
ଗ୍ରାମ ଦେବତୀଙ୍କ ପୀଠେ ପୋଡପିଠା
ଭୋଗ ଲଗାଯାଏ ବାଗେ ।

ପୁରୀରେ ବାଜଇ ଘଣ୍ଟୁଆଙ୍କ ଘଣ୍ଟ
ହରିବୋଲ ପୁଣି ପଡ଼େ
ଗାଆଁଦାଣ୍ଡେ ଘଣ୍ଟ, ଖୋଳ, କରତାଳ
ଶଙ୍ଖ ଉଚ୍ଚ ସ୍ୱରେ ରଡେ ।

ପୁରୀ ଧାମେ ରାସ୍ତା ବଡ଼ଦାଣ୍ଡ ନାମେ
ଜଗତରେ ପରିଚିତ
ଗାଆଁରେ ନାଳିଆ ସଡ଼କ ବୋଲାଏ
ବଡ଼ଦାଣ୍ଡ ନିୟମିତ ।

ପୁରୀରେ ଡାହୁକ ଡାକେ ବେତ ଧରି
ରଥ ଯାଏ ଗଡିଗଡି
ଗାଆଁରେ ଡାହୁକ ସାଜେ ଆମ ମିତ
ଡାକେ ଧରି ବେତ ଛଡି ।

ଗୁଣ୍ଡିଚା ବାହୁଡା ଦୁଇ ଯାତ୍ରା ସରେ
ସୁନାବେଶ ହୋଇଥାଏ
ଗାଆଁ ରଥେ ଫୁଲ ରଙ୍ଗୀନ ଜରିରେ
ଠାକୁରଙ୍କୁ ସଜାଯାଏ ।

ପୁରୀରେ ଅଧର ପଣା କରାଯାଇ
ମାଟିପାତ୍ର ଭଙ୍ଗା ବିଧି
ଗାଆଁରେ ଅଧର ପଣା ପାତ୍ର ଭାଙ୍ଗି
ଅଶରୀରୀ ମୁକ୍ତି ସିଦ୍ଧି ।

ଶ୍ରୀକ୍ଷେତ୍ର ଧାମରେ ନୀଳାଦ୍ରି ବିଜୟ
ଲକ୍ଷ୍ମୀ ନାରାୟଣ କଳି
ଗାଆଁରେ କଳିର ସମାଧାନ ପରେ
ଠାକୁରେ ମଣ୍ଡପେ ଚଳି ।



+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

## କବିତା

ତୁମ ପାଇଁ

### ଝୁମୁରୁ ଝାଇଁ ଝୁମୁରୁ ଝାଇଁ

ସୁନୀଲ କୁମାର ପ୍ରଧାନ

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ପାଠ ପଢ଼ିବାକୁ ଯିବା ଧାଇଁ ।

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ଖରାପ କଥା କହିବା ନାହିଁ ।

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ଭଲରେ ପାଠ ପଢିବା ଭାଇ ।

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ଗୁରୁଙ୍କୁ ପ୍ରଣାମ ହେବା ନଇଁ ।

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ଉପକାରୀ କାମ ଭୁଲ ନାହିଁ ।

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ବାପା ମା କଥା ମାନିବା ଭାଇ ।

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ବଡଙ୍କୁ ଉତ୍ତର ଦେବା ନାହିଁ ।

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ଭଲ ମଣିଷ ହେବାରେ ଭାଇ ।

+ ଝାଟିପଦର, ପାଲୁର, ଗଞ୍ଜାମ
ମୋ - ୭୬୦୯୯୩୪୩୬୬



### ନିଷ୍ପାପ ଶିଶୁ

ରମେଶ ଚନ୍ଦ୍ର ନାୟକ

ନିଷ୍ପାପ ଶିଶୁଟି ଶେଯରେ ଶୋଇକି
ଖିଲି ଖିଲି ହସ ହସେ,
ଦୁନିଆର ଯେତେ ସୁଖର ପସରା
ସତେକି ତା'ହାତ ପାଶେ ।
ଜାଣେ ନାହିଁ ସିଏ ଛନ୍ଦ କି କପଟ
ସଭିଏଁ ତା'ପାଖେ ବନ୍ଧା,
ଯିଏସେ ଦେଖଇ କୋଳେଇ ନିଅଇ
ଗେଲ କରିବାକୁ ସଦା ।
କିଏ ତାକୁ ନେଇ ଜହ୍ନକୁ ଦେଖାଇ
କହେ ଚନ୍ଦ୍ର ପୃଷ୍ଠେ ଯିବୁ,
ବଡ଼ ହୋଇଗଲେ ଭଲ ପାଠ ପଢି
ବଡ଼ ମଣିଷଟେ ହେବୁ ।
ମାଆ ମୁହଁ ଦେଖି ଦିଏ ହାତ ଟେକି
ଖାଇବାକୁ ଟିକେ କ୍ଷୀର,
ଡେରି କଲେ ମାଆ କାନ୍ଦେ ଧରି ରାହା
ବାପ ହୁଏ ଗର ଗର ।
ମାଆର ମମତା ଅନାବିଳ ଶ୍ରଦ୍ଧା
ଶିଶୁଟି ପାରେନା ଜାଣି,
କ୍ଷୀର ଖାଉଥିଲେ ବସି ମାଆ କୋଳେ
ଆନନ୍ଦେ ଟାଣଇ କାନି ।
ପେଟ ପୁରିଗଲେ ଶୋଇପଡେ ଭଲେ
ଲୁଚେ ତା'ର ହସ କାନ୍ଦ,
ନିଷ୍ପାପ ଶିଶୁ ସେ ଦେଶ ଭବିଷ୍ୟତ
ଜାଣେ ନାହିଁ ଭଲ ମନ୍ଦ ।
ଜାଣି ପାରେ ନାହିଁ ହଗି ମୁତି ଦେଇ
ଅସନା କରଇ ଶେଯ,
ପୋଛିପାଛି ଦେଇ ମାଆ ଥାଏ ଧୋଇ
କରେ ତାକୁ ସଜବାଜ ।
ହୃଦେ ନାହିଁ କଳି ଶିଶୁ ମନ ଭଳି
ସର୍ବେ ଶିଶୁ ପରି ହେବା,
ଦୁନିଆ ଆମକୁ କେତେ ଆଦରିବ
ଭଲ ମଣିଷ ଯେ ହେବା ।

କେଶରପୁର, ବକ୍ସି ବଜାର, କଟକ
ମୋ :- ୭୯୭୮୧୫୧୭୧୦

## ଜୟ ଜୟ ଗିରିଧାରୀ

ଧ୍ରୁବ ଚରଣ ବେହେରା

ଅଜାଙ୍କ କାନ୍ଧରେ ବସିକରି କୁନା
ଯାଇଥିଲା ଏବେ ପୁରୀ
ବଡ ଦାଣ୍ଡେ ଦେଖି ତିନି ରଥ ସିଏ
ହସୁଥିଲା କିରି କିରି ।

ତାଳି ମାରି କରି ଖୁସି ହେଉଥିଲା
ଦେଖି ଏହି ଶୋଭା ଯାତ
ଟେକି ଦେଇ କରି ଦୁଇ ବାହୁ ଧିରେ
ହେଉଥିଲା ପ୍ରଣିପାତ ।

ଘଣ୍ଟ କରତାଳେ ଆଗେ ଗଡୁଥିଲା
ତାଳଧ୍ୱଜ ବଡ ରଥ
ପଛେ ନନ୍ଦିଘୋଷ ମଧ୍ୟ ଚାଲୁଥିଲା
ଦର୍ପ ଦଳନର ସ୍ରୋତ ।

ଅଜାଙ୍କୁ କହିଲା କୁନା ବଡ ଦାଣ୍ଡେ
କିଏ ସେ କାଳିଆ ଦିଅଁ
ତାଙ୍କ ପଛେ ଭକ୍ତ ବେଶି ଧାଉଁଛନ୍ତି
କୁହ ଅଜା ଟିକେ କୁହ ।

କୁନା କଥା ଶୁଣି ଅଜା ତା' କହିଲେ
ଜଗତ କରତା ସେହି
ତାଙ୍କ ଠାରୁ ଏହି ପୂରା ବିଶ୍ୱ ମଧ୍ୟେ
କେହି ଆଉ ବଡ ନାହିଁ ।

ଲୀଳାମୟ ସିଏ ବିଶ୍ୱର ବିଧାତା
ଆମ ପାଇଁ ହସୁଥାଏ
ଚକାଆଖି ଖୋଲି ଦୁଇ ବାହୁ ମେଲି
ସବୁରି ମନକୁ ମୋହେ ।

ଜଗତ କରତା ଦଇବ ବିଧାତା
ଲୀଳାମୟ ଭାବଗ୍ରାହୀ
ଭାବେ ବନ୍ଧା ସିଏ ଭକତର ଲାଗି
କାଳିଆ କଳା ଗୋସାଇଁ ।

ଅଜା କଥା ଶୁଣି କୁନାର ମନରେ
ଭକତି ଆସିଲା ଭରି
ଗାଉଥିଲା ସିଏ ବାଟ ଯାକ ଖାଲି
ଜୟ ଜୟ ଗିରିଧାରୀ ।

+ଭାରତୀୟ ସାମରିକ ସେବା
ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

# ନାବାଳକ ଗୁଣନିଧି ବାଗଙ୍କୁ ନ୍ୟାୟ ଦାବିରେ ଏଆଇଡିଏସ୍‌ଓ - ଏଆଇଡିୱାଇଓ ପକ୍ଷରୁ ଏସ୍.ପି. ଅଫିସ ସମ୍ମୁଖରେ ବିକ୍ଷୋଭ

ବଲାଙ୍ଗିର, ୨୩/୦୬ (ନି.ପ୍ର): ଦେଶର ଶାସକ ଶ୍ରେଣୀଙ୍କ ପକ୍ଷରୁ ଦେଶ ବିକାଶ ଓ ଅମୃତ ରେ ଭାସୁଛି ବୋଲି ଚିତ୍କାର କରି ପ୍ରଚାର ଚାଲିଛି । ବାସ୍ତବତା କିନ୍ତୁ ଓଲଟା, ସ୍ୱାଧୀନତାର ୭୫ ବର୍ଷ ପରେ ମଧ ମଣିଷ ଉପରେ ମଣିଷର ଘୃଣା, ଅତ୍ୟାଚାର କମିବାର ନାଁ ଧରୁନାହିଁ । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଗତ ୧୭ ତାରିଖରେ ମୁରିବାହାଲ ବ୍ଲକ ଖଲିଆପାଲି ଗ୍ରାମରେ ନାବାଳିକ ଗୁଣନିଧି ବାଗଙ୍କୁ ଅତ୍ୟନ୍ତ ନିର୍ମମ ଓ ଅମାନବିକ ଭାବରେ ଅତ୍ୟାଚାର କରି ହତ୍ୟା କରାଯାଇଛି । ସ୍ଥାନୀୟ ପୋଲିସର ଚରମ ଅବହେଳା ଓ ତତ୍ପରତାର ଅଭାବ ଯୋଗୁଁ ନିର୍ଭହ ଛାତ୍ରର ଜିବନ ଚାଲିଗଲା । ମୃତ ଗୁଣନିଧିଙ୍କର ଫୋନ କଲ କୁ ଗୁରୁତର ସହ ଗ୍ରହଣ କରି ପୋଲିସ କାର୍ଯ୍ୟନୁଷ୍ଠାନ ନେଇଥିଲେ ଘଟଣା ଘଟିନଥାନ୍ତି । ତେଣୁ ଏହାର ପ୍ରତିବାଦରେ ଆଜି ଏଆଇଡିଏସ୍‌ଓ - ଏଆଇଡିୱାଇଓ ଯୁବ ଛାତ୍ର ସଂଗଠନ ବଲାଙ୍ଗିର ପକ୍ଷରୁ ଉପଯୁକ୍ତ ତଦନ୍ତ କରି ସମସ୍ତ ଅପରାଧିମାନଙ୍କୁ ତୁରନ୍ତ ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯାଉ । ଘଟଣାରେ ଯେଉଁ ପୋଲିସ ଅଧିକାରୀମାନେ ନିଷ୍କ୍ରିୟତା ପ୍ରକାଶ କରିଛନ୍ତି ତାଙ୍କ ବିରୁଦ୍ଧରେ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ସଂପୃକ୍ତ ପରିବାରକୁ ୨୫ ଲକ୍ଷ ଟଙ୍କା କ୍ଷତିପୁରଣ ସହ ପରିବାରର ଜଣକୁ ଚାକିରି ପ୍ରଦାନ କରାଯାଉ । ଉକ୍ତ ଅଂଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ଉପଯୁକ୍ତ ପଦକ୍ଷେପ ତତ୍ପରତା ସହ ଗ୍ରହଣ କରାଯାଉ । ସମସସ୍ତ ପ୍ରକାର ଜାତିଗତ ବିଦ୍ୱେଷ, ଘୃଣା, ଅସହିଷ୍ଣୁତା ଓ ଅତ୍ୟାଚାର ଭଳି କଳଙ୍କିତ ପ୍ରଥାକୁ ଅମୂଳେ ନାଶ କରି ଭାଇଚାରା, ଶାନ୍ତି ସଂପ୍ରତି ସ୍ଥାପନ ପାଇଁ ଉପଯୁକ୍ତ ପଦକ୍ଷେପ ଆଦି ନେବା ଦାବିରେ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏସ୍‌ପିଙ୍କ ଅନୁପସ୍ଥିତି ରେ ଅତିରିକ୍ତ ଏସ୍‌ପି ସୁରେଶ ନାଏକ ସହ ଆଲୋଚନା କରି ପଦକ୍ଷେପ ନେବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ବିକ୍ଷୋଭ ରେ ସଂଗଠର ରାଜ୍ୟ ଉପସଭାପତି ସୁନିଲ ଭୋଇ, ଜିଲ୍ଲା ସଂପାଦକ ମଧୁସୁଦନ ବାଗ, ଯୁବ ସଂଗଠନ ଏଆଇଡିୱାଇଓର ଜିଲ୍ଲା ସଂପାଦକ ତାମସ ବେହେରା, ଅହଲ୍ୟା ସାହୁ, ଗୌରୀ ସାହୁ, ସିଦ୍ଧାନ୍ତ ମହାକୁର ।

# ମୁକ୍ତା ଅଧିନରେ ଥିବା ଏସଏଚଜି ଗୁଡିକ ପାଇଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୩/୦୬ (ନି.ପ୍ର): ଓଡିଶାର ସହରାଂଚଳରେ ଥିବା ସମସ୍ତ ବର୍ଗଙ୍କର ଅର୍ନ୍ତଭୁକ୍ତି ବିକାଶ ସହିତ ଜୀବନଯାପନକୁ ସହଜ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ୍ (ମୁକ୍ତା) ଅଧୀନରେ ଥିବା ପ୍ରତ୍ୟେକ ୱାର୍ଡ ସକାଶେ କାର୍ଯ୍ୟ ଯୋଜନାକୁ ଅନୁମୋଦନ କରିଛନ୍ତି । ୫ଟି ମନ୍ତ୍ର ପାଳନ କରି ମୋଟ ୮୩୩.୨୧ କୋଟି ଟଙ୍କା ବ୍ୟୟରେ ୧୧୫ଟି ପୌରାଂଚଳରେ ଚଳିତ ଆର୍ଥିକ ବର୍ଷରେ ୧୦୯୪୫ ପ୍ରକଳ୍ପ କାର୍ଯ୍ୟକାରୀ ହେବ । ଏହି ମର୍ମରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୌରସଂସ୍ଥାଗୁଡିକ ଲାଗି ମଞ୍ଜୁରୀ ନିର୍ଦ୍ଦେଶନାମା ସହିତ ଜାରି ହୋଇଥିବା ବଜେଟ୍ ଏବଂ ନିର୍ଦ୍ଦିଷ୍ଟ ସଂଖ୍ୟାର ପ୍ରକଳ୍ପକୁ ଉଲ୍ଲେଖ କରାଯାଇଛି । ମିଶନ୍ ଶକ୍ତି ଏସଏଚଜି (ଏମଏସଜିଏସ୍) ଏବଂ ବସ୍ତି ବିକାଶ ସଂଘ (ଏସଡିଏ) ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ପ୍ରକଳ୍ପଗୁଡିକ ଗୋଷ୍ଠି ସହଭାଗୀ ମାଧ୍ୟମରେ କାର୍ଯ୍ୟକାରୀ ହେବ । ଡିସେମ୍ବର ୨୦୨୩ ସୁଦ୍ଧା ସମସ୍ତ ଅନୁମୋଦିତ ପ୍ରକଳ୍ପର ସଫଳ ରୂପାୟନ ପାଇଁ ବର୍ତ୍ତମାନ ସମୟ ଆସିଛି ବୋଲି ରାଜ୍ୟ ସହରାଂଚଳ ବିକାଶ ସଂସ୍ଥା (ସୁଡା)ର ନିର୍ଦ୍ଦେଶକ ତଥା ମୁକ୍ତାର ରାଜ୍ୟ ନୋଡାଲ ଅଧିକାରୀ ଶ୍ରୀ ସାରଦା ପ୍ରସାଦ ପଣ୍ଡା କହିଛନ୍ତି । ଶ୍ରୀ ପଣ୍ଡାଙ୍କ ମତରେ, ଅନୁମୋଦିତ ପ୍ରକଳ୍ପର ପ୍ରଭାବଶାଳୀ କାର୍ଯ୍ୟକାରିତା ପାଇଁ, ମୁକ୍ତାର ଜ୍ଞାନ, କୌଶଳ ଏବଂ ଦକ୍ଷତା ବିକାଶ କରିବା ଗୁରୁତ୍ୱପୂର୍ଣ୍ଣ । ଗୋଷ୍ଠି ସହଭାଗୀଙ୍କ ଦକ୍ଷତା ବିକାଶ କେବଳ ସେମାନଙ୍କର ପ୍ରକଳ୍ପ ପରିଚାଳନା ଦକ୍ଷତା ଗଠନ କରିବ ନାହିଁ, ବରଂ ଗୋଷ୍ଠିଗୁଡିକର ସମସ୍ୟା ସମାଧାନ ପାଇଁ ସେମାନଙ୍କ ଦକ୍ଷତା ବୃଦ୍ଧି ଲାଗି ବାହ୍ୟ ବିଶେଷଜ୍ଞଙ୍କ ଉପରେ ସେମାନଙ୍କର ନିର୍ଭରଶୀଳତାକୁ ମଧ ହ୍ରାସ କରିବ ଏବଂ ସେମାନଙ୍କୁ ଆଗେଇ ନେବା ଏବଂ ନିଜେ ନିଜର ସମାଧାନ ଖୋଜିବା ପାଇଁ ସଶକ୍ତ କରିବ । ଗୋଷ୍ଠିର ଅଂଶୀଦାରମାନଙ୍କୁ ସଶକ୍ତ କରିବା ପାଇଁ ଏକ ଦୂରଦୃଷ୍ଟି ସହିତ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଜି.ମାଥିଭଥାନନଙ୍କ ନିର୍ଦ୍ଦେଶରେ ବିଭାଗ ଏକ ବ୍ୟାପକ ରାଜ୍ୟସ୍ତରୀୟ ଦକ୍ଷତା ବିକାଶ ତାଲିମ (ସିବିଟି) କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ବ୍ୟାପକ ଯୋଜନା ପ୍ରସ୍ତୁତ କରିଛି, ଯାହା ଦକ୍ଷତା ବୃଦ୍ଧି କରିବାରେ ସକ୍ଷମ ହେବ । ପୌର ଅଧିକାରୀ ଏବଂ ବୃତ୍ତିଧାରୀମାନେ ମୁକ୍ତାର କାର୍ଯ୍ୟକାରିତା ସହିତ ଜଡିତ । ଏମଏସଜି / ଏସଡିଏ ନେତା ତଥା ଅଧିକାରୀଙ୍କ ଏକ ଯୋଜନାବଦ୍ଧ ସିବିଟି ତାଲିମକୁ ସହରୀ ପରିଚାଳନା କେନ୍ଦ୍ର (ୟୁଏମସି) ର ବୈଷୟିକ ସହାୟତା ସହିତ ୨୨ ଜୁନ୍ ଠାରୁ ଆରମ୍ଭ ହୋଇଛି । ୟୁଏମସି ର ବୃତ୍ତିଗତ ତଥା ମୁକ୍ତାର ବିଶେଷଜ୍ଞମାନେ ମିଳିତ ଭାବରେ ତାଲିମ ପ୍ରଦାନ କରିବେ ଏବଂ କ୍ଷେତ୍ର ସ୍ତରରେ ମୁକ୍ତା ପ୍ରକଳ୍ପର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ଏମଏସଜି ଗୁଡ଼ିକୁ ଘନିଷ୍ଠ ଭାବରେ ପରିଚାଳନା କରିବେ ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି ।

# ଚୋରି ମାମଲାରେ ଜଣେ ଗିରଫ

ଜୟପୁର, ୨୩/୦୬ (ନି.ପ୍ର): ଚୋରି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରିଥିଲା ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଟାଙ୍କୁଆର ଉପେନ୍ଦ୍ର ଗୌଡ (୩୧) । ପୋଲିସ ସୂଚନା ଅନୁଯାଇ ଜୟପୁର ଏୟାର ପୋର୍ଟ ଛକରେ ଥିବା କଳିଙ୍ଗା ଆଟୋ ସିଣ୍ଡିକେଟର ମାଲିକ କୃଷ୍ଣ ଚନ୍ଦ୍ର ମହାପାତ୍ର ଅଭିଯୋଗ କରିଥିଲେ । ତାଙ୍କ ସୋରୁମ ରୁ ଦୁଇଟି ରି ପ୍ରସେସିଙ୍ଗ ଟ୍ରାକ୍ଟରକୁ ମାଲିକଙ୍କୁ ନଜଣାଇ ଚୋରି କରି ବିକ୍ରି କରି ଦେଇ ଥିବା ନେଇ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି ପୋଲିସ ମାମଲା ରୁଜୁ କରି ଟାଙ୍କୁଆର ଉପେନ୍ଦ୍ର ଗୌଡ (୩୧) କୁ ଗିରଫ କରି ଚୋରି ହୋଇଥିବା ଟ୍ରାକ୍ଟରକୁ ଜବତ କରିଛି । ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି । ଏହି ମାମଲାରେ ଜଡିତ ଥିବା ଅର୍ଜୁନ ହରିଜନ ଫେରାର ଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି । ଫେରାର ଅର୍ଜୁନ ଗାର୍ଡ ହିସାବରେ ଏଠାରେ କାର୍ଯ୍ୟ କରୁଥିଲେ ।

# ସାମ୍ବାଦିକଙ୍କୁ ଆକ୍ରମଣ ପ୍ରତିବାଦରେ କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା, ୨୩/୦୬ (ନି.ପ୍ର): ଶ୍ରୀ ଗୁଣ୍ଡିଚା ଦିନ ପୁରୀରେ ନ୍ୟୁଜ ୭ର ପୁରୀ ଜିଲ୍ଲା ପ୍ରତିନିଧି ଚି ରଞ୍ଜନ ମହାନ୍ତି ଓ ଚନ୍ଦ୍ର ଶେଖର ପାତ୍ରଙ୍କୁ ରଥଯାତ୍ରାର କଭରେଜ କରୁଥିବା ବେଳେ ଦୁଇଜଣ ସେବାୟତ ସେମାନଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣ କରିଥିବା ସେବାୟତ ହେଲେ ମାଧବ ମହାପାତ୍ର ଓ ମାଧବ ପୂଜାପଣ୍ଡା । ଉଭୟ ନାମରେ ସ୍ଥାନୀୟ ଥାନାରେ ଏତଲା ଦିଆଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହିଁ । ଏହାର ପ୍ରତିବାଦ କରିବା ସହ ଅଭିଯୁକ୍ତ ସେବାୟତଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ଆଜି ଉତ୍କଳ ସାମ୍ବାଦିକ ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସଂଘର ସଭାପତି ହିମାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ଜିଲ୍ଲାର ସାମ୍ବାଦିକ ମାନେ ଏକତ୍ର ଏକ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବାହାରି ଜଝାଙ୍ଗ ସ୍ଥିତ ଏସ୍ପିଙ୍କ କାର୍ଯ୍ୟାଳୟରେ ପହଂଚିଥିଲେ । ସେଠାରେ ଆରକ୍ଷୀ ଅଧିକ୍ଷକ ମଦକର ସନ୍ଦୀପ ସମ୍ପଦ୍‌ଙ୍କୁ ଭେଟି ଆଲୋଚନା କରିବା ସହିତ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ତେବେ ଆଗାମୀ ଦିନରେ ସରକାର କାର୍ଯ୍ୟ କ୍ଷେତ୍ରରେ ସାମ୍ବାଦିକଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ସହ ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ ପାଇଁ ସାମ୍ବାଦିକମାନେ ଦାବି କରିଛନ୍ତି । ଏହି ଦାବିପତ୍ର ସମୟରେ ସାମ୍ବାଦିକ ମାତୃଦତ ମହାନ୍ତି, ସୁଶାନ୍ତ ନାୟକ, କବିତା ନାୟକଙ୍କ ସହ ଜିଲ୍ଲାର ବହୁ ସାମ୍ବାଦିକମାନେ ଉପସ୍ଥିତ ଥିଲେ ।

# ଅବଧି ସରିଲା, ଆଗକୁ ମୌସୁମୀ ବର୍ଷା : ଅଧାରେ ଅଟକିଛି ଗ୍ରାମ ଉନ୍ନୟନ ବିଭାଗ ରାସ୍ତା

କୋରେଇ, ୨୩/୦୬ (ନି.ପ୍ର): ଗ୍ରାମ୍ୟ ଉନ୍ନୟନ ରାସ୍ତା କାମ ସରିବା ନେଇ ଏବେ ଉଠିଛି ପ୍ରଶ୍ନବାଚୀ । ଅବଧି ସରିବ କିନ୍ତୁ ଭୁଇଁରୁ ଉଠିନି ପୋଲ କାମ । ଫଳରେ ୪ଟି ଗ୍ରାମର ଗ୍ରାମବାସୀ ଏବେ ଚିନ୍ତାରେ । ବର୍ଷା ହେଲେ ଯାତାୟତ ସମ୍ପୂର୍ଣ୍ଣ ଠପ ହେବ । ପୋଲ କାମ ବନ୍ଦ ଥିବାରୁ ଉଭୟ ଗ୍ରାମ ମଧ୍ୟରେ ଯାତାୟତ ସମ୍ପୂର୍ଣ୍ଣ ଠପ ହେବ । ବାରମ୍ବାର ତାଗିଦ ସତ୍ତ୍ୱେ ଠିକାଦାରଙ୍କ ଖାମଖିଆଲି ନିତୀ ଯୋଗୁ କାମ ବନ୍ଦ ହୋଇ ପଡିଛି । ଅବଧି ସରିବାକୁ ମାତ୍ର ଦୁଇ ଦିନ ବାକି ରହିଛି । କିନ୍ତୁ ଠିକାଦାର କାମ ନକରି ସମ୍ପୂର୍ଣ୍ଣ କାମ ବନ୍ଦ ରଖିଛି । ଏନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ଠାରୁ ବିଧାୟକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କଲା ପରେ ମଧ୍ୟ ଆଜି କାଲି କହି କାମ ବନ୍ଦ ରହିଛି । ବର୍ଷା ଦିନ ଆସିବାକୁ ବସିଲାଣି । ତ୍ୱରୀତ କାମ ନସାରିଲେ ଗ୍ରାମବାସୀଙ୍କ ଯାତାୟତ ଠପ ହେବ । ପ୍ରକାଶଯେ ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୁଲରୀ ନହକା ରାସ୍ତାର ଓଟିନ୍ଦା, ମୁଲରୀ, ଖସାଗଡିଆ, ତାଜପୁର ଗ୍ରାମ ଦେଇ ଯାଇଥିବା ରାସ୍ତାଟି ପିଚୁ ଓ କଂକ୍ରିଟ ହୋଇଥିଲା । ଏହାର ପ୍ରଶସ୍ଥି କରଣ ପାଇଁ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡକ ଯୋଜନା ଅନ୍ତର୍ଗଭୁକ୍ତ କରାଯିବା ସହ ଓଟିନ୍ଦା ମୁଲରୀ ମଧ୍ୟରେ ଏକ ପୋଲ କାମ କରାଯିବାକୁ ନିଷ୍ପତି ହୋଇଥିଲା । ପାଣିକୋଇଲି ପୂର୍ବକୋଟ ପିଡବ୍ଲ୍ୟୁଡି ରାସ୍ତା ଠାରୁ ଏନ,ଏଚ ୨୧୫ ଭାୟା ଓଟିନ୍ଦା, ମୁଲର. ବେଗନା, ମୃତ୍ୟୁଞ୍ଜୟପୁର ପର୍ଯ୍ୟନ୍ତ ରାସ୍ତା କାମ ପାଇଁ ପ୍ୟାକେଜ ନମ୍ବର ଓଆର ୧୩-୩୯୬ରେ ନିଷ୍ପତି କରାଥିଲା । ଏନେଇ କାମ ଆରମ୍ଭ ହୋଇଥିଲା । ରାସ୍ତାର ଦୈର୍ଘ୍ୟ ୫.୭୭୦କିମି, ନିର୍ମାଣ ଅଟକଳ ୩୫.୪୭ ଲକ୍ଷ କରାଯାଇଛି । ପାଂଚ ବର୍ଷିୟା ରକ୍ଷଣା ବେକ୍ଷଣ ପାଇ ୨୦.୭୫ ଲକ୍ଷ ଅଟକଳ କରାଯାଇଥିଲା । ନିର୍ମାଣ ଅବଧି ୨୦୨୨ ଅଗଷ୍ଟ ୨୫ରୁ ଆରମ୍ଭ କରାଯାଇ ୨୦୨୩ ଜୁନ ୨୫ ତାାରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ସ୍ଥିର ହୋଇଥିଲା । ଯାହା ସୂଚନା ଫଳରେରେ ସୂଚିତ କରାଯାଇଛି । ହେଲେ ରାସ୍ତାରେ ଯେଉଁଠାରେ କଂକ୍ରିଟ କରାଯିବା କଥା ତାହା କରାଯାଇଛି । ଓଟିନ୍ଦା -ମୁଲରୀ ପୋଲ କାମ କେବଳ ପ୍ଲିନ୍ଥ ପକାଯାଇ ଛାଡି ଦିଆଯାଇଛି । ପିଚୁ ଥିବା ସ୍ଥାନ ଗୁଡିକୁ ଖୋଳାଯାଇ ପ୍ରଶସ୍ତିକରଣ କରାଯାଇ ମେଂଟାଲ ଦିଆଯାଇଛି । କିନ୍ତୁ ପିଚୁ କରାଯାଉ ନାହିଁ । ଫଳରେ ମେଂଟାଲ ଉଠି ଯାତାୟତ ବାଧାପ୍ରାପ୍ତ ହେଉଛି । ଏମିତିକି ପୋଲ ନିକଟରେ କରାଯାଇଥିବା ଅସ୍ଥାୟୀ ରାସ୍ତାରେ ଅସରାଏ ବର୍ଷା ହେଲେ ଯାତାୟତ ଠପ ହୋଇଯାଉଛି । ଆଗକୁ ବର୍ଷା ଦିନ ଆସୁଛି । ତ୍ୱରୀତ ପୋଲ କାର୍ଯ୍ୟ ନସାରିଲେ ଓଟିନ୍ଦା, ମୁଲରୀ ଗ୍ରାମ ମଧ୍ୟରେ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ । ଲୋକମାନେ ଚାଷ କାର୍ଯ୍ୟ କରିବାକୁ ଆସିପାରିବେନି । ଏଭଳି ସ୍ଥିତିରେ ଠିକାଦାରରଙ୍କ କାମ ଛାଡି ଯିବା ଓ ବିଭାଗୀୟ ଉଦାସିନତାର ଶିକାର ହେବେ ୪ଖଣ୍ଡି ଗ୍ରାମବାସୀ । ଯଦି ଏକ ସପ୍ତାହ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରାନଯାଏ ତାହେଲେ ୪ଗ୍ରାମର ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି ।

# ଟଙ୍କା ଠକେଇ ନେଇ ଅଭିଯୋଗ

ଜୟପୁର, ୨୩/୦୬ (ନି.ପ୍ର): ଟଙ୍କା ଠକେଇ ହୋଇଥିବା ନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଛି । ଜୟପୁର ପ୍ରସାଦ ରାଓ ପେଟାର ପ୍ରଥମ ଲାଇନର ଭି ନାଗେଶ୍ୱର ରାଓ ଲିଖିତ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଗତ ସୋମବାର ୧୯।୬।୨୩ ତାରିଖରେ ଜୟପୁର ମିଲ ସାହିର ପି ହେମନ୍ତ କୁମାର ମହେନ୍ଦ୍ରା ପିକଅପ ଗାଡିର ଇନସ୍ୟୁରାନସ ସରିଯାଇଛି କହି କରିବା ପାଇଁ କହିଥିଲା । ଇନସ୍ୟୁରାନ୍ସ ୨୫ ହଜାର ଟଙ୍କା ନେଇଥିଲା । ୨ ଘଂଟା ପରେ କ୍ରେଡିଟ କାର୍ଡରେ ଲାଭ ଅଛି କହି ମାଗିଥିଲା । ପରେ ନାଗେଶ୍ୱର କ୍ରେଡିଟ କାର୍ଡ ଓ ମୋବାଇଲ ଦେଇଥିଲା । ଫଳରେ ଫୋନରେ କ୍ରେଡିଟକାର୍ଡର ଓଟିପି ସେଣ୍ଡ କରି କାର୍ଡରୁ ୭୯ ହଜାର ୬୦୮ ଟଙ୍କା ନେଇ ଯାଇଛି । ପଚାରିବାରୁ ସରଭର ଡାଉନ ଅଛି ଟଙ୍କା କଟିଯାଇଛି ପରେ ଦେଇଦେବି । ୨ଦିନ ହେବ ଇନସ୍ୟୁରାନ୍ସ ହୋଇ ନାହିଁ କି ଟଙ୍କା ବି ଫେରାଇଲା ନାହିଁ । ଫୋନ ମଧ ରିସିଭ ନହେବାରୁ ଟାଉନ ଥାନାରେ ୧ ଲକ୍ଷ ୪ ହଜାର ୬୪୮ ଟଙ୍କା ଠକେଇ ହୋଇଥିବା ନେଇ ଅଭିଯୋଗ କରିଥିଲେ ।

# କେନ୍ଦୁଝରରେ ଥମୁନି ଦନ୍ତାହାତୀର ଉପଦ୍ରବ : ପୁଣି ୪ ଜଣ ଗୁରୁତର

କେନ୍ଦୁଝର , ୨୩/୦୬ (ନି.ପ୍ର): କେନ୍ଦୁଝରରେ ଥମୁ ନାହିଁ ଗୋଠଛଡା ଦନ୍ତା ହାତୀର ଉପଦ୍ରବ । ଆଜି ପୁଣି ଦନ୍ତା ହାତୀର ଆକ୍ରମଣରେ ୪ ଜଣ ଆହତ ହୋଇଛନ୍ତି । ଏ ମାନଙ୍କୁ ପୃଥକ ପୃଥକ ଭାବେ ଆକ୍ରମଣ କରି ଆହତ କରିଛି ଦନ୍ତାହାତୀ । ଆହତ ୪ ଜଣଙ୍କ ମଧରୁ ୨ ଜଣ ଅଧିକ ଗୁରୁତର ହୋଇଛନ୍ତି । ଏଭଳି ଘଟଣା ତେଲକୋଇ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ବିମଳା ଫରେଷ୍ଟ ବିଟ ରେ ଘଟିଛି । ଏହି ଗୋଠ ଛଡା ଦନ୍ତାହାତୀ ଆକ୍ରମଣରେ କୁଣ୍ଡେଇହଡା ଗ୍ରାମର ହେମନ୍ତ ସେଠୀ ଓ ମଲଣ୍ଡା ଗ୍ରାମର ଚୁଳିଆ ମୁଣ୍ଡା ଗୁରୁତର ହୋଇଥିବା ବେଳେ କୁଣ୍ଡେଇହଡା ଗ୍ରାମର ହେମନ୍ତ ସେଠୀ ଓ ଦ୍ୱିତୀକୃଷ୍ଣ ଦେହୁରୀ ଓ ଗୋପୀ ଦେହୁରୀ ଆହତ ହୋଇଛନ୍ତି । କୁଣ୍ଡେଇହଡା ଗ୍ରାମରୁ ଗୋପୀନାଥପୁରକୁ କିଛି ଲୋକ କେନ୍ଦୁପତ୍ର ବାନ୍ଧିବାକୁ ଯାଉଥିବା ବେଳେ ହଠାତ୍ ଗୋଠ ଛଡା ଦନ୍ତାହାତୀଟି ରାସ୍ତା ଉପରୁ ଚାଲିଆସି ସେମାନଙ୍କୁ ଗୋଡାଇଥିଲା । ଫଳରେ ଜଣେ ଗୁରୁତର ହେବା ସହ ଦୁଇଜଣ ଆହତ ହୋଇଥିଲେ । ସେମାନଙ୍କୁ ପ୍ରଥମେ ତେଲକୋଇ ମେଡିକାଲରେ ଭର୍ତି କରାଯାଇଥିଲା କିନ୍ତୁ ସେଠାରେ ହେମନ୍ତ ସେଠୀଙ୍କ ଅବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ତାଙ୍କୁ ସଙ୍ଗେ ସଙ୍ଗେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଅନରୁପ ଭାବେ ବିମଳା ଫରେଷ୍ଟ ବିଟ ମଲଣ୍ଡା ଗ୍ରାମର ଚୁଳିଆ ମୁଣ୍ଡା ଓ ତାଙ୍କ ସ୍ତ୍ରୀ କୁ ଜଙ୍ଗଲକୁ ଯାଉଥିବା ବେଳେ ତଇଲାସାହୀ ଜଙ୍ଗଲ ନିକଟରେ ସ୍ତ୍ରୀ ସାମ୍ନାରୁ ସ୍ୱାମୀକୁ ଟାଣି ନେଇ କଚାଡି ଦେଇଥିଲା ଦନ୍ତା ହାତୀଟି । ଫଳରେ ଚୁଳିଆ ମୁଣ୍ଡା ଗୁରୁତର ହୋଇ ପଡିଥିଲା । ଖବର ପାଇ ବନ କର୍ମଚାରୀ ମାନେ ତାଙ୍କୁ ନେଇ ମେଡିକାଲରେ ଭର୍ତି କରିଛନ୍ତି ।

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ: ଏନ୍‌ଫୋର୍ସମେଂଟକୁ ଜୋରଦାର ତଥା କଡ଼ାକଡ଼ି କରିବା ଉପରେ ଗୁରୁତ୍ୱାରୋପ

ସୁବର୍ଣ୍ଣପୁର, ୨୩/୦୬ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀଯୁକ୍ତ ବିମଳେନ୍ଦୁ ରାୟଙ୍କ ଅଧକ୍ଷତା ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଂଚଳିକ ପରିବହନ ବିଭାଗ ଦ୍ୱାରା ଆହୁତ ଏହି ବୈଠକ ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅମରେଶ ପଣ୍ଡା , ଜିଲ୍ଲା ପରିବହନ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ଜେନା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ରମେଶ ଚନ୍ଦ୍ର ସ୍ୱାଇଁ ,ଏସ ଇ ପି ଡବ୍ଲୁ ଡି ଇଂ ଦାମୋଦର କୈବର୍ତ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜାତୀୟ ରାଜପଥ ଅଧିକାରୀ ବିମଳ ମହାପାତ୍ର, ଜିଲ୍ଲା ଘରୋଇ ବସ ମାଲିକ ସଂଘ ପ୍ରତିନିଧି ପୁରୁଷୋତମ ପାଣିଗ୍ରାହୀ, ରେଆର ପ୍ରତିନିଧି ଅଞ୍ଜଳି ନେଗୀ,ସାମ୍ବାଦିକ ସ୍ୱାଧୀନ ମେହେର, ମୃତ୍ୟୁଞ୍ଜୟ ଶତପଥୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜୁନିଅର ଏମ ଭି ଆଇ ଲୋକନାଥ ନାୟକ,ବିଭାଗୀୟ ଅଧିକାରୀ, କମିଟି ସଦସ୍ୟ ସଦସ୍ୟା ପ୍ରମୁଖ ଯୋଗ ଦେଇ ଜିଲ୍ଲାରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁକୁ ହ୍ରାସ କରିବା ଉପରେ ଆଲୋଚନା କରିଥିଲେ । ଏହି ପରିପ୍ରେକ୍ଷୀରେ ରାସ୍ତା ଗୁଡିକର ଭିତିଭୂମିକୁ ବ୍ୟବସ୍ଥିତ କରିବା ଉପରେ ଗୁରୁତ୍ୱାରୋପ କରି ଜିଲ୍ଲକ୍ଷ ଅନ୍ତର୍ଗତ ରାଜ୍ୟ ରାଜପଥ ତଥା ଜାତୀୟ ରାଜପଥରେ ଥିବା ବୁଲାଣୀ ଓ ଦୁର୍ଘଟଣା ପ୍ରବଣ ସ୍ଥାନ, ରାସ୍ତା ସଂଲଗ୍ନ ସ୍କୁଲ, ଚିହ୍ନଟ ଦୁର୍ଘଟଣା ପ୍ରବଣ ରାସ୍ତା, ବ୍ଲାକ ସ୍ୱଟ ପ୍ରଭୁତି ସମ୍ବେଦନଶୀଳ ସ୍ଥାନ, ଅଂଚଳରେ ବିଶେଷ ସୂଚନା ଫଳକ ସହ ଆଲୋକୀକରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ସହ ପିଚୁ ରାସ୍ତା ଉପରେ ଲୁହାଚକ ଟ୍ରାକ୍ଟର ଚାଳନା ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ତଥା ଅଧକ୍ଷ ପରାମର୍ଶ ଦେଇଛନ୍ତି କ୍ଷ ବିଦ୍ୟାଳୟ ମାନଙ୍କରେ ଛାତ୍ର ଛାତ୍ରୀମାନଙ୍କ ପାଇଁ ବ୍ୟବହୃତ ହେଉଥିବା ସମସ୍ତ ଯାନବାହାନ ଗୁଡିକ ମୋଟର ଯାନ ଆଇନ ମୁତାବକ ବ୍ୟବସ୍ଥିତ, ନାବାଳକ ଛାତ୍ର ଛାତ୍ରୀଙ୍କ ଗାଡିଚାଳନା ଉପରେ ଆବଶ୍ୟକ ଦୃଷ୍ଟି ଦେବାକୁ ବୈଠକରେ ଆଲୋଚନା ହୋଇଥିଲା । ନାବାଳକ ଛାତ୍ର ଛାତ୍ରୀ ଗାଡି ଚାଳନାକୁ ଅଭିଭାବକ ସହ ସ୍କୁଲ କର୍ତୃପକ୍ଷ ବିଶେଷ ଧାନ ଦେବାକୁ ପରାମର୍ଶ ଦିଆଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଏଥିନିମନ୍ତେ ସ୍କୁଲ ଓ ମହାବିଦ୍ୟାଳୟ ଗୁଡିକରେ ଆବଶ୍ୟକ ସଚେତନତା କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ସହରାଂଚଳ ଓ ବ୍ୟସ୍ତ ବହୁଳ ଗାଡି ଚଳାଚଳ ରାସ୍ତା ଉପରେ ବିଶେଷ ଧାନ ଦେଇ ଆବଶ୍ୟକ ସିସିଟିଭି ଲଗାଇ ବେନିୟମ ଓ ଅବ୍ୟବସ୍ଥିତ ଗାଡି ଚାଳକଙ୍କୁ ଚିହ୍ନଟ ସହ ଜୋରିମାନା କରିବା ଉପରେ ଆଲୋଚନା କରାଯାଇଛି କ୍ଷ ଗ୍ରାମୀଣ ରାସ୍ତାରୁ ଜାତୀୟ ରାଜପଥ କୁ ସଂଯୋଗ କରୁଥିବା ରାସ୍ତାରେ ସୂଚନା ଫଳକ ଓ ସ୍ପିଡ଼ ବ୍ରେକର ଲଗାଇବାକୁ ଜିଲ୍ଲାପାଳ ଶ୍ରୀ ରାୟ ସମ୍ପୃକ୍ତ ଏନ ଏଚ, ପୀଡବ୍ଲୁଡି ଓ ଆର ଡି ବିଭାଗ ଅଧିକାରୀ ଙ୍କୁ ପରାମର୍ଶ ଦେଇଛନ୍ତି । ଏତଦ ବ୍ୟତୀତ ଜିଲ୍ଲାର ସଡ଼କ ଦୁର୍ଘଟଣା ସହ ଦୁର୍ଘଟଣା ଜନିତ ମୃତ୍ୟୁ କୁ ହ୍ରାସ କରିବା ନିମନ୍ତେ ଆବଶ୍ୟକ ଜନ ସଚେତନତା ତଥା ପୋଲିସ ପ୍ରଶାସନ ସହ ମିଳିତ ଭାବେ ଜୋରଦାର ଚଢ଼ାଉ ଉପରେ ଗୁରୁତ୍ୱାରୋପ କରିଛନ୍ତି ଜିଲ୍ଲାପାଳ ଶ୍ରୀଯୁକ୍ତ ରାୟ କ୍ଷ ଚଳିତ ବର୍ଷ ଜାନୁଆରୀ ମାସ ଠାରୁ ମେ ମାସ ପର୍ଯ୍ୟନ୍ତ ବିନା ହେଲମେଟ ଗାଡିଚାଳନା ରେ ୨୭୮ ଜଣ, ଦ୍ରୁତ ଗତି ଗାଡି ଚାଳନା ନିମନ୍ତେ ୨୧୦୩, ବିନା ସିଟ ବେଲ୍ଟ ଗାଡି ଚାଳନାରେ ରେ ୭୨, ମୋବାଇଲ ଫୋନ ବ୍ୟବହାର ସହ ଗାଡି ଚାଳନାରେ ୨୧୬, ମାଲବୁହା ଗାଡ଼ିରେ ଯାତ୍ରୀ ପରିବହନ ସକାଶେ ୭୫, ଏବଂ ମଦ୍ୟପ ଗାଡିଚାଳନାରେ ୧୨୬ ଜଣ ଙ୍କୁ ଧରାଯାଇଥିବା ବେଳେ ୧୦୯୩ ଜଣଙ୍କ ଗାଡି ଚାଳନା ପଞ୍ଜିକରଣ କୁ ବାତିଲ କରାଯାଇ ଥିବା ପରିବହନ ଅଧିକାରୀ ସୂଚନା ଦେଇଛନ୍ତି । ସେହିପରି ୨୦୨୩ ବର୍ଷ ଉପରୋକ୍ତ ସମୟ ସୁଦ୍ଧା ସମୁଦାୟ ୪୫ ଟି ସଡ଼କ ଦୁର୍ଘଟଣା ଘଟି ୩୧ ଜଣଙ୍କ ଅକାଳବିୟୋଗ ହୋଇଥିବା ସୂଚୀତ କରିଛନ୍ତି । ଜିଲ୍ଲାପାଳ ଏହି ଅବସରରେ ସମସ୍ତ ଜିଲ୍ଲାବାସୀଙ୍କୁ ସଡ଼କ ସୁରକ୍ଷାର ସମସ୍ତ ନିୟମ କୁ ପାଳନ କରିବା ସହିତ ଜିଲ୍ଲାରୁ ଦୁର୍ଘଟଣା ଜନିତ ମୃତ୍ୟୁକୁ ହ୍ରାସ କରିବାରେ ସହାୟକ ହେବାକୁ ଅନୁରୋଧ କରିଛନ୍ତି ।

# ୨୫ରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ୨୦୨୩

ସମ୍ବଲପୁର, ୨୩/୦୬ (ନି.ପ୍ର): ସମ୍ବଲପୁର ଜିଲ୍ଲା, ନେହେରୁ ଯୁବ କେନ୍ଦ୍ର ଏବଂ ପରଡିହାପାଲି ସ୍ଥିତ ଏଆଇଏମ୍‌ଏସ୍ କଲେଜର ମିଳିତ ସହଯୋଗରେ ଚଳିତ ମାସ ୨୫ ତାରିଖରେ ଜିଲ୍ଲା ସ୍ତରୀୟ 'ଯୁବ ଉତ୍ସବ ୨୦୨୩' ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ଏଆଇଏମ୍‌ଏସ୍ କଲେଜ ପରିସରରେ ଅନୁଷ୍ଠିତ ହେବ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଥିବା ଯୁବକ ଯୁବତୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଯଥା - ପେଂଟିଙ୍ଗ୍, ମୋବାଇଲ୍ ଫୋଟଗ୍ରାଫି, କବିତା, ଘୋଷକ ସମେତ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଦଳଗତ ଭାବେ ସର୍ବାଧିକ ୧୦ ଜଣ ପ୍ରତ୍ୟେକ ଦଳରେ ରହିପାରିବେ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନିମନ୍ତେ ସମସ୍ତ ଆଗ୍ରହୀ ଯୁବକ ଯୁବତୀମାନଙ୍କ ବୟସ ୨୦୨୩ ଜୁନ୍ ୧ ତାରିଖ ସୁଦ୍ଧା ୧୫ରୁ ୨୯ ବର୍ଷ ବୟସ ହେଇଥିବା ଆବଶ୍ୟକ। ପ୍ରତ୍ୟେକ ବିଭାଗ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ବିଜେତାଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯିବ।

# ଘରୋଇ କମ୍ପାନୀରେ କାର୍ଯ୍ୟରତ ଶ୍ରମିକଙ୍କ ଆତ୍ମହତ୍ୟା

ଖୋର୍ଦ୍ଧା, ୨୨ ଜୁନ (ହି.ସ)ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଶ୍ରମିକ ଆତ୍ମହତ୍ୟା କରିଥିବା ଜଣାପଡିଛି । ମୃତକ ଶ୍ରମିକ ହେଲେ ଜଗତସିଂହପୁରର ଅନିରୁଦ୍ଧ ସ୍ୱାଇଁ (୩୩) । ସୂଚନା ମୁତାବକ, ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା କୟଥପଲ୍ଲା ସ୍ଥିତ ଫାଲକନ ଫିଡ଼ସରେ ଅନିରୁଦ୍ଧ କୌଣସି କାରଣକୁ ନେଇ ଗତକାଲି ରାତିରେ ତାଙ୍କ କୋଠରୀ ଝରକାରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବାର ସନ୍ଦେହ ହେଉଛି । ତେବେ ଖବର ପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରିଛି । ମୃତକଙ୍କ ପରିବାର ପକ୍ଷରୁ ଏ ନେଇ କୌଣସି ଅଭିଯୋଗ ହୋଇନଥିବାର ଟାଙ୍ଗୀ ଥାନା ଅଧିକାରୀ ଦିଗବିଜୟ ବିଶ୍ୱାଳ ସୂଚନା ଦେଇଛନ୍ତି ।

# ଶ୍ରୀଜିଉ କଚ୍ଛପ ଓ ମତ୍ସ୍ୟ ଅବତାରରେ ଦେଲେ ଦର୍ଶନ

ଜୟପୁର, ୨୩/୦୬ (ନି.ପ୍ର): ଜୟପୁର ରଥଯାତ୍ରା ରେ ଶ୍ରୀ ଜିଉ କଚ୍ଛପ ଓ ମତ୍ସ୍ୟ ଅବତାରରେ ଦର୍ଶନ ଦେଲେ । ଆଜି ଜଗନ୍ନାଥ କଚ୍ଛପ ଓ ବଳଭଦ୍ର ମତ୍ସ୍ୟ ଅବତାରରେ ଭକ୍ତ ଙ୍କୁ ଦର୍ଶନ ଦେଇଛନ୍ତି । ଗତକାଲି ରଥ ବାଙ୍କମଠ ଠାରେ ପହଂଚିବା ପରେ ବିଳମ୍ବିତ ରାତ୍ରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବାଙ୍କମଠକୁ ନିଆଯାଇଥିଲା । ସେଠାରେ ପ୍ରଭୁ ୧୦ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେବେ । ସଂନ୍ଧ୍ୟାରେ ଶ୍ରୀ ଜିଉଙ୍କ ଆଳତି ଓ ପ୍ରଭୁଙ୍କ ଅବତାର ଦେଖିବା ପାଇଁ ବହୁ ଜନସମାଗମ ହୋଇଥିବା ବେଳେ ପୋଲିସ ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିବା ବେଳେ ମନ୍ଦିର ନିକଟରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଜଗନ୍ନାଥଙ୍କ ମୁଖ୍ୟ ସେବାୟତ ଡମ୍ବୁର ଧର ପଣ୍ଡା ଓ ଜଗନ୍ନାଥ ତ୍ରିପାଠି ସମସ୍ତ ନିତିକାନ୍ତ ତୁଲାଇଛନ୍ତି ।

# ୬ ମାସ ହେବ ଭତ୍ତାରୁ ବଂଚିତ ସର : ସରପଂଚ ଶ୍ୱଶୁରଙ୍କ ଦବଙ୍ଗଗିରି, ନ୍ୟାୟ ମାଗୁଛି ନାତି

କୋରେଇ, ୨୩/୦୬ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ପଥରପଦା ପଂଚାୟତ କାର୍ଯ୍ୟାଳୟରେ ଆଜି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ପଥରପଦା ସରପଂଚଙ୍କ ଶଶୁର ଯେ କି ଜଣେ ସରକାରୀ କର୍ମଚାରୀ ଦବଙ୍ଗକରି କରି ଗାଳି ଗୁଲଜ କରିଥିବାର ଅଭିଯୋଗ ହୋଇଛି । ଗାଳିର ଶିକାର ହୋଇଥିବା ମହମ୍ମଦ ଜମାଲପୁର ଗ୍ରାମର ସର ପରିଡାଙ୍କ ନାତି ଦିଲ୍ଲୀପ କୁମାର ପରିଡା ଏଭଳି ଗୁରୁତର ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ମହମ୍ମଦ ଜମାଲପୁର ଗ୍ରାମର ସର ପରିଡା ଜଣେ ଜଣେ ଭତାଧିକାରୀ । ବୟସ ୮୦ ଛୁଇଁଲାଣି । ସେ ସରକାରୀ ଯୋଜନାରେ ଭତା ପାଉଥିଲେ । ହେଲେ ଆଜକୁ ୬ମାସ ହେବ ଭତା ପାଇବାରୁ ବଂଚିତ ଅଛନ୍ତି । ଯାହା ଫଳରେ ସେ ବାରମ୍ବାର ପଂଚାୟତ କାର୍ଯ୍ୟାଳୟକୁ ଦୌଡିଲେ ବି କିଛି ସୁଫଳ ମିଳୁନାହିଁ । ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦାବି ମୁତାବକ ସମସ୍ତ କାଗଜଦି ବାରମ୍ବାର ଦେଲେ ମଧ୍ୟ କିଛି ହେଉନାହିଁ । ସରଙ୍କ ବୟସାଧିକ କାରଣରୁ କେତେବା ପଂଚାୟତ କାର୍ଯ୍ୟାଳୟ ଧାଇଁବେ । ବାରମ୍ବାର କାଗଜ ଦେଲେ ବି କିଛି ହେଉନାହିଁ । କେବଳ ବ୍ଲକକୁ ପଠାଇଛୁ ଆଉ ଥରେ ଦିଅ କହି ଦିନ ଗଡି ଚାଲିଛି । ବୁଧବାର ସର ତା ନାତି ସହ ଆସି କାହାରିକୁ ନପାଇ ପଂଚାୟତ କାର୍ଯ୍ୟାଳୟରୁ ଫେରିଛି । ପୁଣି ନାତି ଦିଲ୍ଲୀପ ଗରୁବାର ଦିନ ଆସି ଏସମ୍ପର୍କରେ ପିଇଓଙ୍କୁ ପଚାରିବାରୁ ସେ ବ୍ଲକ ଯିବାକୁ କହିଥିଲେ । ଏନେଇ ଆଲୋଚନା ବେଳେ ସରପଂଚଙ୍କ ଶଶୁର (ଯେକି ଜଣେ ସରକାରୀ କର୍ମଚାରୀ) ପାଣିକୋଇଲଇ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ସୁଦର୍ଶନ ପରିଡା ନିଜ କାର୍ଯ୍ୟାଳୟ ଛାଡି ସେଠାରେ ଉପସ୍ଥିତ ରହି ଦିଲ୍ଲୀପକୁ ଗାଳି ଗୁଲଜ କରିଥିଲେ । ଯାହା ଫଳରେ ନ୍ୟାୟ ପାଇଁ ଦିଲ୍ଲୀପ ସମାଜିକ ଗଣମାଧ୍ୟମରେ ନ୍ୟାୟ ଭିକ୍ଷା କରିଛନ୍ତି । ଏନେଇ ପଥରପଦା ପିଇଓ ନାରାୟଣ ପ୍ରଧାନଙ୍କୁ ପଚାରିବାରୁ ସରଙ୍କ ଭତା ବାକି ରହିଛି । କାଗଜାଦି ତୃଟି ଯୋଗୁ ଏଭଳି ହୋଇଥିବା ବେଳେ ତାହା ଆସନ୍ତା ମାସକୁ ଆସିଯିବ ବୋଲି କହିଥିଲେ । ପାଟିତୁଣ୍ଡ ନେଇ ସେଭଳି କିଛି ହୋଇନାହିଁ ସାମନ୍ୟ କଥାକୁ ନେଇ ଉଚ୍ଚବାଚ ହୋଇଛି ବୋଲି କହିଥିଲେ ।

# ୫ଟି ସଚିବଙ୍କ ଜଳେଶ୍ୱର ଗସ୍ତ

ଜଳେଶ୍ୱର , ୨୩/୦୬ (ନି.ପ୍ର): ୫ଟି ସଚିବ ଭିକେ ପାଣ୍ଡିଆନ୍ ଜଳେଶ୍ୱର ଅସ୍ଥାୟୀ ହେଲିପେଡରେ ପହଞ୍ଚି ବାପରେ ମିଶନ ଶକ୍ତି ଏମ୍‌ବିକେ,ସିଆରପି ଓ ସ୍ୱୟଂସୟାୟକ ଗୋଷ୍ଠି ସ୍ୱାଗତ ଜଣାଇ ମଂଚକୁ ପାଛୋଟି ନେଇଥିଲେ । ଜନସାଧାରଣଙ୍କ ନିକଟକୁ ସେ ଗଲାବେଳେ ବହୁ ବ୍ୟକ୍ତି ସେମାନଙ୍କ ଅଂଚଳର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ଜଳେଶ୍ୱରରେ ସୁବର୍ଣ୍ଣରେଖା ନଦୀରେ ୩୦୦ କୋଟି ଟଙ୍କାର ୨ଟି ହାଇ ଲେଭେଲ ସେତୁ ହେବାକୁ ଯାଉଥିବା ବେଳେ ମାକିଡିଆ ଆନ୍ତରାଜ୍ୟ ନଦୀପୋଲ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ । ଜଳେଶ୍ୱରରୁ ସର୍ବାଧିକ ସ୍ମାରକପତ୍ର ମିଳିଥିବା ବେଳେ ୨ଟି ରେଳ ଓଭରବ୍ରିଜ୍ ଅଳ୍ପ ଦିନ ମଧ୍ୟରେ ଲୋକାର୍ପିତ ହେବାକୁ ଯାଉଥିବା କହିଥିଲେ । ମିଶନଶକ୍ତି ଗ୍ରାପ ମାନଙ୍କୁ ସରକାରୀ ଋଣ, ମହିଳାଙ୍କ ଚିକିତ୍ସାଲାଗି ସହାୟତା, ବିଜୁ ସ୍ୱାସ୍ଥ୍ୟକାର୍ଡର ସହାୟତା ସଂପର୍କରେ ପଚାରି ବୁଝିଥିଲେ । ରାଜ୍ୟର ସୀମା ସଂପର୍କୀତ କେତେକ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେବା, ଅମର୍ଦ୍ଦା ଷ୍ଟେସନ ଠାରେ ଅନ୍ୟଏକ ରେଳ ଓଭର ବ୍ରିଜ୍ ନିର୍ମାଣ ସଂପର୍କରେ ସୂଚନା ଦେଇଥିଲେ । ବାଲେଶ୍ୱର ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ, ଏସ୍‌ପି ସାଗରିକ ନାଥ, ଡେପୁଟି ଜିଲାପାଳ ସ୍ମୃତିରଂଜନ ମଲ୍ଲିକ, ବିଡିଓ ପୁନମ ରାଉତ, ଆଇଆଇସି ରୋଜାଲିନ୍ ବେହେରା, ପ୍ରଜ୍ଞା ମହାନ୍ତି, ଏସ୍‌ଡିପିଓ ଦିଲ୍ଲିପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସେଠାରୁ ୫ଟି ସଚିବ ଜଳେଶ୍ୱର ସହରରେ ନିର୍ମାଣ ହୋଇଥିବା ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ପରିଦର୍ଶନ କରିଥିଲେ ।

# ଅଘୋଷିତ ବିଦ୍ୟୁତ କାଟ ବିରୁଦ୍ଧରେ ବଲାଙ୍ଗିର ଟାଟା ପାୱାର ଅଫିସ ଘେରାଉ

ବଲାଙ୍ଗିର, ୨୩/୦୬ (ନି.ପ୍ର): ବଲାଙ୍ଗିର ସହରରେ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ବିରୁଦ୍ଧରେ ବଲାଙ୍ଗିର ଏକ୍ସନ କମିଟି ପକ୍ଷରୁ ଆଜି ବଲାଙ୍ଗିର ଟାଟା ପାୱାର ଅଫିସ ସମ୍ମୁଖରେ ଧାରଣା ଦିଆଯିବା ସହ ଦିନ ୧୦ ଟାରୁ ୧୨ ପର୍ଯ୍ୟନ୍ତ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଦିଆଯାଇଥିଲା । ବିଦ୍ୟୁତ ବିଭାଗ ଯେଉଁଦିନ ଠାରୁ ବିଦ୍ୟୁତ ସରବରାହ ସଂସ୍ଥା ଟାଟା ପାୱାରକୁ ଦାୟିତ୍ୱ ହସ୍ତାନ୍ତର କଲା ସେହି ଦିନ ଠାରୁ ବଲାଙ୍ଗିର ସହରରେ ଏହି ଘରୋଇ କଂପାନୀ ନିଜର ମନମାନୀ ଚାଲାଇ ଆସିଛି । ସରକାର ଏଣିକି ବିଦ୍ୟୁତ କାଟ୍ ହେବନି ବୋଲି ଘୋଷଣା କରିଥିଲେ ମଧ ଟାଟା ପାୱାର ଅଧୀନରେ ବିଦ୍ୟୁତ କାଟ୍ ଏକ ନିତିଦିନିଆ ସମସ୍ୟା ପଲଟିଛି ବୋଲି ବଲାଙ୍ଗୀର କମଟି ପକ୍ଷରୁ ଅଭିଯୋଗ ହୋଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ପାଟନାରେ ମୋଦିଙ୍କ....

ବୈଠକରେ ମୋଟ ୧୫ ବିରୋଧୀ ଦଳ ସାମିଲ୍ ହୋଇଥିଲେ । ଯେଉଁଥିରେ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ, ଏନସିପି ମୁଖ୍ୟ ଶରଦ ପାୱାର, ପଂଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ, ଆରଜେଡିର ଲାଲୁ ଯାଦବ ଓ ତେଜସ୍ୱୀ ଯାଦବ, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଓ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ସିପିଏମ ନେତା ସିତାରାମ ୟେଚୁରୀ, ସିପିଆଇ ନେତା ଡି ରାଜା, ପିଡିପି ନେତ୍ରୀ ମହବୁବା ମୁଫତି, ଏନସି ନେତା ଉମର ଅବଦୁଲ୍ଲା ପ୍ରମୁଖ ସାମିଲ୍ ଥିଲେ । ବିରୋଧୀ ଦଳର ଆଗାମୀ ବୈଠକ ଜୁଲାଇ ୧୨ ତାରିଖରେ ଶିମଲାରେ ହେବ ବୋଲି ସୂଚନା ଦିଆଯାଇଛି ।

## ସରକାରୀ ବାବୁଙ୍କ ଅମାପ....

ପଡ଼ୋଶୀଙ୍କ ଛାତକୁ ସେହି ୬ ପ୍ୟାକେଟ୍ ଟଙ୍କା ବିଡ଼ା ଫିଙ୍ଗିଦେବାକୁ କହି ଦେଇ ଯାଇଥିଲେ । ତେବେ ଟଙ୍କା ବିଷୟରେ କିଛି ଜାଣି ନଥିବା ଗଣମାଧମକୁ କହିଛନ୍ତି ପ୍ରଶାନ୍ତ କୁମାର ରାଉତଙ୍କ ପରିବାର ଲୋକେ । ଏନେଇ ଭିଜିଲାନ୍ସ ଟିମ୍ ଖୋଳତାଡ଼ କରୁଛି । ୨ କୋଟି ୨୫ ଲକ୍ଷ ଟଙ୍କାର ୫୦୦ ଟଙ୍କିଆ ବଣ୍ଡଲ ଜବତ ଜବତ ହେଇଛି । ଏହାସହ ସୁନା ଅଳଙ୍କାର, ସୁନା ବିସ୍କୁଟ ଓ ଅନେକ ଇଞ୍ଜଗ କାର୍ଡ ଜବତ କରାଯାଇଛି । ସେପଟେ ନବରଙ୍ଗପୁରରେ ଅନ୍ୟ ଏକ ସରକାରୀ ବାସଭବନରୁ ୭୭ ଲକ୍ଷ ଟଙ୍କାର ୫ ଶହ ଟଙ୍କିଆ ବିଡ଼ା ଜବତ ହୋଇଛି । ଏକକାଳୀନ ନବରଙ୍ଗପୁର , ଭୁବନେଶ୍ୱର ଓ ଭଦ୍ରକ ସମେତ ୯ ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢ଼ାଉ ଜାରି ରଖିଛନ୍ତି । ଭୁବନେଶ୍ୱର ସ୍ଥିତ କାନନବିହାରରେ ଦୁଇ ମହଲା ଘର, ନବରଙ୍ଗପୁର ବାସଭବନ, ଅଫିସ ସମେତ ଭଦ୍ରକରେ ପୈତୃକ ବାସଭବନରେ ଚଢାଉ ଚାଲିଛି । ଏହି ଚଢ଼ଉରେ ଭିଜିଲାନ୍ସ ବିଭାଗର ୯ଟି ଟିମ୍ ସାମିଲ ହୋଇଛନ୍ତି । ପ୍ରଶାନ୍ତ କୁମାର ରାଉତଙ୍କ ନାମରେ ଦୁର୍ନୀତି ଅଭିଯୋଗ ହୋଇ ଆସୁଥିଲା । ଆଗରୁ ସେ ସୁନ୍ଦରଗଡ଼ ଜିଲ୍ଲା ବିଶ୍ରାରେ ଥିବା ବେଳେ ମଧ ଭିଜିଲାନ୍ସ ହାତରେ ଧରା ପଡ଼ିଥିଲେ । ବିଶ୍ରା ବ୍ଲକରେ ବିଡିଓ ଭାବେ କାର୍ଯ୍ୟ କରୁଥିବା ସମୟରେ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ତାଙ୍କୁ ଧରିଥିଲା । ଏବେ ଅତିରିକ୍ତ ଉପଜିଲ୍ଲାପାଳ ଦାୟିତ୍ୱରେ ଥିବା ସମୟରେ ପୁଣି ଥରେ ଭିଜିଲାନ୍ସ ଚଢାଉ କରିଛି ।

## ଭବାନୀପାଟଣା ଜନସଭାରେ....

ଦର୍ଶନ କରି ଆର୍ଶୀବାଦ ନେବା ସହ ମୋଦି ସରକାରଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣ ୯ବର୍ଷ ପୂର୍ତି ଅବସରରେ ବିଶାଳ ଜନସମାବେଶରେ "ଜୟ ଜଗନ୍ନାଥ"ର ଭାବଗମ୍ଭୀର ଧ୍ୱନି ଦେଇ ଏବେ ବିଜେଡିର ପତନର ସମୟ ଆସିଗଲାଣି ବୋଲି ଦୃଢ଼ କଣ୍ଠରେ କହିଛନ୍ତି । ଆଗାମୀ ଦିନରେ ଦିଲ୍ଲୀରେ ପୁଣି ଥରେ ବିଜେପି ସରକାର ଗଠନ କରିବା ସହିତ ଓଡ଼ିଶାରେ ମଧ ବିଜେପି ସରକାର ଗଠନ କରିବ । ଓଡ଼ିଶାବାସୀ ଚାହୁଁଛନ୍ତି ଓଡ଼ିଶାରେ ଡବଲଇଞ୍ଜିନ ସରକାର ହେବ । ଏଭଳି ଭ୍ରଷ୍ଟାଚାରୀ, ଅପାରଗ ଓ ଠିକାରେ ଚାଲୁଥିବା ସରକାରକୁ ୨୦୨୪ରେ ଓଡ଼ିଶାବାସୀ ପ୍ରତ୍ୟାଖ୍ୟାନ କରିବେ । ନବୀନ ବାବୁ ଦୀର୍ଘଦିନ ଶାସନ ଗାଦିରେ ରହିଥିଲେ ବି ଏଯାଏ ମୁଣ୍ଡ ପିଛା ଆୟରେ ଓଡ଼ିଶା ସବୁଠୁ କମ, ଚାଷୀଙ୍କ ଆୟ ବି ଓଡ଼ିଶାରେ କମ୍ ହେବା ସହ ମହିଳା ବିରୋଧୀରେ ଓଡ଼ିଶା ୧ନମ୍ବର । ଏବେ ୫୦-୫୦ ପିସିରେ ଚାଲିଛି ଓଡିଶା ସରକାର । ଓଡ଼ିଶାର ପ୍ରତି ବ୍ଲକରେ ଶୀତଳ ଭଣ୍ଡାର କରିବାକୁ ନବୀନ ବାବୁ ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ କଲେ ନାହିଁ । ଏହି ଅବସରରେ ଦଳର ପୂର୍ବତନ ରାଜ୍ୟ ସଭାପତି ତଥା କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା ମଂଚରେ ଉତରୀୟ ପ୍ରଦାନ କରି ଶ୍ରୀ ନଡ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଏବେ ଭାରତ ବିକାଶଶୀଳ ଦେଶ ନୁହେଁ, ବିକଶିତ ରାଷ୍ଟ୍ର ହେବ । ପ୍ରଧାନମନ୍ତ୍ରୀ ଆମେରିକାରେ ବିଶ୍ୱର ସମସ୍ତ ବିଶିଷ୍ଟ ନେତାମାନଙ୍କୁ ଭେଟିଛନ୍ତି । ମୋଦିଙ୍କ ନେତୃତ୍ୱ ଦେଶକୁ ନୂଆ ଦିଶା ଦେଇଛି । ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ମୋଦିଙ୍କୁ "ବସ୍" ବୋଲି ସମ୍ବୋଧିତ କରିବା ସହ ସମଗ୍ର ବିଶ୍ୱର ରାଷ୍ଟ୍ରସମୂହ ମୋଦିଙ୍କୁ ସମ୍ମାନିତ କରୁଛନ୍ତି । ସବୁଠି ମୋଦିଜୀଙ୍କ ପ୍ରଶଂସାକୁ କଂଗ୍ରେସ ନେତାଙ୍କୁ ଅସହ୍ୟ ହେଉଛି । କେହି କେହି ମୋଦିଙ୍କୁ ସାପ, ବିଛା, ନୀଚ, ଅନପଢ, ଚା ବାଲା ବୋଲି କହୁଛନ୍ତି ହେଲେ ଯାହା କହିଲେ ବି କିଛି ବି ଫରକ ପଡିବ ନାହିଁ ବୋଲି ଶ୍ରୀ ନଡ୍ଡା କହିଛନ୍ତି ।

## ଆସାମରେ ଭୟଙ୍କର ...

ଲୋକଙ୍କ ମାଟି ଘର ମଧ ବନ୍ୟା ପାଣିରେ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି । ବର୍ତ୍ତମାନ ସୁଦ୍ଧା ୧୬ଟି ଜିଲ୍ଲା ଓ ୪ଟି ଅନ୍ୟ ସବ ଡିଭିଜନ ବନ୍ୟା ଯୋଗୁ ପ୍ରଭାବିତ ହୋଇଛନ୍ତି । ବନ୍ୟା ଦ୍ୱାରା ବଜାଲି ସବ୍ ଡିଭିଜନ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଏଠାରେ ୨.୬୦ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ରାଜ୍ୟର ୭ଟି ଜିଲ୍ଲାର ୮୩ଟି ରିଲିଫ କ୍ୟାମ୍ପରେ ୧୪ ହଜାର ଲୋକ ଆଶ୍ରୟ ନେଇଛନ୍ତି । ସେହିପରି ଆଉ ୭୯ ରିଲିଫ ବଣ୍ଟନ କେନ୍ଦ୍ରକୁ ମଧ ଚାଲୁ କରାଯାଇଛି ।ବନ୍ୟା ଓ ଲଗାଣ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ହେବାରେ ଲାଗିଛି । ତେଣୁ ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି । ଗ୍ରାମାଞ୍ଚଳରେ ବନ୍ୟା ପରିସ୍ଥିତି ବେକାବୁ ହୋଇଥିବା ବେଳେ ସହରାଞ୍ଚଳରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି । ଏହାକୁ ଦୃଷ୍ଟିରେ ରଖି ଅର୍ଦ୍ଧସାମରିକ ବାହିନୀ, ଏନଡିଆରଏଫ, ଏସଡିଆରଏଫ, ଅଗ୍ନିଶମ, ସିଭିଲ ଆଡମିନଷ୍ଟ୍ରେସନ, ଏନଜିଓ ଓ ସ୍ଥାନୀୟ ଲୋକମାନେ ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଛନ୍ତି ।

## ସୁରକ୍ଷା କର୍ମୀଙ୍କ ଗୁଳିରେ....

ପ୍ରବେଶ କରିବାକୁ ଉଦ୍ୟମ କରୁଥିଲେ । ସୂଚନା ପାଇ ଭାରତୀୟ ସୁରକ୍ଷା ବଳ ଓ କଶ୍ମୀର ପୁଲିସ୍ ଏକ ମିଳିତ ଅପରେସନରେ ସମସ୍ତ ୪ ଆତଙ୍କୀଙ୍କୁ ସଫା କରି ଦେଇଛନ୍ତି । ସେମାନେ ମଛଲ ସେକ୍ଟରର କାଲା ଜଙ୍ଗଲ ଦେଇ ଭାରତରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ବେଳେ ସେମାନଙ୍କ ଉପରୁ ଫାୟାରିଂ କରାଯାଇଥିବା ଜମ୍ମୁକଶ୍ମୀର ପୁଲିସ୍ ପକ୍ଷରୁ ଟ୍ୱିଟ କରାଯାଇଛି । ଏହା ପୂର୍ବରୁ ଗୁରୁବାର ସକାଳେ ଅନନ୍ତନାଗ ପୁଲିସ ୨ ଲସ୍କର-ଇ- ତୋଇବାର ଆତଙ୍କବାଦୀଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ବହୁ ଅସ୍ତ୍ରଶସ୍ତ୍ର ଜବତ ହୋଇଥିଲା । ସେମାନଙ୍କ ନିକଟରୁ ପୁଲିସ୍ ଲକ୍ଷେ ଟଙ୍କା କ୍ୟାସ୍ ସହ ୧୨ଏକେ ୪୭ ରାଉଣ୍ଡ ଗୁଳି ଓ ଗୋଟିଏ ଗ୍ରେନେଡ ଜବତ କରିଛି । ଏହି ଆତଙ୍କବାଦୀମାନେ ପାକିସ୍ତାନ- ଆଫଗାନିସ୍ତାନ ସୀମାରେ ଗରିଲା ଟ୍ରେନିଂ ନେଇଥିବା ବେଳେ ଏବେ ଭାରତରେ ପ୍ରବେଶ ପାଇଁ ଉଦ୍ୟମ ଚଳାଇଥିବା ତଦନ୍ତରୁ ଜଣାପଡ଼ିଛି ।

## ଦୁଇଟି ପର୍ଯ୍ୟାୟରେ ...

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗତ ମଇ ୨୩ ତାରିଖରେ ଜଙ୍ଗଲ ବିଭାଗ ସମୀକ୍ଷା ସମୟରେ ନନ୍ଦନକାନନର ରୂପାନ୍ତର ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ନୂଆ ଯୋଜନାରେ ପରିଦର୍ଶକ ମାନଙ୍କ ପାଇଁ ଅତିରିକ୍ତ ଉନ୍ନତ ସୁବିଧା, ଆଧୁନିକ ଫ୍ରଂଟେଜ ଓ ଲ୍ୟାଣ୍ଡସ୍କେପିଂ, ଟନେଲ ଆକ୍ୱାରିଅମ, ୱାଟର ବାର୍ଡ ଆଭିଆରୀ ଦେଶ ବିଦେଶରୁ ନୂତନ ପ୍ରାଣୀ, ଇମ୍ପ୍ରେସିଭ୍ ଏନକ୍ଲୋଜର ଓ ପିଲାମାନଙ୍କ ପାଇଁ ପ୍ରକୃତି ଶିକ୍ଷାର ଏକ ସ୍ୱତନ୍ତ୍ର ହବ୍ ଭାବରେ ବିକାଶ କରିବା ପାଇଁ ବ୍ୟବସ୍ଥା ରହିଛି ।ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ରୂପାନ୍ତର କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟ ୨୦୨୩ ରୁ ୨୦୨୫ ଓ ଦ୍ୱିତୀୟ ପର୍ଯ୍ୟାୟ ୨୦୨୫ ରୁ ୨୦୨୮ ମଧରେ କାର୍ଯ୍ୟକାରୀ ହେବ । ପ୍ରଥମ ପର୍ଯ୍ୟାୟରେ ପ୍ରାଣୀ ଉଦ୍ୟାନ ଓ ବଟାନିକାଲ ଗାର୍ଡେନର ବିକାଶ ହେବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଚୂଡଙ୍ଗ ଜଙ୍ଗଲ ଅଂଚଳର ବିକାଶ କରାଯିବ । ଏଥିରେ ରାତ୍ରୀ ସଫାରୀ ଓ ସଫାରୀ କମ୍ପଲେକ୍ସର ବିକାଶ କରାଯିବ । ନନ୍ଦନକାନନକୁ ପିଲାମାନଙ୍କ ପାଇଁ ପ୍ରକୃତି ଶିକ୍ଷା ଉପରେ ଏକ ଆକର୍ଷଣୀୟ ହବ୍ ଭାବରେ ବିକାଶ କରିବା ପାଇଁ ଯୋଜନା ରହିଛି । ଏଥିରେ ଆକ୍ଟିଭିଟି ଭିତିକ ପ୍ରାଣୀ ଉଦ୍ୟାନ, ପ୍ରକୃତି ଶିକ୍ଷା ସହିତ କେତେକ ସ୍ୱତନ୍ତ୍ର ସ୍କୁଲରେ 'ନନ୍ଦନକାନନ କ୍ଲବ' ଓ 'ଜୁ ଆମ୍ବାସାଡର' ଆଦି କାର୍ଯ୍ୟକ୍ରମ ରହିଛି । ଏହାସହିତ ସିଟିଜେନ୍ ସାଇନ୍ସ, ନୋ ୟୋର ଟ୍ରି ଆଦି ବିଭିନ୍ନ ଆକ୍ଟିଭିଟି କରାଯିବ । ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଇଂଟର୍ନସିଭ ଓ ଜୁ ଭଲ୍ୟୁଂଟିଅର ଆଦି କାର୍ଯ୍ୟକ୍ରମ କରାଯିବ । ସୂଚନାଯୋଗ୍ୟ ଯେ ବର୍ତମାନ ନନ୍ଦନକାନନରେ ୪୮ଟି ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୭୭ଟି ପ୍ରଜାତିର ପକ୍ଷୀ, ୩୦ଟି ପ୍ରଜାତିର ସରୀସୃପ ଓ ୬ଟି ପ୍ରଜାତିର ଉଭୟଚର ପ୍ରାଣୀ ଅଛନ୍ତି । ସମୁଦାୟ ୧୬୧ ପ୍ରଜାତିର ୪୦୧୨ଟି ପ୍ରାଣୀ ଅଛନ୍ତି ।

# ଭିକେ ପାଣ୍ଡିଆନଙ୍କ ବାଲେଶ୍ୱର ଗସ୍ତର ଦ୍ୱିତୀୟ ଦିନ

## ସପ୍ତାହକ ମଧ୍ୟରେ ଲୋକେ ପାଇବେ ଖୁସି ଖବର

ବାଲେଶ୍ୱର, ୨୩/୦୬ (ନି.ପ୍ର): ଜିଲା ଗସ୍ତର ଦ୍ୱିତୀୟ ଦିନରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ତଥା ୫-ଟି ସଚିବ ଭିକେ ପାଣ୍ଡିଆନ ବାଲେଶ୍ୱର ସହର ସମେତ ଭୋଗରାଇ, ଜଳେଶ୍ୱର, ବସ୍ତା ଓ ବାଲିଆପାଳ ପ୍ରଭୃତି ବ୍ଲକ ଅଞ୍ଚଳ ପରିଦର୍ଶନ ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା ସାଧାରଣ ଲୋକଙ୍କ ସହ ଆଲୋଚନା କରିଛନ୍ତି । ସକାଳ ପ୍ରାୟ ୬ ଟା ୪୦ରେ ସେ ପ୍ରଥମେ କବିତୀର୍ଥ ଶାନ୍ତିକାନନରେ ବ୍ୟାସକବି ଫକୀର ମୋହ)ନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସେଠାରେ ଫକୀର ମୋହନ ସାହିତ୍ୟ ପରିଷଦର କର୍ମକର୍ତ୍ତା, ମହିଳା ଏବଂ ସାଧାରଣ ଲୋକଙ୍କ ଠାରୁ ସେମାନଙ୍କ ସମସ୍ୟା ସମ୍ପର୍କିତ ଦାବିପତ୍ର ଗ୍ରହଣ କରିଥିଲେ । ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନବନିର୍ମିତ ମିଶନ ଶକ୍ତି ବଜାର ଉଦଘାଟନ କରିବା ସହିତ ସେଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ସମ୍ବଳିତ ଷ୍ଟଲ ବୁଲି ଦେଖିଥିଲା । ଏମିତିକି ମିଶନ ଶକ୍ତି କାଫେରେ ଶ୍ରୀ ପାଣ୍ଡିଆନ ସକାଳ ଜଳଖିଆ ମଧ୍ୟ କରିଥିଲେ । ସେଠାରୁ ନିର୍ମାଣଧୀନ ସହଦେବଖୁଣ୍ଟା ବସଷ୍ଟାଣ୍ଡ ବୁଲି ଦେଖିଥିଲେ । ଏହି ଅବସରରେ ବସ ମାଲିକ ସଂଘ କର୍ମକର୍ତ୍ତାଙ୍କ ସହ ସେ ଆଲୋଚନା ମଧ୍ୟ କରିଥିଲେ । ପରେ ଉତ୍କଳ ବାଳାଶ୍ରମରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ଉଦବୋଧନ ଦେଇଥିଲେ ।



ବ୍ୟାସକବିଙ୍କ ମାଟିକୁ ଆସି ତାଙ୍କ ଜୀବନ ଧନ୍ୟ ହୋଇଗଲା ବୋଲି ସେ କହିଥିଲେ । ଫକୀର ମୋହନ ସେନାପତିଙ୍କ 'ରେବତୀ' ଗଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବେଶୀ ଭଲ ପାଆନ୍ତି । ଅନ୍ୟମାନଙ୍କୁ ବି ଏହା ପଢ଼ିବା ପାଇଁ ଉତ୍ସାହିତ କରିଥାନ୍ତି ବୋଲି ସେ କହିଥିଲେ । ରାଜ୍ୟର ଗରିବ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ଜୀବନ ରକ୍ଷାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଯେଭଳି ସମଗ୍ର ଦେଶ ପାଇଁ ମାଇଲଖୁଣ୍ଟ ହୋଇଛି, ମହିଳା ସଶକ୍ତୀକରଣକୁ ଆଗେଇ ନେବାରେ ଓଡ଼ିଶା ସର୍ବାଗ୍ରେ ରହିଛି । ଏସଏଚଜିଙ୍କୁ ବିନା ସୁଧରେ ୫ ଲକ୍ଷ ପର୍ଯ୍ୟନ୍ତ ଟଙ୍କାର ଋଣ ପ୍ରଦାନ ସହ ମହିଳାଙ୍କୁ ଉଦ୍ୟୋଗୀ ଭାବେ ପ୍ରତିଷ୍ଠା କରାଇବାରେ ସରକାର ପ୍ରତିବଦ୍ଧ ଅଛନ୍ତି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

# ଚାକିରି ନିୟମିତ କରିବା ଦାବିରେ ଆଉଟ ସୋର୍ସିଂ କର୍ମଚାରୀ ମହାସଂଘର ବିକ୍ଷୋଭ

ଖୋର୍ଦ୍ଧା, ୨୩/୦୬ (ନି.ପ୍ର): ଓଡିଶା ସରକାରୀ ଆଉଟ ସୋର୍ସିଂ କର୍ମଚାରୀ ମହାସଂଘ ଆହ୍ୱାନ କ୍ରମେ ଆଜି ଖୋର୍ଦ୍ଧାଜିଲ୍ଲା ପକ୍ଷରୁ ସେମାନଙ୍କର କେତେକ ଦାବୀ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ । ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ପ୍ରକାଶ ଥାଉକି, ଦୀର୍ଘ ଏବଂ ଦୀର୍ଘ ସମ୍ପୂର୍ଣ୍ଣ ସନ୍ତୋଷଜନକ ସେବା ସତ୍ତ୍ୱେ ଆମେ ନିୟମିତ ତଥା ସାମାଜିକ ତଥା ସମାନ ସ୍ଥିତି ପାଇପାରୁ ନାହୁଁ ଯେପରି ନିୟମିତ କର୍ମଚାରୀମାନେ ବହୁ ବର୍ଷ ପରେ ଯୋଗଦାନ କରିଥିଲେ ଏବଂ ମହଙ୍ଗା ଯୁଗରେ ଆମ ପରିବାରକୁ ପରିଚାଳନା କରିବାରେ ମଧ ସକ୍ଷମ ନୁହଁନ୍ତି ବୋଲି କର୍ମଚାରୀମାନେ କହିଛନ୍ତି । ତେଣୁ ସେମାନଙ୍କର ୧୦ଦଫା ଦାବି ପୁରଣ ଲାଗି ଅନୁରୋଧ କରିଛନ୍ତି । ଦାବି ଗୁଡିକ ମଧରେ ସମସ୍ତ ଆଉଟ ସୋର୍ସିଂ କର୍ମଚାରୀଙ୍କୁ




ନିୟମିତ କରିବା, ନିୟମିତ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ବିଭାଗ/ କାର୍ଯ୍ୟାଳୟରେ ସିଧାସଳଖ ଚାକିରୀ ସୁରକ୍ଷା ଏବଂ ଦରମା ପ୍ରଦାନ କରାଯିବା, ଗୃପ -ବି ପାଇଁ ମାସିକ ୪୦ ହଜାର, ଗୃପ-ସି ପାଇଁ ମାସିକ ୩୦ ହଜାର ଟଙ୍କା ,ଗୃପ-ଡି କର୍ମଚାରୀଙ୍କ ପାଇଁ ମାସିକ ୨୧ହଜାର ପ୍ରଦାନ କରିବା, ଗୃପ-ଡି କର୍ମଚାରୀଙ୍କୁ ପୁର୍ବ କାର୍ଯ୍ୟରେ ପୁନଃନିଯୁକ୍ତ, ବାର୍ଷିକ କାର୍ଯ୍ୟଦକ୍ଷତାକୁ ବିଚାରକୁ ନେଇ ୧୦ପ୍ରତିଶତ ଦରମା ବୃଦ୍ଧି କରିବା, ସେବାରେ ବରିଷ୍ଠତାକୁ ବିଚାରକୁ ନେଇ ଆର୍ଥିକ ଲାଭ ଦେବା, ଇଏସଆଇ, ଇପିଏଫ ସିଧାସଳଖ ଡିଡିଓ ଦ୍ୱାରା ପ୍ରଦାନ କରିବା, ଯେଉଁମାନେ ୬ ବର୍ଷରୁ ଅଧିକ ସେବା ର୍ପଦାନ କରିଥିଲେ ସେମାନଙ୍କର ଯଦି କୌଣସି ଦୁର୍ଘଟଣା ଜନିତ ଅକ୍ଷମ ହୋଇଯାଆନ୍ତି ସେମାନଙ୍କୁ ଆହତ ଅବସ୍ଥାରେ ୬ଲକ୍ଷ ଓ ମୃତ୍ୟୁବରଣ କଲେ ୧୦ଲକ୍ଷ ଟଙ୍କା ସୁବିଧା ଦେବା , ମହିଳା କର୍ମଚାରୀମାନେ ସେମାନଙ୍କ ଯୋଗଦାନ ଅବଧିରେ ୨ଥର ମାତୃତ୍ୱ ଛୁଟି ଅନୁମତି ଦେବା ସଂକ୍ରାନ୍ତରେ ଦାବିପତ୍ର ପ୍ରଦାନ କରାଯାଇଛି । ମହସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ନାରାବାଜି ଦିଆଯାଇଥିଲା । ଏଥିରେ ଜିଲା ସଭାପତି ସୁବ୍ରତ କୁମାର ମିଶ୍ର , ସମ୍ପାଦକ ଅବଦୁଲ କୟୁମ ଖାଁଙ୍କ ସମେତ ବହୁ କର୍ମଚାରୀ ସାମିଲ ହୋଇଥିଲେ ।

## ସୁବର୍ଣ୍ଣପୁରରେ ଆଉଟ ଆଉଟ୍‌ସୋର୍ସିଂ କର୍ମଚାରୀ ଧାରଣା

ସୁବର୍ଣ୍ଣପୁର, ୨୩/୦୬ (ନି.ପ୍ର): ସୁବର୍ଣ୍ଣପୁର ଶାଖା ତରଫରୁ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଉଟ୍‌ସୋର୍ସିଂ କର୍ମଚାରୀ ଧାରଣାରେ ବସିଛନ୍ତି । ୧୨ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ଓଡିଶା ସରକାରଙ୍କୁ ଦେଇଥିବା ଜଣାପଡିଛି । ଆଜି ସୁବର୍ଣ୍ଣପୁର ଜିଲ୍ଲା ଓ ବ୍ଲକସ୍ତରରେ ଓଡ଼ିଶା ସରକାରଙ୍କ ଅଧୀନରେ ବିଭିନ୍ନ କାର୍ଯ୍ୟାଳୟରେ କାମ କରୁଥିବା ଠିକା କର୍ମଚାରୀଙ୍କୁ ଓଡିଶା ସରକାର ସ୍ଥାୟୀ ଭାବରେ ନିଯୁକ୍ତି ଦାବିରେ ସଂଘ ସଭାପତି ନରହରି ମହାପାତ୍ର ଓ ସମ୍ପାଦକ ବିକାଶ ସାହୁଙ୍କ ନେତୃତ୍ୱରେ ଓଡିଶା ସରକାରଙ୍କ ଅଧୀନରେ ଥିବା ପ୍ରାୟ ୩୦୦ଜଣ ଆଉଟ୍‌ସୋର୍ସିଂ କର୍ମଚାରୀ ସୁରେଶ୍ୱରୀ ମନ୍ଦିର ଏକ ବିଶାଳ ରାଲିରେ ବାହାରି ସୁବର୍ଣ୍ଣପୁର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାୟୀ ନିଯୁକ୍ତି ଦାବି କରି ନାରାବାଜି କରିବା ସହ ଧାରଣାରେ ବସିଥିଲେ । ଏହାକୁ ଟ୍ରେଡ ୟୁନିୟନ୍ ମଧ ସମର୍ଥନ କରିଥିବା ଗୋବିନ୍ଦ ମହାରଣା ଗଣମାଧମ ରେ ପ୍ରକାଶ କରିଥିଲେ ।

# ୫ଟି ସଚିବଙ୍କ ବସ୍ତା ଗସ୍ତ: ବୃହତ ମାଛ ମାର୍କେଟର କଲେ ବ୍ୟାଖ୍ୟା

ବସ୍ତା, ୨୩/୦୬ (ନି.ପ୍ର): ୫ଟି ସଚିବ ଭି.କେ ପାଣ୍ଡିଆନ ଗୁରୁବାର ଠାରୁ ୨ଦିନିଆ ବାଲେଶ୍ୱର ଗସ୍ତରେ ଆସି ଜିଲ୍ଲାର ଅନେକ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହିତ ସାଧାରଣ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେଇଛନ୍ତି ।ଏହି ପରିପ୍ରେକ୍ଷୀରେ ଆଜି ଅପରାହ୍ନରେ ବାହାର୍ଦ୍ଦାସ୍ଥିତ କୃଷି ଫାର୍ମ ପରିସରରେ ପହଞ୍ଚିଥିଲେ ।ସେଠାରେ ତାଙ୍କୁ ମିଶନ ଶକ୍ତି ଓ ସ୍ୱୟଂ ସହାୟକ ମହିଳାମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ମଞ୍ଚକୁ ପାଛୋଟି ନେଇଥିଲେ ।ଏହାପରେ ମଞ୍ଚ ପାର୍ଶ୍ୱରେ ଲଗାଯାଇଥିବା ବସ୍ତାରେ ୫୦କୋଟିରୁ ଉର୍ଦ୍ଧ୍ୱ ବ୍ୟୟବରାଦରେ ହେବାକୁ ଥିବା ଓଡ଼ିଶାର ସର୍ବବୃହତ ହୋଲସେଲ ମାଛ ମାର୍କେଟର ପ୍ରସ୍ତାବିତ ମାନଚିତ୍ରକୁ ଦେଖିଥିଲେ ।ପ୍ରସ୍ତାବିତ ହୋଲସେଲ୍ ମାଛ ମାର୍କେଟ ବସ୍ତାରେ ହେଲେ ବସ୍ତା ସମେତ ଜିଲ୍ଲାର ବହୁ ବେକାର ଯୁବକ ଓ ଯୁବତୀମାନେ ନିୟୋଜିତ ହୋଇ ରୋଜଗାରକ୍ଷମ ହୋଇପାରିବେ ଏବଂ ସମଗ୍ର ଓଡ଼ିଶାକୁ ଏଠାରୁ ମାଛ ରପ୍ତାନି ହୋଇପାରିବ ବୋଲି ଉଦବୋଧନରେ ସଚିବ ଭି କେ ପାଣ୍ଡିଆନ କହିଥିଲେ ।ଉପସ୍ଥିତ ଲୋକମାନଙ୍କ ମଧରୁ କିଛି ଅଭିଯୋଗ ପତ୍ରକୁ ସଚିବ ଗ୍ରହଣ କରିଥିଲେ ।ଏହାପରେ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ବିନା ସୁଧରେ ପ୍ରଦାନ କରାଯାଉଥିବା ଋଣ ଓ ବିଜୁ ସ୍ୱାସ୍ଥ୍ୟ କାର୍ଡ଼ରେ ଉପଲବ୍ଧ ହୋଇ ପାରୁଥିବା ଉପକାରିତା ସମ୍ବନ୍ଧରେ ସବିଶେଷ ଆଲୋଚନା କରିଥିଲେ । ପରିଶେଷରେ ମନ୍ଦିର, ମସଜିଦ, ଚର୍ଚ୍ଚ ଓ କମ୍ୟୁନିଟି ସେଣ୍ଟର ବାବଦରେ ଆଗାମୀ ୭ଦିନ ମଧରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ କିଛି ଖୁସି ଖବର ଆସିବା ନେଇ ସଚିବ ସୂଚନା ଦେଇଥିଲେ ।ଅପର ପକ୍ଷରେ ସଚିବଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବିରୋଧୀମାନେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନକରି ପାରନ୍ତି ସେଥିଲାଗି ମଧାହ୍ନ ପାଖା ପାଖି ୧ଟା ୩୦ ମିନିଟ୍ ସମୟରେ ବସ୍ତା ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା,ଜିଲ୍ଲା କିଶାନ କଂଗ୍ରେସର ସଭାପତି ଜୟନ୍ତ କୁମାର ମହାପାତ୍ର, ବ୍ଲକ କଂଗ୍ରେସ ଉପସଭାପତି ନରେନ୍ଦ୍ର ଦାସ,ବସ୍ତା ନିର୍ବାଚନ ମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି ଅବିନାଶ ନାୟକ ଓ କିଛି ଯୁବ ନେତାଙ୍କୁ ପୋଲିସ ନଜର ବନ୍ଦୀ କରି ରଖିଥିଲା ।ଉକ୍ତ କାର୍ଯ୍ୟକ୍ରମକୁ ଜିଲାପାଳ,ବସ୍ତା ତହସିଲଦାର,ବିଡ଼ିଓ,ପୋଲିସ ପ୍ରଶାସନ ପ୍ରମୁଖ ସହଯୋଗ କରିଥିଲେ ।

# ସଡ଼କ ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ

କୋରେଇ, ୨୩/୦୬ (ନି.ପ୍ର): ପାଣିକୋଇଲି ମା ତାରିଣୀ ମୀବିଦ୍ୟାଳୟ ନିକଟରେ ଘର ଭଡ଼ା ନେଇ ରହୁଥିବା ଜଣେ ଶିକ୍ଷକଙ୍କର ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ପ୍ରକାଶ ଯେ କୋରାଇ ବ୍ଲକ ଅନ୍ତର୍ଗତ ମକୁନ୍ଦପୁର ପଂଚାୟତର ବଳରାମ ଦାସଙ୍କ ପୁଅ ବିଜୟ କୁମାର ଦାସ(୫୩) ପାଣିକୋଇଲି ଠାରେ ଘର ଭଡ଼ା ନେଇ ରହି ଆସୁଥିଲେ ।

# ଜିଲ୍ଲା ବିଜେପି ପକ୍ଷର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସ

ବାଲେଶ୍ୱର, ୨୩/୦୬ (ନି.ପ୍ର): ଜନସଂଘର ପ୍ରତିଷ୍ଠାତା ମହାନ ଜନନାୟକ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସକୁ ବଳିଦାନ ଦିବସ ଭାବେ ସମଗ୍ର ଦେଶରେ ଆଜି ପାଳିତ ହୋଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ଲକ୍ଷ୍ୟ କରାଯାଇଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ପୌରହିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜାମ୍ମୁ ଓ କାଶ୍ମୀରର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ କବିନ୍ଦର୍ ଗୁପ୍ତା, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ପୂର୍ବତନ ଜୀବନ ପ୍ରଦୀପ ଦାଶ ଓ ଗୋବିନ୍ଦ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ବିଷ୍ଣୁପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ମୁଖାର୍ଜୀଙ୍କ ଫୋଟଚିତ୍ରରେ ପୁଷ୍ପଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଅଖଣ୍ଡଭାରତ ନିର୍ମାଣରେ ମହାନ ଜନନାୟକଙ୍କ ଉତ୍ସର୍ଗୀକୃତ ଜୀବନ ଓ ବଳିଦାନ ସମ୍ପର୍କରେ ସମସ୍ତେ ସ୍ମୃତିଚାରଣ କରିଥିଲ । ସ୍ୱର୍ଗତ ମୁଖାର୍ଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ଜନସଂଘ ପାର୍ଟିର ନୀତି ଆଦର୍ଶକୁ ପାଥେୟ କରି ସାମ୍ପ୍ରତିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଜେପି ସରକାର ଦେଶବାସୀଙ୍କୁ ସୁଶାସନ ଦେଇ ଚାଲିଛନ୍ତି ବୋଲି ବକ୍ତାମାନେ କହିଥିଲେ । ମାନବତାର ଉପାସକ, ବିଶିଷ୍ଟ ଶିକ୍ଷାବିତ ଓ ଭାରତୀୟ ଜନସଂଘର ସଂସ୍ଥାପକ ସ୍ୱର୍ଗତଃ ମୁଖାର୍ଜୀଙ୍କର 'ଏକ ଦେଶ ମେଁ ଦୋ ନିସାନ ଦୋ ବିଧାନ ଦୋ ପ୍ରଧାନ ନହିଁ ଚଲେଗା' ସ୍ଲୋଗାନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହା ବାସ୍ତବତାରେ ପରିଣତ କରିପାରିଛନ୍ତି । ଏହି 'ବଳିଦାନ ଦିବସ' ପାଳନ ଅବସରରେ ଦେଶ ପ୍ରତି ଥିବା ନିଜର ଦାୟିତ୍ୱବୋଧତାକୁ ସୁଚାରୁ




ରୂପେ ତୁଲାଇବାକୁ ଦଳୀୟ କାର୍ଯ୍ୟକର୍ତାଙ୍କୁ ନେତାମାନେ ଆହ୍ୱାନ ଦେଇଥିଲେ । ଓଡିଶାର ଘରେ ଘରେ ସ୍ୱର୍ଗତଃ ମୁଖାର୍ଜୀଙ୍କ ବିଚାରଧାରା ପହଂଚାଇ ପାରିଲେ ଭ୍ରଷ୍ଟ ଶାସନ ବ୍ୟବସ୍ଥାର ପରିବର୍ତନ ହୋଇପାରିବ ବୋଲି ଜାମ୍ମୁ ଓ କାଶ୍ମୀରର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ଗୁପ୍ତା ଆଶାପ୍ରକାଶ କରିଥିଲେ । ଏଥିପାଇଁ ସାଂଗଠନିକ ସୂତ୍ର ଅନୁଯାୟୀ କାର୍ଯ୍ୟ କରିବାକୁ ଦଳୀୟ କର୍ମକର୍ତାଙ୍କୁ ଶ୍ରୀ ଗୁପ୍ତା ଆହ୍ୱାନ ଦେଇଥିଲେ । ନଗର ସଭାପତି ଚିତ ରଂଜନ ପଣ୍ଡା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଶନିବାର, ଜୁନ୍ ୨୪, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଆଉଟସୋର୍ସିଂ ପ୍ରଥା ଉଚ୍ଛେଦ ଦାବିରେ ସ୍ମାରକପତ୍ର

ବାଲେଶ୍ୱର, ୨୩/୦୬ (ନି.ପ୍ର): ନିୟମିତ ଚାକିରି ଦାବିରେ ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ବାଲେଶ୍ୱର ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ବାଲେଶ୍ୱର ଉପଜିଲାପାଳଙ୍କୁ ସାକ୍ଷାତ ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ମହାସଂଘର ବାଲେଶ୍ୱର ଶାଖା ସଭାପତି ମନୋଜ କୁମାର ରାଉତ, ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ସାମାଜିକ ଗଣମାଧ୍ୟମ ସଂଯୋଜକ ସାନୁ କୁମାର ସାସମଲ, ସତ୍ୟଜିତ ଦତ, ନିତ୍ୟସୁନ୍ଦର ମଲ୍ଲିକ, ସୁଶାନ୍ତ କୁମାର ନାୟକ, ସସ୍ମିତା ପାଣିଗ୍ରାହୀ, ଶ୍ରୀଧର ପଟ୍ଟନାୟକ, ପୁଷ୍ପଲତା ସେଠୀ, ବିଶ୍ୱଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱଳ୍ପ ଦରମା ଓ ଅନିଶ୍ଚିତ ଭବିଷ୍ୟତ ମଧ୍ୟରେ ବି ଦିନ ରାତି ଏକ କରି ଶାସନର ମେରୁଦଣ୍ଡ ସାଜିଥିବା ଆଉଟସୋର୍ସିଂ କର୍ମଚାରୀମାନଙ୍କ ପ୍ରତି ସରକାରୀ ଉଦାସୀନତା କ୍ରମଶଃ ଅସହ୍ୟ ହୋଇପଡିଥିବା ସେମାନେ କହିଛନ୍ତି। ଏନେଇ ସେମାନେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନଙ୍କୁ ବି ଏକ ଦାବିପତ୍ର ଦେଇଥିଛନ୍ତି। ତେବେ ଆସନ୍ତା ୭ ଦିନ ମଧ୍ୟରେ ସମସ୍ତ ଆଉଟସୋର୍ସିଂ କର୍ମଚାରୀଙ୍କୁ ନିୟମିତ କରାନଗଲେ ସେମାନେ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।




# ବାବା ଆଖଣ୍ଡଳମଣି ପୀଠ ଆରଡ଼ିରେ ଶ୍ରାବଣୀ ଜଳାଭିଷେକ ପାଇଁ ପ୍ରସ୍ତୁତି ବୈଠକ

ଭଦ୍ରକ, ୨୩/୦୬ (ନି.ପ୍ର): ଆଗାମୀ ଜୁଲାଇ ୩ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଶ୍ରାବଣୀ ଜଳାଭିଷେକ କାର୍ଯ୍ୟକ୍ରମ ଉପଲକ୍ଷେ ବାବା ଆଖଣ୍ଡଳମଣି ବିଜେ ଆରଡ଼ି ପୀଠରେ କାଉଡ଼ିଆ ମାନଙ୍କ ସୁବିଧା ପାଇଁ, ଶାନ୍ତି ଶୃଙ୍ଖଳା ରକ୍ଷା, ଗହଳି ନିୟନ୍ତ୍ରଣ, ପରିଷ୍କାର ପରିଚ୍ଛନ୍ନତା, ପାନୀୟଜଳ, ଚିକିତ୍ସା ଶିବିର ଆଦି ନେଇ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ଟ୍ରଷ୍ଟି ତଥା ଉପ ଜିଲ୍ଲାପାଳ ମନୋଜ ପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ଏହି ବୈଠକରେ ଭଦ୍ରକ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଚନ୍ଦବାଲି ଜିଲ୍ଲା ପରିଷଦ ସଦସ୍ୟ ରାକେଶ କୁମାର ନାୟକ ପ୍ରମୁଖ ଏହି ବୈଠକରେ ଯୋଗଦେଇ ସୁରୁଖୁରୁରେ ଶ୍ରାବଣୀ ଯାତ୍ରା ସରିବା ନେଇ ସମସ୍ତଙ୍କ ସହଯୋଗ ପାଇଁ ମତାମତ ପ୍ରକାଶ କରିଥିଲେ। ସେବାୟତ ବିଜୟ କୁମାର ଦାସ ଶ୍ରାବଣୀ ଯାତ୍ରା ସମୟରେ ଜଳାଭିଷେକ ପାଇଁ ଏଥର ପଡୁଥିବା ୭ଟି ସୋମବାରରେ ବାବାମଣିଙ୍କ ସ୍ୱତନ୍ତ୍ର ନୀତିକାନ୍ତି ର ସମୟ ଏବଂ ପୂଜାବିଧି ସମୟରେ ସୂଚନା ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟକି ସଂକ୍ରାନ୍ତି ଓ ପୂର୍ଣ୍ଣମୀ ଆଧାରରେ ଜୁଲାଇ ୩ ଠାରୁ ଅଗଷ୍ଟ ୧୪ ମଧ୍ୟରେ ୪୪ ଦିନ ମଧ୍ୟରେ ୭ଟି ସୋମବାରରେ ଜଳାଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ନେଇ ପ୍ରସ୍ତୁତି କରାଯିବ। ପୁଣି ବିଶେଷକରି ସଂକ୍ରାନ୍ତି ପୂର୍ଣ୍ଣିମା ଓ ଆଗକୁ ମଳମାସ ପଡୁଥିବା ଯୋଗୁଁ ଜୁଲାଇ ୧୭ରେ କାଉଡ଼ିଆଙ୍କ ସଂଖ୍ୟା ବହୁ ସଂଖ୍ୟାରେ ବୃଦ୍ଧି ପାଇବାର ସମ୍ଭାବନା ଥିବା ପ୍ରକାଶ କରାଯାଇଥିଲା। ଆଇନ୍ ଶୃଙ୍ଖଳା ପରିଚାଳନା, ପୋଲିସ୍ ପେଟ୍ରୋଲିଂ ବ୍ୟବସ୍ଥା ନେଇ ଡ଼ି.ଏସ୍.ପି. ଡ଼ି.ଆଇ.ବି. କମଳ ଲୋଚନ ଭୂୟାଁ, ଏସ୍.ଡ଼ି.ପି.ଓ ସୌରଭ ଓତା ସୂଚନା ପ୍ରଦାନ କରିଥିଲେ। ନଦୀଘାଟ ଗୁଡ଼ିକରେ ଓଡ଼ରାଫ୍ ଟିମ୍ ମୃତୟନ, ଅଗ୍ନିଶମ ସେବା ନିଯୁକ୍ତି ବ୍ୟବସ୍ଥା ସମ୍ବନ୍ଧରେ ମଧ ଆଲୋଚନା କରାଯାଇଛି। ଯାତ୍ରୀବାହି ଗାଡ଼ି ଏବଂ ଘାଟ ଡଙ୍ଗାରେ ଅଧିକ ଯାତ୍ରୀ ପରିବହନ ନ କରିବା ପାଇଁ ନିୟନ୍ତ୍ରଣ ବ୍ୟବସ୍ଥା, ଆରଡ଼ିକୁ ସଂଯୋଗ କରୁଥିବା ରାସ୍ତାର ମରାମତି, କାଉଡ଼ିଆ ମାନଙ୍କ ପାଇଁ ପାନୀୟ ଜଳ, ସ୍ୱାସ୍ଥ୍ୟ ପରିମଳ ବ୍ୟବସ୍ଥା, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ଆମ୍ବୁଲାନସ୍ ସହିତ ରାସ୍ତାପାର୍ଶ୍ୱ ଡାକ୍ତରଖାନା ସବୁ ଉକ୍ତ ନିର୍ଦ୍ଧାରିତ ଆବଶ୍ୟକ ସମୟରେ ଖୋଲା ରଖାଯିବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଆଦି ଗୁରୁତ୍ୱ ପୂର୍ଣ୍ଣ ବିଷୟ ଗୁଡ଼ିକ ଉପରେ ବିଶଦ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ମନ୍ଦିର କମିଟିର ସଦସ୍ୟବୃନ୍ଦ, ସେବାୟତ, ସଂପୃକ୍ତ ବିଭାଗୀୟ ସରକାରୀ ଅଧିକାରୀ, ସତ୍ୟସାଇ ସେବା ସଙ୍ଗଠନର କର୍ମକର୍ତ୍ତା, ଆରଡ଼ି, ଓଳଗ, ନାନ୍ଦପୁର, ସୁନ୍ଦରପୁର ଗ୍ରାମପଞ୍ଚାୟତର ସରପଞ୍ଚ ଆଦି ଏହି ବୈକଠକରେ ଉପସ୍ଥିତ ରହି ଶ୍ରାବଣୀ ଯାତ୍ରା ସମ୍ପର୍କିତ ଆବଶ୍ୟକୀୟ ମତାମତ ପ୍ରକାଶ କରିଥିଲେ।




# କଂଗ୍ରେସର ପ୍ରତିବାଦ ସଭା: ସଚିବଙ୍କୁ ୧୪ଟି ପ୍ରଶ୍ନ




ଜଳେଶ୍ୱର, ୨୩/୦୬ (ନି.ପ୍ର): ଆଜି ୫ଟି ସଚିବ ଜଳେଶ୍ୱର ଆସିବାର କାର୍ଯ୍ୟକ୍ରମ ଥିବାରୁ ଗୁରୁବାର ଅପରାହ୍ନରେ ପୁଲିସ୍ ପକ୍ଷରୁ କଂଗ୍ରେସ ନେତା ସୁଦର୍ଶନ ଦାସ, ରାଜୀବ ପରିଡା, ସୁଦାମ ପାତ୍ରଙ୍କୁ ନଜର ବନ୍ଦି କରାଯାଇଥିଲା । ଆଜି ସକାଳେ ଏହା ଜଣାଯିବାପରେ କଂଗ୍ରେସ କର୍ମୀମାନେ ୬୦ନଂ ଜାତୀୟ ରାଜପଥ କଡ ଖୁସୀପ୍ଲାଜା ଠାରେ ଏକତ୍ରୀତ ହୋଇଥିଲେ । ୧୪ଟି ପ୍ରଶ୍ନ ସମ୍ବଳିକ ଏକ ବୃହତ ବ୍ୟାନର ଓ ପ୍ଲା କାର୍ଡ ଧରି ବଡବଜାର ଛକଠାରୁ କାଳୀମନ୍ଦିର ଯାଏ ଏକ ବିରାଟ ମାନବ ଶୃଙ୍ଖଳ ଅନୁଷ୍ଠିତ ହୋଇଥିଲା । ସୁଦର୍ଶନ ଦାସଙ୍କ ସଭାପତିତ୍ୱ କରି ବ୍ଲକ ଓ ପୌରପାଳିକାରେ ଚାଲିଥିବା ବିଭିନ୍ନ ଦୁର୍ନିତୀ ସଂପର୍କରେ ୫ଟି ସଚିବଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ ପଚାରିଥିଲେ। ପୁଣି ଜଣେ ସଚିବ ଏଭଳି ଏକ ପ୍ରଚାରଧର୍ମୀ କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ ନେଇ ପ୍ରଶ୍ନ ପଚାରିଥିଲେ । ଏଥିରେ ଜିଲା କଂଗ୍ରେସ ସଭାପତି ସଂଜିବ ଗିରି, ବ୍ଲକ ସଭାପତି ରାଜୀବ ପରିଡା, ଟାଉନ ସଭାପତି ଗିରିଜା ଦାସ, କୃଷକ ନେତା ସୁଦାମ ପାତ୍ର, ଜିଲା ସାଧାରଣା ସଂପାଦକ ହେମନ୍ତ ଗିରି, ସୁଧାଂଶୁ ଜେନା, ପଦ୍ମଲୋଚନ ବେହେରା, ଗୋପାଳକୃଷ୍ଣ ଜେନା, ସୁଶାନ୍ତ ସେଠୀ, ଦେବଦୁଲାଲ ଦାସ, ସୌଭିକ ଜେନା, ଗୌରାଙ୍ଗ ମହାପାତ୍ର, ଖଗେନ୍ଦ୍ର ସାମଲ, ସପନ ଜେନା, ବିନୟ ଜେନା, ରାଧାରାଣୀ ପାତ୍ର, ଅଂଜଳି ପ୍ରଧାନ, ରବିନ୍ଦ୍ର ଭଂଜ, ବିଭୁରେନ୍ଦ୍ର ଦେ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ଉପକୂଳ ଓଡ଼ିଶାରେ ମୌସୁମୀର ପ୍ରଭାବ

ଭୁବନେଶ୍ୱର, ୨୩/୦୬ (ନି.ପ୍ର): ଉପକୂଳ ଓଡ଼ିଶାରେ ମୌସୁମୀର ପ୍ରଭାବ ଦେଖିବାକୁ ମିଳିଛି । ଆଜି ଗଜପତି, ରାୟଗଡା, କୋରାପୁଟ, ଗଞ୍ଜାମ, ପୁରୀ ଏବଂ ଜଗତସିଂହପୁର ଜିଲ୍ଲାର କିଛି ଅଂଚଳରେ ବର୍ଷା ଲାଗିରହିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ଗଡ଼କୁଜଙ୍ଗ ରଥଯାତ୍ରାରେ ଜେଏସଡବ୍ଲ୍ୟୁ ପକ୍ଷରୁ ବିଭିନ୍ନ ସେବା କାର୍ଯ୍ୟକ୍ରମ

ପାରାଦୀପ , ୨୩/୦୬ (ନି.ପ୍ର): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଗଡ଼କୁଜଙ୍ଗ ଠାରେ ପ୍ରଭୁ ଶ୍ରୀ କୁଞ୍ଜବିହାରୀ ଙ୍କ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୁଭଦ୍ରା କ୍ଷେତ୍ର ଭାବେ ପରିଚିତ ଏହି ପୀଠରେ ରଥଯାତ୍ରା ପରଦିନ ବାସି ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ପୁରୀ ଶ୍ରୀମନ୍ଦିର ରଥଯାତ୍ରା ପରମ୍ପରା ଅନୁସାରେ ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ପ୍ରଭୁ ଶ୍ରୀ କୁଞ୍ଜବିହାରୀଙ୍କୁ ପହଣ୍ଡି ବିଜେ କରି ରଥରୁଢ କରାଯାଏ ଏବଂ ତା ପରଦିନ ଅପରାହ୍ନରେ ଯଥାରୀତି ନୀତି ଅନୁସାରେ ରଥଟଣା କାର୍ଯ୍ୟ ସମାପନ କରାଯାଇଥାଏ। ହଜାର ହଜାର ଶ୍ରଦ୍ଧାଳୁ ତଥା ଭକ୍ତ ପ୍ରଭୁ ଶ୍ରୀ କୁଞ୍ଜବିହାରୀଙ୍କ ରଥକୁ ଟାଣି ଟାଣି ମାଉସୀ ମା ମନ୍ଦିର ନିକଟରେ ପହଞ୍ଚାଇ ଥଲେ । ପ୍ରବଳ ଖରା ଗରମ ତଥା ଗୁଳୁଗୁଳି ସତ୍ତ୍ୱେ ପ୍ରାୟ ଦଶ ହଜାର ରୁ ଊର୍ଦ୍ଧ୍ୱ ଜନସମାଗମ ହୋଇଥିଲା। ଏହି ପବିତ୍ର ରଥଯାତ୍ରା ଅବସରରେ ଜେ ଏସ ଡ ବ୍ଲୁ ପକ୍ଷରୁ ବଡ଼ଦାଣ୍ଡରେ ଏକ ସ୍ୱତନ୍ତ୍ର ଷ୍ଟଲ୍ କରାଯାଇଥିଲା। ଏଥିରେ ସମସ୍ତ ଜନସାଧାରଣଙ୍କ ପାଇଁ ଦହି ସର୍ବତ, ପାନୀୟ ଜଳ, ବିସ୍କୁଟ ପ୍ରଦାନ କରାଯାଇଥିଲା। ଏଥି ସହିତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଖରା ଗରମ ଗୁଳୁଗୁଳିରୁ ରକ୍ଷା ପାଇବା ପାଇଁ ପାଣି ସିଞ୍ଚନ ବ୍ୟବସ୍ଥା ମଧ କରାଇଥିଲା। ଏଥି ସହିତ ଜେ ଏସ ଡ ବ୍ଲୁ ଫାଉଣ୍ଡେସନ ପକ୍ଷରୁ ଏକ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇ ପ୍ରାଥମିକ ଚିକିତ୍ସା ପ୍ରଦାନ କରାଯାଇଥିଲା।ଜେ ଏସ ଡ ବ୍ଲୁ ପକ୍ଷରୁ ଏହି ସମସ୍ତ ସେବା କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ଗଡ଼କୁଜଙ୍ଗ ପଞ୍ଚାୟତର ସରପଞ୍ଚ ତଥା ଅନ୍ୟାନ୍ୟ ଜନ ପ୍ରତିନିଧି, ମନ୍ଦିର କମିଟି ପକ୍ଷରୁ ପ୍ରଶଂସା କରାଯାଇଛି। ଏହି ବାସି ରଥଯାତ୍ରାରେ ଜେ ଏସ ଡ ବ୍ଲୁ ର ସମସ୍ତ ଅଧିବାସୀ ମାନେ ପ୍ରଭୁ ଶ୍ରୀ କୁଞ୍ଜବିହାରୀ ଙ୍କୁ ରଥ ଉପରେ ଦର୍ଶନ କରିବା ସହିତ ଆଶିର୍ବାଦ ଗ୍ରହଣ କରିଥିଲେ। ଏଥି ସହିତ ସ୍ଥାନୀୟ ଭି ଏଲ୍ ସି ମାନେ ଷ୍ଟଲ୍ ପରିଚାଳନା କରିବା ସହିତ ଜନସାଧାରଣ ମାନଙ୍କୁ ସମସ୍ତ ସେବା ଯୋଗାଇ ଦେଇଥିଲେ।




# ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ୍‌ର ୮୪ତମ ପ୍ରତିଷ୍ଠା ଦିବସ ପାଳିତ

ବାଲେଶ୍ୱର, ୨୩/୦୬ (ନି.ପ୍ର): ଗତ ତା ୨୨-୦୬-୨୦୨୩ ରିଖ ଗୁରୁବାର ବ୍ରିଟ୍ କଲ୍ୟାଣ ମଣ୍ଡପ ପରିସରରେ ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ୍‌ର ୮୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଅଛି। ପାର୍ଟିର ପତାକାକୁ ଜିଲ୍ଲା ସଭାପତି ସର୍ବେଶ୍ୱର ମିଶ୍ର ଉତ୍ତୋଳନ କରି ଭାରତବର୍ଷକୁ ସ୍ୱାଧୀନ କରିବା ପାଇଁ ତଥା ଭାରତବର୍ଷର ସମାଜବାଦୀ ରାଷ୍ଟ୍ର ଗଠନ କରିବା ପାଇଁ ସୁବାସ ବୋଷ ଯେଉଁ ସଂକଳ୍ପ ନେଇଥିଲେ ତାହା ଆଜି ସ୍ୱପ୍ନରେ ରହିଯାଇଅଛି ବୋଲି ମତ ରଖିଥିଲେ। ଆଗାମୀ ଦିନରେ 'ହର ଘର ସୁବାଷ' ତଥା ନେତାଜିଙ୍କ ନୀତି ଆଦର୍ଶକୁ ଘରେ ଘରେ ପହଞ୍ଚାଇବା ପାଇଁ ଶ୍ରୀ ମିଶ୍ର ବକ୍ତବ୍ୟ ରଖିଥିଲେ। ପାର୍ଟିର ଜିଲ୍ଲା ସାଧାରଣ ସଂପାଦକ ଶ୍ରୀଯୁକ୍ତ ଲକ୍ଷ୍ମୀଧର ଗିରି ତାଙ୍କ ବକ୍ତବ୍ୟରେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କର ଟାଳଟୁଳ ନୀତି ବିରୋଧରେ ମତ ପ୍ରକାଶ କରି 'ହର ଘର ସୁବାଷ' ପହଞ୍ଚାଇବା ପାଇଁ ସଂକଳ୍ପ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌତମ ଦାସ, ସଂଖ୍ୟାଲଘୁ ସେଲର ନେତା ସେକ୍ ଅବଦୁଲ ତାଲିବ, ସମାଜସେବୀ ଜିତେନ୍ଦ୍ର ମାହାନ୍ତି, ଚିତ୍ତରଂଜନ ଦାସ, ଗଦାଧର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।



# ୫ଟି ସଚିବଙ୍କୁ ଓଡ଼ିଶା ପଥ ବିକ୍ରେତା ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ

ବାଲେଶ୍ୱର, ୨୩/୦୬ (ନି.ପ୍ର): ଗତ ୨୦୧୪ ମସିହାଠାରୁ ଇତି ମଧ୍ୟରେ ବାଲେଶ୍ୱର ସହରର ବିଭିନ୍ନ ରାସ୍ତାପାର୍ଶ୍ୱରୁ ବେଆଇନଭାବେ ଉଚ୍ଛେଦ କରାଯାଇଥିବା ହଜାର ହଜାର ପଥ ବିକ୍ରେତାଙ୍କୁ ଅବିଳମ୍ବେ ନିକଟତମ ଭେଣ୍ଡିଂ ଜୋନ୍‌ରେ ଥଇଥାନ ଅଥବା ଥଇଥାନ ହୋଇ ନଥିବା ଉଚ୍ଛେଦପ୍ରାପ୍ତ ପଥ ବିକ୍ରେତାଙ୍କୁ ସେହି ପୁରୁଣା ସ୍ଥାନରେ ଜୀବିକା ଅର୍ଜନ ପାଇଁ ସୁଯୋଗ ଦେବା, ୨୦୧୪ ମସିହାରେ ବାଲେଶ୍ୱର ଷ୍ଟେସନ ରୋଡ୍‌ରେ ଉଚ୍ଛେଦ ହୋଇଥିବା ପଥ ବିକ୍ରେତାଙ୍କୁ ଥଇଥାନ ପାଇଁ ହୋଟେଲ୍ ମେରିଡିଆନ୍ ସମ୍ମୁଖ - ଆର୍ ଆଣ୍ଡ୍ ବି ପ୍ରାଚୀର ପାର୍ଶ୍ୱ ନୂତନ ଭେଣ୍ଡିଙ୍ଗ୍ ଷ୍ଟଲରେ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ତତ୍‌କାଳୀନ ଜିଲ୍ଲାପାଳଙ୍କ ନିଷ୍ପତ୍ତି ଭିତ୍ତିରେ ତୁରନ୍ତ ଉଚ୍ଛେଦ ହୋଇଥିବା ପଥ ବିକ୍ରେତାଙ୍କୁ ଥଇଥାନ କରାଯାଉ। ପଥ ବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରୟ ଜୀବିକା ସୁରକ୍ଷା ଓ ପଥ ବିକ୍ରୟ ବିନିୟମ ନିୟମାବଳି ଓ ସ୍କିମ୍ ୨୦୧୫କୁ ରଦ୍ଦ କରି ନ୍ୟାସନାଲ ହକର ଫେଡେରେସନ୍ ଏବଂ ଓଡ଼ିଶା ପଥ ବିକ୍ରେତା ସଂଘ ସହ ପରାମର୍ଶ ଭିତ୍ତିରେ ନୂତନ ନିୟମାବଳୀ ଓ ସ୍କିମ୍ ପ୍ରଣୟନ ସମେତ ୧୧ ଦଫା ଦାବି ପୂରଣ କରିବାକୁ ଓଡ଼ିଶା ପଥ ବିକ୍ରେତା ସଂଘ ଓ ବାଲେଶ୍ୱର ପୌରାଞ୍ଚଳ କମିଟି ପକ୍ଷରୁ ଉପସଭାପତି ଆବିଦ୍ ଖାନ୍, ସଂପାଦକ ମୋହିନୀ ମୋହନ ପରିଡ଼ା, ଟିଭିସିର ସଦସ୍ୟ ଟିପିରି ସିଂ, ରାମଚନ୍ଦ୍ର ପରିଡ଼ା, ଦୀନବନ୍ଧୁ ସାହୁ, ପ୍ରଶାନ୍ତ ସେଠୀ, ମନୋଜ କୁମାର ରାଠୋର, ଗୌତମ ଦାସ, ସେକ୍ ସମିମ୍, ସନ୍ତୋଷ ସାହୁ, ଦେବକୀ ଦତ୍ତ, ରତନ କୁମାର ଗିରି, ଏମ୍. ଆଲୋପରାଓ, ଅଭିରାମ ବାରିକ୍, ଶଶୀଧର ନାଥ, ସନ୍ୟାସୀ ବାରିକ୍, ସେକ୍ ଇସଲାମ୍, ପ୍ରଭାସ ସିଂ, ବୁଲୁ ନାୟକ ପ୍ରମୁଖ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଶ୍ରୀଯୁକ୍ତ ଭି. କାର୍ତ୍ତିକେୟନ୍ ପାଣ୍ଡିୟେନ୍‌ଙ୍କ ଠାରେ ଉପସ୍ଥାପନ କରାଯାଇଛି। ଉତ୍କଳ ବାଳାଶ୍ରମ ପରିସରରେ ଶ୍ରୀଯୁକ୍ତ ପାଣ୍ଡିୟେନ୍ ପଥ ବିକ୍ରେତା ସଂଘର ଏହି ଦାବିପତ୍ର ଗ୍ରହଣ କରି ବାଲେଶ୍ୱର ପୌର କର୍ତ୍ତୃପକ୍ଷଙ୍କ ବେଆଇନ ଉଚ୍ଛେଦ ପ୍ରକ୍ରିୟା ବନ୍ଦ କରାଯିବ ଓ ଟିଭିସି କମିଟି ନିୟମିତ ବୈଠକର ସର୍ବସମ୍ମତି ନିଷ୍ପତ୍ତି ଭିତ୍ତିରେ ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବାର ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ।

# ଆଡ଼ପ ମଣ୍ଡପରେ ମତ୍ସ୍ୟ ଓ କଚ୍ଛପ ଅବତାରରେ ଦର୍ଶନ ଦେଲେ ଶ୍ରୀଜୀଉ

ନୀଳଗିରି, ୨୩/୦୬ (ନି.ପ୍ର): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ପବିତ୍ର ଘୋଷଯାତ୍ରା ଅବସରରେ ଆଡ଼ପମଣ୍ଡପର ରତ୍ନସିଂହାସନରେ ବିଜେ ଚତୁର୍ଦ୍ଧାମୂର୍ତ୍ତିଙ୍କର ପ୍ରଥମ ଦିନରେ ଶ୍ରୀଜୀଉଙ୍କ ମତ୍ସ୍ୟ ଓ କଚ୍ଛପ ଅବତାର ଦେଖିବାକୁ ମିଳିଥିଲା। ସନ୍ଧ୍ୟା ୭.୩୦ମିନିଟ୍ ପରେ ଦର୍ଶନାର୍ଥୀଙ୍କ ପାଇଁ ଦ୍ୱାର ଖୋଲାହେବା ପରେ ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଶ୍ରୀଜୀଉ ଙ୍କୁ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥିଲେ। ଶୃଙ୍ଖଳାର ସହ ଦର୍ଶନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଧାଡ଼ିରେ ଭକ୍ତମାନେ ମହାବାହୁଙ୍କୁ ଦର୍ଶନ କରିବା ସହିତ ଆଶିଷ ଭିକ୍ଷା କରିଥିଲେ। ଆଜି ମା ଲକ୍ଷ୍ମୀସାଆନ୍ତାଣୀଙ୍କ ଅଭିମାନର ମଧୁର ପ୍ରତୀକ ରଥ କାଠ ଭଙ୍ଗା ନୀତି ହେରା ପଞ୍ଚମୀ ସହ ଶ୍ରୀଜୀଉ ମାନଙ୍କର ଲକ୍ଷ୍ମୀ ନାରାୟଣ ବେଶ ଅନୁଷ୍ଠିତ ହେବ। ଏନେଇ ନୀଳଗିରି ଠାକୁରମାହଲ ପକ୍ଷରୁ ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି।

# ସାମାନ୍ୟ ବର୍ଷାରେ ଧସିଲା କୋଦଳା ଇନଡୋର ଷ୍ଟାଡ଼ିୟମ୍ କାନ୍ଥ

ଗଞ୍ଜାମ, ୨୩/୦୬ (ନି.ପ୍ର): ସାମାନ୍ୟ ବର୍ଷାରେ ଗତକାଲି ରାତିରେ ଗଞ୍ଜାମ କୋଦଳା ଇନଡୋର ଷ୍ଟାଡ଼ିୟମ୍ ର କାନ୍ଥ ଧସିଛି । ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଓ ନିମ୍ନମାନର କାର୍ଯ୍ୟ ଯୋଗୁଁ କାମ ସରିବା ଆଗରୁ ଷ୍ଟାଡ଼ିୟମ୍ ର କାନ୍ଥ ଧସିଥିବା ସାଧାରଣରେ ଅଭିଯୋଗ ହୋଇଛି । ଘଟଣାର ଭିଜିଲାନ୍ସ ତଦନ୍ତ ପାଇଁ ଦାବି ହେଉଛି ।

# ମଇଁଷାମୁଣ୍ଡାରେ ରଥଯାତ୍ରା ସମାରୋହ ଓ ଭଜନ ସନ୍ଧ୍ୟା

ଲଂଗଳେଶ୍ୱର ୨୩/୬(ନି ପ୍ର ) ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ମଇଁଷାମୁଣ୍ଡା ଠାରେ ସ୍ଥାନୀୟ ଶଙ୍କରନାଥ କ୍ଲବ ଓ ଗ୍ରାମବାସୀଙ୍କ ସହଯୋଗରେ ଗୁରୁବାର ରଥଯାତ୍ରା ସମାରୋହ ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ସଭାପତି ନାରାୟଣ ପ୍ରସାଦ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ଆବାହକ ତଥା ଶିକ୍ଷାବିତ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି , ସରପଞ୍ଚ ଦେବ କୁମାର ଦେ ,ଗାୟକ ଗୀତିକାର ରମା ନାଥ କର ,ବରିଷ୍ଠ ନାଗରିକ ଶ୍ରୀନିବାସ ସାହୁ, ବଂଶୀଧର ସାହୁ, ରମାକାନ୍ତ ସାହୁ, ଅଜୟ କୁମାର ସାହୁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ରଥଯାତ୍ରାର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ପୂଜା କମିଟିର ଆବାହକ ରଞ୍ଜନ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶଙ୍କର ନାଥ କ୍ଲବର ସୁଦର୍ଶନ ସାହୁ, ଅନିଲ କୁମାର ସାହୁ, ଜୟ କୃଷ୍ଣ ସାହୁ, ସଞ୍ଜୟ କୁମାର ସାହୁ, ଲମ୍ବୋଦର ମାଣିକ, ବିଘ୍ନ ରାଜ ପଡ଼ିଆରୀ, ବିଭାଶିଷ ଦେ, ମୃତ୍ୟୁଞ୍ଜୟ ସାହୁ, କାଳି ଚରଣ ଗିରି, ମିଳନ ସାହୁ ,ଭାବଶଙ୍କର ସାହୁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ପରେ ସଙ୍ଗୀତ ନିର୍ଦ୍ଦେଶକ ରାଧା ରମଣ ରାଉତ, ରାମନାଥ କର , ସୁଚୀସ୍ମିତା ବାରିକ ପ୍ରମୁଖ ଭଜନ ପରିବେଷଣ କରିଥିଲେ।




# କର୍ଡ଼ନ ପାସ୍ ଓ ବାଇକ୍ ପାସ୍ ମାଳ ମାଳ

ପୁରୀ, ୨୩/୦୬ (ନି.ପ୍ର): ଚଳତିବର୍ଷ ରଥଯାତ୍ରାରେ କର୍ଡ଼ନ ପାସ୍, ବାଇକ୍ ପାସ୍ ଓ କାର ପାସ୍ ମାଳ ମାଳ ସଂଖ୍ୟାରେ ପୁରୀ ବୁଲୁଥିବା ଦେଖିବାକୁ ମିଳୁଛି। ଅନାମଧେୟ ବ୍ୟକ୍ତିମାନେ ପାସ୍ ଧରି ବୁଲୁଥିବା ବେଳେ ସେମାନଙ୍କ ପାଖରେ ସେହି ସଂସ୍ଥାର ପ୍ରକୃତ ପରିଚୟ ପତ୍ର ନଥିବା ଦେଖିବାକୁ ମିଳିଛି । ପାସ୍ କେବଳ ନାମକୁ ମାତ୍ର । କର୍ଡ଼ନ ଭିତରେ ଯେତିକି ସଂଖ୍ୟକ ପାସ୍ ଧାରି ବ୍ୟକ୍ତି ରହିବା କଥା ତା ଠାରୁ ଅଧିକ ବ୍ୟକ୍ତି କର୍ଡ଼ନ ଭିତରେ ପ୍ରବେଶ କରିଥିଲେ। ରଥଟଣା ସମୟରେ କର୍ଡ଼ନ ପାସଧାରିମାନେ ବହୁ ସଂଖ୍ୟାରେ ବଡ଼ଦାଣ୍ଡର ଦୁଇପାର୍ଶ୍ୱକୁ ଯାଉଥିବା ବେଳେ ଠେଲାପେଲାରରେ ଶିକାର ହୋଇଥିଲେ । ବିଶେଷକରି ଜିଲ୍ଲା ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଗୋଟିଏ ଗୋଟିଏ ଅନୁଷ୍ଠାନକୁ ୧୦ରୁ ୨୦ ପର୍ଯ୍ୟନ୍ତ କର୍ଡ଼ନ ପାସ୍, ବାଇକ ପାସ୍ ବଂଟନ କରାଯାଇଥିବା ବହୁ ଅଭିଯୋଗ ଶ୍ରୀଗୁଣ୍ଡିଚା ଦିନ ସାମ୍ବାଦିକ ମାନଙ୍କ ସେଡ଼ରେ ଆଲୋଚନା ହେଉଥିଲା। ଜଣେ କରତିକର୍ମା ତଳିଆ କର୍ମଚାରୀ ଅନେକ ପାସ୍ ରାତିରେ ହାତ ଚିକ୍କଣ କରି ବଂଟନ କରିଥିବା ଆଲୋଚନା ହେଉଥିଲା । କେତେ ପାସ୍ କାହାକୁ ବଂଟନ କରାଯାଇଛି, କେଉଁ ସଂସ୍ଥା କେତୋଟି ପାସ୍ ନେଇଛି ତା'ର ପରିଚୟ ପତ୍ର ଓ ମୋବାଇଲ ନମ୍ବର ସମ୍ପର୍କରେ କେତେକ ସୂଚନା କର୍ମୀ ସୂଚନା ମାଗିବା ପାଇଁ ଆଲୋଚନା କରୁଥିବା ଶୁଣିବାକୁ ମିଳୁଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo